# ଗଣିତ ବଦଳାଇଦେଲେ ହେମନ୍ତ

## ଜେଏମ୍ଏମ୍‌ର ୪୬ ବର୍ଷର ଇତିହାସରେ ସର୍ବୋତ୍ତମ ପ୍ରଦର୍ଶନ

**ରାଞ୍ଚି,୨୩।୧୨**

ଜେଏମ୍ଏମ୍ ନିଜ ୪୬ ବର୍ଷର ଇତିହାସରେ ପ୍ରଥମଥର ପାଇଁ ଏତେ ବଡ଼ ସଫଳତା ପାଇଛି। ଏହାସହ ଦଳର ନେତା ହେମନ୍ତ ସୋରେନ ଦ୍ୱିତୀୟଥର ଲାଗି ଝାଡ଼ଖଣ୍ଡର ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ଲୋକ ସଭା ନିର୍ବାଚନରେ ଭାଜପାକୁ ବିପୁଳ ସଫଳତା ମିଳିବା ପରେ ଜେଏମ୍ଏମ୍ ନିଜ ଘର ସଜାଡ଼ିବାକୁ ଉଦ୍ୟମ ଆରମ୍ଭ କରିଥିଲା। କଂଗ୍ରେସ ଏବଂ ଆର୍‌ଜେଡି ସହ ମିଶି ବିଧାନସଭା ନିର୍ବାଚନ ଲଢ଼ିବାକୁ ଦଳ ପକ୍ଷରୁ ସ୍ଥିର କରାଯାଇଥିଲା। ଏହା ପୂର୍ବରୁ ୨୦୧୮ ମାର୍ଚ୍ଚରେ ଅକ୍ସଫୋର୍ଡ, ସସେକ୍ସ, ଏସେକ୍ସ ୟୁନିଭର୍ସିଟି ଏବଂ ଟାଟା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସର ଏକ ୧୨ ଜଣିଆ ଟିମ୍ ହେମନ୍ତଙ୍କ ପାଇଁ ରଣନୀତି ପ୍ରସ୍ତୁତ କରିଥିଲେ। ସେବେଠୁ ହେମନ୍ତ ଟୁଇଟର ଓ ଫେସ୍‌ବୁକ୍ ଭଳି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମରେ ଅତ୍ୟନ୍ତ ସକ୍ରିୟ ହୋଇଥିଲେ। ଲୋକ ସଭା ନିର୍ବାଚନରେ ପରାଜୟ ପରେ ସେ ରଣନୀତି ପରିବର୍ତ୍ତନ କରି ସବୁ ବର୍ଗର ଲୋକଙ୍କ ସହ ମିଶିବା ଆରମ୍ଭ କରିଥିଲେ। ସେ 'ବଦଲାଓ୍ୱ ଯାତ୍ରା' ନାମରେ ଏକ ଯାତ୍ରା କରିଥିଲେ, ଯାହାକି ଗତ ଅକ୍ଟୋବର ୧୯ରେ ଶେଷ ହୋଇଥିଲା। ନିଯୁକ୍ତି କ୍ଷେତ୍ରରେ ସ୍ଥାନୀୟ ଯୁବପିଢ଼ିଙ୍କ ପାଇଁ ସଂରକ୍ଷଣର ପ୍ରତିଶ୍ରୁତି ତାଙ୍କୁ ଏହି ନିର୍ବାଚନରେ ସଫଳତା ଦେବାର ଅନ୍ୟତମ କାରଣ ବୋଲି କୁହାଯାଉଛି। ଏଥର ତାଙ୍କ ନିର୍ବାଚନୀ ପ୍ରଚାରର ମୁଖ୍ୟ ସ୍ଲୋଗାନ ଥିଲା 'ଝାଡ଼ଖଣ୍ଡ ମାଙ୍ଗେ ଯୁବା ସରକାର, ଝଡ଼ଖଣ୍ଡୀ ସରକାର'। ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କ ପ୍ରତି ଆଦିବାସୀଙ୍କ କ୍ଷୋଭ ଓ ଅସନ୍ତୋଷ ବଢ଼ିବାରେ ଲାଗିଥିବାବେଳେ ହେମନ୍ତ ସେମାନଙ୍କ ପ୍ରକୃତ ବିକାଶର ସ୍ୱପ୍ନ ଦେଖାଇଥିଲେ। ଫଳରେ ଏହି ନିର୍ବାଚନ 'ରଘୁବର ବନାମ ହେମନ୍ତ'ରେ ପରିଣତ ହୋଇଥିଲା।



ଜେଏମ୍ଏମ୍ ମେଣ୍ଟକୁ ବିପୁଳ ସଫଳତା ମିଳିବା ପରେ ଖବରଦାତା ସମ୍ମିଳନୀରେ ହେମନ୍ତ ସୋରେନ।

## ୬ ବର୍ଷ ପରେ କ୍ଷମତାକୁ ଫେରିଲେ

ଜେଏମ୍ଏମ୍ କାର୍ଯ୍ୟକାରୀ ଅଧ୍ୟକ୍ଷ ହେମନ୍ତ ସୋରେନ ୬ ବର୍ଷ ପରେ ପୁଣି ଥରେ ମୁଖ୍ୟମନ୍ତ୍ରୀ ହେବାକୁ ଯାଉଛନ୍ତି। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ଆଦିବାସୀ ନେତା ଶିବୁ ସୋରେନଙ୍କ ପୁଅ ହେମନ୍ତ ବିଧାନସଭା ନିର୍ବାଚନରେ ଜେଏମ୍ଏମ୍-କଂଗ୍ରେସ-ଆର୍‌ଜେଡି ମେଣ୍ଟର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ଥିଲେ। ୧୯୭୫ ଅଗଷ୍ଟ ୧୦ରେ ରାମଗଡ଼ ଜିଲାର ନେମ୍ରା ଗ୍ରାମରେ ଜନ୍ମିତ ହେମନ୍ତ ମେକାନିକାଲ ଇଞ୍ଜିନିୟରିଂ ପାସ୍ କରିଥିବା ତାଙ୍କର ଘନିଷ୍ଠ ସହଯୋଗୀମାନେ କହୁଥିବାବେଳେ ସେ ନାମାଙ୍କନପତ୍ର ଦାଖଲ ବେଳେ ଶିକ୍ଷାଗତ ଯୋଗ୍ୟତା ଇଣ୍ଟରମିଡିଏଟ୍ ପାସ୍ ବୋଲି ଦର୍ଶାଇଥିଲେ। ୨୦୦୫ରେ ସେ ପ୍ରଥମେ ନିର୍ବାଚନୀ ରାଜନୀତିରେ ପ୍ରବେଶ କରି ଡୁମୁକାରୁ ପ୍ରାର୍ଥୀ ହୋଇଥିଲେ। ତେବେ ସେ ଦଳୀୟ ବିଦ୍ରୋହୀ ପ୍ରାର୍ଥୀ ଷ୍ଟିଫେନ୍ ମାର୍ଣ୍ଡିଙ୍କଠାରୁ ହାରିଯାଇଥିଲେ। ୨୦୦୯ରେ ତାଙ୍କ ବଡ଼ଭାଇ ଦୁର୍ଗାଙ୍କ ପରଲୋକ ପରେ ହେମନ୍ତଙ୍କୁ ଦଳରେ ବଡ଼ ଦାୟିତ୍ୱ ମିଳିଥିଲା। ସେ ୨୦୦୯ ଜୁନ୍ ୨୪ରୁ ୨୦୧୦ ଜାନୁୟାରୀ ୪ ପର୍ଯ୍ୟନ୍ତ ରାଜ୍ୟ ସଭା ସଦସ୍ୟ ଥିଲେ। ପରେ ସେ ଅର୍ଜୁନ ମୁଣ୍ଡାଙ୍କ ନେତୃତ୍ୱାଧୀନ ମେଣ୍ଟ ସରକାରରେ ଉପମୁଖ୍ୟମନ୍ତ୍ରୀ ହୋଇଥିଲେ। ୨୦୧୩ରେ ସେ ରାଜ୍ୟର ସର୍ବକନିଷ୍ଠ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରି ୨୦୧୪ ଡିସେମ୍ବର ପର୍ଯ୍ୟନ୍ତ କ୍ଷମତାରେ ରହିଥିଲେ।

## ଗୁରୁଜୀଙ୍କ ଆଶୀର୍ବାଦ ନେଲେ

### ସାଇକେଲ ଚଳାଇ ଦେଲେ ସନ୍ତୁଳିତ ରାଜନୀତିର ବାର୍ତ୍ତା

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପରିଣାମ ଆସିବାରେ ଲାଗିଥିବାବେଳେ ଜେଏମ୍ଏମ୍ ନେତା ହେମନ୍ତ ସୋରେନ ତାଙ୍କ ବାପା ତଥା ଦଳର ଅଧ୍ୟକ୍ଷ ଶିବୁ ସୋରେନ(ଗୁରୁଜୀ)ଙ୍କୁ ଭେଟିଥିଲେ। ସେ ବାପା ଏବଂ ମା' ରୂପୀ ସୋରେନଙ୍କ ଚରଣ ସ୍ପର୍ଶ କରି ତାଙ୍କୁ ଧନ୍ୟବାଦ ଦେଇଥିଲେ। ଏହାସହ ବାପାଙ୍କ ବାସଭବନ ପରିସରରେ ସେ ଏକ ସାଇକେଲ ଚଳାଉଥିବା ଦେଖିବାକୁ ମିଳିଥିଲା। ଜିନ୍ସ ପ୍ୟାଣ୍ଟ ଓ ଜ୍ୟାକେଟ ପିନ୍ଧି ତାଙ୍କର ସାଇକେଲରେ ଚକ୍କର ମାରୁଥିବା ଦୃଶ୍ୟ ଟିଭି ଚ୍ୟାନେଲଗୁଡ଼ିକରେ ଆସିବା ପରେ ଏହାର ନାନା ରାଜନୈତିକ ନିହିତାର୍ଥ ବାହାର କରାଯାଉଛି। କଂଗ୍ରେସ ଓ ଆର୍‌ଜେଡି ସହ ମିଶି ନିର୍ବାଚନ ଜିତିଥିବାରୁ ଆଗକୁ ଏହି ଦୁଇଦଳକୁ ସାଙ୍ଗରେ ନେଇ ଏକ ସନ୍ତୁଳିତ ସରକାର ଚଳାଇବା ପାଇଁ ପ୍ରସ୍ତୁତ ବୋଲି ହେମନ୍ତ ଏକ ସୁଦୂରପ୍ରସାରୀ ରାଜନୈତିକ ବାର୍ତ୍ତା ଦେଇଥିବା କୁହାଯାଉଛି। ସେହିପରି ସାଇକେଲ ଚଳାଇ ସେ ଯୁବବର୍ଗଙ୍କ ପ୍ରତିନିଧିତ୍ୱର ସନ୍ଦେଶ ଦେଇଥିବା ମଧ୍ୟ କେତେଜଣ ରାଜନୈତିକ ବିଶ୍ଳେଷକ କହିଛନ୍ତି।



ରାଞ୍ଚିରେ ବାପା ଶିବୁ ସୋରେନଙ୍କଠାରୁ ଆଶୀର୍ବାଦ ନେଉଛନ୍ତି ଭାବୀ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ।

## କିଏ କ'ଣ କହିଲେ



"ଝାଡ଼ଖଣ୍ଡବାସୀଙ୍କ ଜନାଦେଶକୁ ଆମେ ସମ୍ମାନ ଦେଉଛୁ। ୫ ବର୍ଷ ପାଇଁ ରାଜ୍ୟର ସେବା କରିବାର ସୁଯୋଗ ଦେଇଥିବାରୁ ହୃଦୟରୁ ସେମାନଙ୍କୁ କୃତଜ୍ଞତା ଜଣାଉଛୁ।

**– ଅମିତ ଶାହା, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ**



"ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ଫଳାଫଳ ଏନ୍‌ଆର୍‌ସି ଏବଂ ସିଏଏ ବିରୋଧରେ ଜନାଦେଶ।

**–ଅରବିନ୍ଦ କେଜରିଓ୍ୱାଲ, ଦିଲ୍ଲୀ ମୁଖ୍ୟମନ୍ତ୍ରୀ**



"ଭାଜପା ଉପରୁ ଝାଡ଼ଖଣ୍ଡ ଭୋଟରଙ୍କ ଭରସା ତୁଟିବା ସହ ସେମାନେ ହେମନ୍ତ ସୋରେନଙ୍କ ନେତୃତ୍ୱରେ ଜେଏମ୍ଏମ୍-କଂଗ୍ରେସ-ଆର୍‌ଜେଡି ମେଣ୍ଟ ପ୍ରତି ଆସ୍ଥା ସ୍ଥାପନ କରିଛନ୍ତି।

**–ମମତା ବାନାର୍ଜୀ, ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ**



"ଅମିତ୍ ଶାହାଙ୍କ ନେତୃତ୍ୱାଧୀନ ଦଳକୁ ଝାଡ଼ଖଣ୍ଡର ଆଦିବାସୀ ଓ ଗରିବ ଜନସାଧାରଣ ପ୍ରତ୍ୟାଖ୍ୟାନ କରିଛନ୍ତି। ପରାଜୟ ପାଇଁ ଭାଜପା ଆତ୍ମସମୀକ୍ଷା କରିବା ଆବଶ୍ୟକ।

**– ସଞ୍ଜୟ ରାଉତ୍, ଶିବସେନା ଏମ୍‌ପି**



"ଲୋକେ ଅଣଭାଜପା ଦଳ ସହ ଥିବା ଫଳାଫଳରୁ ସ୍ପଷ୍ଟ ହୋଇଛି। ରାଜସ୍ଥାନ, ଛତିଶଗଡ଼, ମହାରାଷ୍ଟ୍ର ପରେ ଝାଡ଼ଖଣ୍ଡବାସୀ ଭାଜପାକୁ କ୍ଷମତାଠାରୁ ଦୂରେଇ ରଖିବାକୁ ନିଷ୍ପତ୍ତି ନେଇଛନ୍ତି।

**– ଶରଦ ପାଓ୍ୱାର, ଏନ୍‌ସିପି ଅଧ୍ୟକ୍ଷ**



ରାଜ୍ୟପାଳ ଦ୍ରୌପଦୀ ମୁର୍ମୁଙ୍କୁ ଇସ୍ତଫାପତ୍ର ଦେଉଛନ୍ତି ମୁଖ୍ୟମନ୍ତ୍ରୀ ରଘୁବର ଦାସ।

## କାହିଁକି ଭୁଶୁଡ଼ିଲା ଭାଜପା ଦୁର୍ଗ

**ରଘୁବରଙ୍କ ଅହଂକାର, ଆଦିବାସୀ ବିରୋଧୀ ଛବି ଯୋଗୁ ଘଟିଲା ପତନ**

ଭାଜପାର ଝାଡ଼ଖଣ୍ଡ ଦୁର୍ଗ କାହିଁକି ଭୁଶୁଡ଼ିଲା ସେନେଇ ନାନା ଚର୍ଚ୍ଚା ହେଉଛି। ୨୦୦୦ ମସିହାରେ ବିହାରରୁ ଅଲଗା ହୋଇ ଝାଡ଼ଖଣ୍ଡ ସ୍ୱତନ୍ତ୍ର ରାଜ୍ୟର ମାନ୍ୟତା ପାଇବା ପରେ ରାଜ୍ୟରେ ପ୍ରଥମଥର ପାଇଁ ଏକ ସ୍ଥିର ସରକାର ଦେଇଥିଲା ଭାଜପା। କିନ୍ତୁ ମୁଖ୍ୟମନ୍ତ୍ରୀ ରଘୁବର ଦାସଙ୍କୁ ଏଥର ଯୁଦ୍ଧଭୂଇଁରେ ପରାଜିତ ହେବାକୁ ପଡ଼ିଛି। କେନ୍ଦ୍ରର ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ) ସହ ରଘୁବରଙ୍କ ଅହଂକାର ଓ ବହୁଥିବା ସରକାର ବିରୋଧୀ ହାଓ୍ୱା ଭାଜପାର ଦୁର୍ଗ ପତନର କାରଣ ବୋଲି କୁହାଯାଉଛି। ରଘୁବର ଦାସଙ୍କ ସରକାର ଚେଟଙ୍ଗପୁର ଟେନାନ୍ସି ଆଇନ ଓ ସାନ୍ତାଳ ପ୍ରଗଣା ଟେନାନ୍ସି ଆଇନରେ ସଂଶୋଧନ ପାଇଁ ବିଫଳ ଉଦ୍ୟମ କରିଥିଲେ। ଆଦିବାସୀ ସମ୍ପ୍ରଦାୟର ବ୍ୟକ୍ତି କୌଣସି ଅଣଆଦିବାସୀଙ୍କୁ ନିଜ ଜମି ବିକ୍ରି କରିପାରିବେ ନାହିଁ ବୋଲି ଏହି ପ୍ରସ୍ତାବିତ ଆଇନରେ ବ୍ୟବସ୍ଥା ରହିଥିଲା। ଏହାକୁ ନେଇ ରଘୁବରଙ୍କ ଛବି ଆଦିବାସୀ ବିରୋଧୀ ହୋଇଯାଇଥିଲା। ଏପରି କି ରଘୁବରଙ୍କ ଅହଂକାରୀ ବ୍ୟବହାରକୁ ନେଇ ତାଙ୍କ ଦଳର ଅନେକ ନେତା ଅଭିଯୋଗ କରିଆସୁଥିଲେ। ସେହିପରି ସିଏଏକୁ ନେଇ ଅସନ୍ତୁଷ୍ଟ ରାଜ୍ୟବାସୀ କେନ୍ଦ୍ରର ମୋଦି ସରକାରଙ୍କୁ ଜବାବ ଦେବାକୁ ଯାଇ ରଘୁବର ସରକାରଙ୍କୁ ପ୍ରତ୍ୟାଖ୍ୟାନ କରିଥିବା କୁହାଯାଉଛି।

## ଅଭିନନ୍ଦନ ଜଣାଇଲେ ମୋଦି

**ନୂଆଦିଲ୍ଲୀ,୨୩।୧୨(ପି.ଟି.)**–ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ବିରୋଧୀ ମେଣ୍ଟ ବିଜୟୀ ହୋଇଥିବାରୁ ଜେଏମ୍ଏମ୍ ନେତା ହେମନ୍ତ ସୋରେନ୍‌ଙ୍କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଅଭିନନ୍ଦନ ଜଣାଇଛନ୍ତି। ନିର୍ବାଚନରେ ଭାଜପା ପରାଜିତ ହୋଇଥଲେ ମଧ୍ୟ ରାଜ୍ୟ ପାଇଁ କାମ କରିବା ଜାରି ରଖିବ ଓ ଜନକୈନ୍ଦ୍ରିକ ପ୍ରସଙ୍ଗ ଉଠାଇବ ବୋଲି ପ୍ରଧାନମନ୍ତ୍ରୀ ଟୁଇଟ୍ କରିଛନ୍ତି। ଝାଡ଼ଖଣ୍ଡକୁ କିଛି ବର୍ଷ ହେଲା ସେବା କରିବା ପାଇଁ ସୁଯୋଗ ଦେଇଥିବାରୁ ପ୍ରଧାନମନ୍ତ୍ରୀ ରାଜ୍ୟବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି ଏବଂ ଦଳୀୟ କର୍ମୀମାନଙ୍କ ଉଦ୍ୟମକୁ ପ୍ରଶଂସା କରିଛନ୍ତି।

## କଂଗ୍ରେସ ହାତରେ ୫ ରାଜ୍ୟ

ଝାଡ଼ଖଣ୍ଡ ନିର୍ବାଚନରେ ଭାଜପାର ପରାଜୟ ପରେ କଂଗ୍ରେସ ହାତରେ ଏପରି ୫ଟି ରାଜ୍ୟ ରହିଛି, ଯେଉଁଠି ଦଳ ନିଜେ କିମ୍ବା ସହଯୋଗୀଙ୍କୁ ନେଇ କ୍ଷମତାରେ ଅଛି। ଗତବର୍ଷ କଂଗ୍ରେସ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ଦଖଲ କରିଥିବା ବେଳେ ପଞ୍ଜାବ ଓ କେନ୍ଦ୍ରଶାସିତ ଅଞ୍ଚଳ ପୁଡୁଚେରୀ ମଧ୍ୟ ହାତରେ ରହିଛି। ମହାରାଷ୍ଟ୍ରରେ ଏହି ଦଳ ଶିବସେନା ଓ ଏନ୍‌ସିପି ସହ ମିଶି ସରକାରରେ ଅଂଶିଦାର ଅଛି।

## ଭାଜପା ହାତରୁ ଖସୁଛି ରାଜ୍ୟ

**ନୂଆଦିଲ୍ଲୀ,୨୩।୧୨**–ଆଗକୁ ବିଧାନସଭା ନିର୍ବାଚନ ଆସିଲେ ଭାଜପା ହିଁ ଜିତିବ ବୋଲି ବର୍ଷକ ତଳେ ପ୍ରାୟତଃ ମନେହେଉଥିଲା। ୨୦୧୪ରେ ନରେନ୍ଦ୍ର ମୋଦି କେନ୍ଦ୍ରରେ କ୍ଷମତାସୀନ ହେବା ପରଠୁ ଭାଜପା ବିଧାନସଭା ନିର୍ବାଚନଗୁଡ଼ିକରେ ବିଜୟୀ ହେଉଥିଲା। ପ୍ରଧାନମନ୍ତ୍ରୀ ମୋଦି ଏବଂ ଦଳର ଅଧ୍ୟକ୍ଷ ଅମିତ୍ ଶାହାଙ୍କ ନେତୃତ୍ୱରେ ଏହାର ବିକାଶ ଯାତ୍ରା ଦିଲ୍ଲୀ ଓ ବିହାରକୁ ଛାଡ଼ିଦେଲେ ବାକି ସବୁ ରାଜ୍ୟରେ ଆଗେଇ ଚାଲିଥିଲା। ୨୦୧୮ରେ ଭାଜପା ୨୧ ରାଜ୍ୟରେ (ନିଜେ କିମ୍ବା ଆଞ୍ଚଳିକ ସହଯୋଗୀଙ୍କୁ ନେଇ) କ୍ଷମତାସୀନ ଥିବାବେଳେ ହରିୟାଣା, ମହାରାଷ୍ଟ୍ର ଓ ଝାଡ଼ଖଣ୍ଡ ନିର୍ବାଚନରେ ଦଳକୁ ଝଟକା ଲାଗିଲା। ଝାଡ଼ଖଣ୍ଡ ପରାଜୟ ପରେ ଗୈରିକ ଦଳର ପଦ୍ମ ଖସି ଖସି ଯାଉଛି ବୋଲି ରାଜନୈତିକ ବିଶ୍ଳେଷକମାନେ କହୁଛନ୍ତି।




୩ ଗୁରୁତ୍ୱପୂର୍ଣ୍ଣ ହିନ୍ଦୀଭାଷୀ ରାଜ୍ୟ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ବିଧାନସଭା ନିର୍ବାଚନରେ ଭାଜପାର ପରାଜୟ ପରେ ଏହାର ବିଜୟରଥରେ ଏକପ୍ରକାର ରୋକ ଲାଗିଥିଲା। କର୍ନାଟକରେ ଭାଜପା ସରକାର ଗଠନ ପାଇଁ ବହୁମତ ପାଇ ନ ଥିଲା। କଂଗ୍ରେସ-ଜେଡିଏସ୍‌ର ନିର୍ବାଚନ ପରବର୍ତ୍ତୀ ମେଣ୍ଟ ଗୈରିକ ଦଳକୁ ସରକାର ଗଠନ କରିବାକୁ ରୋକିଦେଇଥିଲା। ତେବେ ମେଣ୍ଟର ୧୭ ବିଧାୟକ ଆସ୍ଥାଭୋଟ ବେଳେ ଅନୁପସ୍ଥିତ ରହିବାରୁ ଏଚ୍.ଡି. କୁମାରସ୍ୱାମୀ ସରକାରର ପତନ ଘଟିଥିଲା। ଉପନିର୍ବାଚନରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ବିଜୟୀ ହେବା ପରେ ଭାଜପାର ବି.ଏସ୍. ୟେଦ୍ଦୁରପ୍ପାଙ୍କ ମୁଖ୍ୟମନ୍ତ୍ରୀ ଗାଦି ସୁରକ୍ଷିତ ରହିଲା। ସେପଟେ ୨୦୧୯ ସାଧାରଣ ନିର୍ବାଚନରେ ମୋଦିଙ୍କ ଜୋର୍‌ଦାର ବିଜୟ ସତ୍ତ୍ୱେ ପରବର୍ତ୍ତୀ ସମୟରେ ବିଧାନସଭା ନିର୍ବାଚନଗୁଡ଼ିକରେ ଭାଜପାର ବିଜୟ ରଥ ଅଟକିଯାଇଥିଲା। ହରିୟାଣାରେ ଭାଜପାକୁ ସରକାର ଗଠନ ପାଇଁ ନବଗଠିତ ଜେଜେପି ଉପରେ ନିର୍ଭର କରିବାକୁ ପଡ଼ିଲା। ସେହିପରି ମହାରାଷ୍ଟ୍ରରେ ଗୈରିକ ଦଳ ତା'ର ସର୍ବପୁରାତନ ସହଯୋଗୀ ଶିବସେନା ସହ ବୁଝାମଣା କରିବାରେ ବିଫଳ ହେବାରୁ ଏହା ଦୁର୍ବଳ ହୋଇଛି। ଏଠାରେ କଂଗ୍ରେସ ଏବଂ ଏନ୍‌ସିପିକୁ ନେଇ ଗଠିତ 'ମହା ଅଘାଡ଼ି' ଉଦ୍ଧବ ଠାକ୍‌ରେଙ୍କୁ ମୁଖ୍ୟମନ୍ତ୍ରୀ କରିଛି। ମହାରାଷ୍ଟ୍ରରେ ଭାଜପା କ୍ଷମତାଚ୍ୟୁତ ହେବା ପରେ ୨୦୧୮ ମାର୍ଚ୍ଚ ତୁଳନାରେ ଭାରତର ରାଜନୈତିକ ମାନଚିତ୍ର ବଦଳିଯାଇଛି। ସମ୍ପ୍ରତି ଭାଜପା କେବଳ କର୍ନାଟକ, ଉତ୍ତରାଖଣ୍ଡ, ହିମାଚଳପ୍ରଦେଶ, ଉତ୍ତରପ୍ରଦେଶ, ଗୁଜରାଟ, ଅରୁଣାଚଳପ୍ରଦେଶ ଓ ତ୍ରିପୁରାରେ ସଂଖ୍ୟାଗରିଷ୍ଠତା ସହ ରହିଛି। ଏହାର ତାତ୍ପର୍ଯ୍ୟ ହେଉଛି ଏହି ରାଜ୍ୟଗୁଡ଼ିକରେ କୌଣସି ସହଯୋଗୀ ଦଳ ମେଣ୍ଟରୁ ଓହରିଗଲେ ବି ଭାଜପାକୁ କ୍ଷମତାରେ ରହିବା ପାଇଁ ଫରକ୍ ପଡ଼ିବନାହିଁ। ଏହାବ୍ୟତୀତ ଅନ୍ୟ ୮ ରାଜ୍ୟରେ କ୍ଷମତା ପାଇଁ ଭାଜପା ସମ୍ପୂର୍ଣ୍ଣ ଭାବେ ଏହାର ସହଯୋଗୀ ଦଳଗୁଡ଼ିକ ଉପରେ ନିର୍ଭରଶୀଳ କିମ୍ବା ଏକ ଆଞ୍ଚଳିକ ଦଳର କନିଷ୍ଠ ସହଯୋଗୀ ଭାବେ ଅବତୀର୍ଣ୍ଣ ହୋଇଛି। ଭାଜପାର ସରକାର ଥିବା ୧୬ ରାଜ୍ୟ ମଧ୍ୟରୁ ୧୧ଟିରେ ବିଧାନସଭା ସଦସ୍ୟଙ୍କ ସଂଖ୍ୟା ୧୦୦ରୁ କମ୍। ତେଣୁ ଏହା ଭାଜପା ପାଇଁ ବଡ଼ ସଫଳତା ଭାବେ ପରିଗଣିତ ହୋଇ ନ ପାରେ।

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନରେ ପରାଜୟ ପରେ ଭାଜପା ଶାସିତ ଭୂଖଣ୍ଡ ୩୫%କୁ ଖସିଆସିଛି, ଯାହାକି ୨୦୧୭ ବେଳକୁ ସର୍ବାଧିକ ୭୧% ଥିଲା। ସେତେବେଳେ ଦେଶର ସମସ୍ତ ହିନ୍ଦୀଭାଷୀ ରାଜ୍ୟରେ ଭାଜପା ସରକାର ଚାଲିଥିଲା।





ଯେଉଁମାନଙ୍କ ବୁଦ୍ଧି ସବୁଠାରୁ କମ୍, ସେହିମାନେ ହିଁ ସବୁଠାରୁ ବେଶି କଥା କହନ୍ତି। -ପ୍ଲାଟୋ



## ସଂକ୍ଷେପରେ

### ଜେଲ ଗଲେ ସହକାରୀ ଯନ୍ତ୍ରୀ

**କଟକ ଅଫିସ, ୨୩।୧୨:** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଗ୍ରାମ୍ୟ ନିର୍ମାଣ ବିଭାଗର ସହକାରୀ ଯନ୍ତ୍ରୀ ସୁବଳ କୁମାର ପଣ୍ଡା ଜେଲ୍‌ଯାଇଛନ୍ତି। ପଣ୍ଡା ଏବେ କେନ୍ଦୁଝର ଜିଲା ଶାଳପଡ଼ା ଉପଖଣ୍ଡରେ କାର୍ଯ୍ୟରତ। ଗତ ଶନିବାର ଭିଜିଲାନ୍ସ ପକ୍ଷରୁ ପଣ୍ଡାଙ୍କ ଶାଳପଡ଼ାସ୍ଥିତ ସରକାରୀ କ୍ୱାର୍ଟର୍ସ, ଅଫିସ, ରାଉରକେଲାଠାରେ ଥିବା ୩ ମହଲା କୋଠା, ଭୁବନେଶ୍ୱରର ଚନ୍ଦ୍ରଶେଖରପୁରଠାରେ ଥିବା ଫ୍ଲାଟ୍, ଭୁବନେଶ୍ୱରର ପାତ୍ରପଡ଼ାଠାରେ ଥିବା ୩ବିଏଚ୍‌କେ ଫ୍ଲାଟ୍, ମାହାଙ୍ଗା ଥାନା ସବଳକଣା ଗ୍ରାମରେ ଥିବା ଘର ସହିତ ରାଉରକେଲା, ସାକ୍ଷୀଗୋପାଳ ଓ ଭୁବନେଶ୍ୱର ଶୈଳଶ୍ରୀବିହାରଠାରେ ଥିବା ମେସର୍ସ ଟ୍ରାଇପ୍ଲସ୍ ସଲ୍ୟୁଶନ ପ୍ରାଇଭେଟ୍ ଲିମିଟେଡ୍‌କୁ ଯାଞ୍ଚ କରାଯାଇଥିଲା। ଉପରୋକ୍ତ ସ୍ଥାନଗୁଡ଼ିକୁ ଯାଞ୍ଚ କରାଯିବା ପରେ ୨ କୋଟି ୪ ଲକ୍ଷ ୮୩ହଜାର ୧୭୬ ଟଙ୍କାର ସ୍ଥାବର ଅସ୍ଥାବର ସମ୍ପତ୍ତି ଠାବ କରାଯାଇଛି। ଏଥିରେ ଏକାଧିକ କୋଠା, ୪ ଚକିଆ ଯାନ ଓ ବ୍ୟାଙ୍କ ଜମା ସହିତ ବୀମା ଓ ସୁନାଗହଣା ଆଦି ରହିଛି। ପଣ୍ଡାଙ୍କ ଆୟବ୍ୟୟର ହିସାବ କରାଯିବା ପରେ ସେ ୧ କୋଟି ୬୬ ଲକ୍ଷ ୪୦ହଜାର ୭୪୬ ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ଭିଜିଲାନ୍ସ ସୂଚନା ଦେଇଛି। ଉକ୍ତ ଟଙ୍କାର ଠିକ୍ ହିସାବ ସେ ଭିଜିଲାନ୍ସକୁ ଦେଇପାରି ନ ଥିଲେ। ଏ ନେଇ ଭିଜିଲାନ୍ସ ସେଲ୍ ଥାନାରେ ମାମଲା (ନଂ.୨୦/୧୯) ରୁଜୁ କରାଯିବା ସହ ପଣ୍ଡାଙ୍କୁ ଗିରଫ କରି କୋର୍ଟଚାଲାଣ କରାଯାଇଥିଲା। କୋର୍ଟରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ତେବେ ଭିଜିଲାନ୍ସରେ ରୁଜୁ ହୋଇଥିବା ମାମଲାରେ ପଣ୍ଡାଙ୍କ ସମେତ ତାଙ୍କ ସ୍ତ୍ରୀ ମଧ୍ୟ ପକ୍ଷଭୁକ୍ତ କରାଯାଇଛି।

# ‘ଶିକ୍ଷକମାନେ ସାଧନା କରିବାକୁ ପଡ଼ିବ’



କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରିବା ଅବସରରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ ସାହୁ ଓ ଅନ୍ୟ ଅତିଥିମାନେ।

**ବିଜେଇଏମ୍ ସ୍କୁଲର ବାର୍ଷିକ ଉତ୍ସବ**

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)

ବକ୍ସି ଜଗବନ୍ଧୁ ଇଂଲିଶ୍ ମିଡିୟମ (ବିଜେଇଏମ୍) ସ୍କୁଲର ବାର୍ଷିକ ଉତ୍ସବ ଡ୍ରିମ୍‌ସ୍କେପ୍-୨୦୧୯ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଉଚ୍ଚଶିକ୍ଷା ମନ୍ତ୍ରୀ ଅରୁଣ କୁମାର ସାହୁ ଯୋଗଦେଇ ଉତ୍ସବକୁ ଉଦ୍‌ଘାଟନ କରି କହିଥିଲେ, ମଣିଷର ମୂଲ୍ୟ ବଢ଼ି ବଢ଼ି ଯାଉଛି, କିନ୍ତୁ ମୂଲ୍ୟବୋଧ କମି କମି ଯାଉଛି। ଶିକ୍ଷକ, ଛାତ୍ରୀଛାତ୍ର ଓ ଅଭିଭାବକ ଅଙ୍ଗାଙ୍ଗୀ ଭାବେ ଜଡ଼ିତ ହେବା ଉଚିତ। ତେବେ ଯାଇ ଶିକ୍ଷା ବ୍ୟବସ୍ଥାରେ ପରିବର୍ତ୍ତନ ଆସିବ। ଶିକ୍ଷକମାନଙ୍କୁ ପିଲାଙ୍କ ମା’ ଓ ବାପା ବୋଲି ବିବେଚନା କରି ପ୍ରଥମେ ସାଧନା କରିବାକୁ ପଡ଼ିବ। ସେହି ସାଧନା ସଫଳ ହେଲେ ସେମାନେ ଶିକ୍ଷକତାର ସମ୍ପୂର୍ଣ୍ଣ ପାହାଚ ଅତିକ୍ରମ କରିବାକୁ ସମର୍ଥ ହେବେ। ଅଭିଭାବକଙ୍କ ଉଦ୍ଦେଶ୍ୟରେ ମନ୍ତ୍ରୀ ସାହୁ କହିଥିଲେ ଯେ, ପିଲାମାନଙ୍କ ମଧ୍ୟରେ ମୂଲ୍ୟବୋଧର ଅବକ୍ଷୟ ଏବଂ ଭାବର ଅଭାବବୋଧକୁ ଲକ୍ଷ୍ୟ କରି ଅଭିଭାବକମାନେ ଶିଶୁ ସହ ଶିଶୁ ହୋଇ ସରଳତା, ସତ୍ୟତା, ନିର୍ଭୀକତା, ସଙ୍କୋଚତା, ସ୍ନେହ ମମତାକୁ ଆଦରିଲେ ପିଲାମାନେ ମଣିଷ ପରି ମଣିଷ ହୋଇପାରିବେ। ବିଦ୍ୟାଳୟ ପରିଚାଳନା କମିଟି ଚେୟାରମ୍ୟାନ୍ ରଘୁନାଥ ମିଶ୍ର ଯୋଗଦେଇ ପିଲାଙ୍କ ଭିତରେ ଥିବା ଅନ୍ତର୍ନିହିତ ଗୁଣାବଳୀର ବିକାଶ ତଥା ସାମାଜିକ କ୍ଷେତ୍ରରେ ଦାୟିତ୍ୱବୋଧ ସୃଷ୍ଟି ନିମନ୍ତେ ପିଲାଙ୍କ ମନରେ ଏପରି କାର୍ଯ୍ୟକ୍ରମର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମତ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟି ମ୍ୟାନେଜର ପ୍ରତାପ କୁମାର ଜେନା ସ୍ୱାଗତ ଭାଷଣ ପ୍ରଦାନ କରିବା ସହ ଅଭିଭାବକତ୍ୱ ଓ ଶିକ୍ଷା-ଶିକ୍ଷକ-ଶିକ୍ଷାୟତନ ଉପରେ ଗୁରୁତ୍ୱରୋପ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ଆଡିସିନାଲ୍ ମ୍ୟାନେଜର୍ ଚିତ୍ତରଞ୍ଜନ ବୈରିଶାଲ୍, କମିଟି ସଦସ୍ୟମାନେ, ପର୍ଯ୍ୟବେକ୍ଷକ ଶିବାନୀ ପଟ୍ଟନାୟକ, ବରଦା ପ୍ରସାଦ ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟାଳୟର ଅଧ୍ୟକ୍ଷା ସନ୍ଧ୍ୟା ଜେନା ବିଦ୍ୟାଳୟ ତଥା ପିଲାମାନଙ୍କ କୃତିତ୍ୱ ଓ ଅବଦାନ ଉତ୍କୃଷ୍ଟତାକୁ ଉପସ୍ଥାପନ ପୂର୍ବକ ବିଦ୍ୟାଳୟର ବାର୍ଷିକ ବିବରଣୀ ପାଠ କରିଥିଲେ। କାର୍ଯ୍ୟକ୍ରମରେ ବିଦ୍ୟାଳୟର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ବିଦ୍ୟାଳୟର ଉପାଧ୍ୟକ୍ଷା ପଲ୍ଲବୀ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ପିଲାଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ, ଓଡ଼ିଶୀ, ଗୀତିନାଟ୍ୟ, ଆଧୁନିକ ନୃତ୍ୟ, ନାଟକ ଆଦି ପରିବେଷିତ ହୋଇଥିଲା। ଏହି ଉତ୍ସବ ଦୁଇଦିନ ଧରି ଅନୁଷ୍ଠିତ ହେବ।

# ସଙ୍ଗୀତ, ନୃତ୍ୟରେ ବିଭୋର ହେଲେ ଦର୍ଶକ

ବାଲକାଟୀ, ୨୩।୧୨(ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ହୀରାପୁର ଗ୍ରାମସ୍ଥିତ ପ୍ରସିଦ୍ଧ ତନ୍ତ୍ରପୀଠ ଚଉଷଠି ଯୋଗିନୀ ପୀଠରେ ତ୍ରୟୋଦଶ ଅନ୍ତର୍ଜାତୀୟ ଯୋଗିନୀ ମହୋତ୍ସବ ସୋମବାର ଉଦ୍‌ଘାଟିତ ହୋଇଯାଇଛି। ୩ଦିନ ଧରି ହେବାକୁ ଥିବା ଏହି ଉତ୍ସବର ପ୍ରଥମ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ପର୍ଯ୍ୟଟନ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ପ୍ରଥମରେ ଓଡ଼ିଶା ସଙ୍ଗୀତ ଜଗତର ପ୍ରବାଦ ପୁରୁଷ ଗୁରୁ ପ୍ରଫେସର ରାମହରି ଦାସଙ୍କ କଣ୍ଠରୁ ମା’ ଚଉଷଠି ଯୋଗିନୀଙ୍କ ଆରାଧନା କରି ସଙ୍ଗୀତ ସନ୍ଧ୍ୟା ଆରମ୍ଭ ହୋଇଥିଲା। ଗୁରୁ ଦାସଙ୍କ ସଙ୍ଗୀତର ମର୍ଦ୍ଦଳରେ ସହଯୋଗ କରିଥିଲେ ଗୁରୁ ଧନେଶ୍ୱର ସ୍ୱାଇଁ। ଦ୍ୱିତୀୟ କାର୍ଯ୍ୟକ୍ରମରେ ନୃତ୍ୟ ପ୍ରତିଭା ଅନୁଷ୍ଠାନ ପକ୍ଷରୁ ନୃତ୍ୟଶିଳ୍ପୀମାନେ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ଦେବୀଙ୍କ ଚଉଷଠି ସ୍ୱରୂପକୁ ଆରାଧ କରି ଗୁରୁ ପ୍ରତିଭା ପଣ୍ଡାଙ୍କ ନିର୍ଦ୍ଦେଶନାରେ ହୋଇଥିବା ନୃତ୍ୟକୁ ଖୁବ୍ ସୁନ୍ଦର ଭାବେ ମଞ୍ଚସ୍ଥ କରିଥିଲେ ନୃତ୍ୟଶିଳ୍ପୀ ଆଦିତ୍ୟ ଅର୍ଚ୍ଚନା, ଯାହା ଶୀତୁଆ ରାତିରେ ଦର୍ଶକଙ୍କୁ ବେଶ୍ ବାନ୍ଧି ରଖିଥିଲା। ମହୋତ୍ସବର ତୃତୀୟ ପର୍ଯ୍ୟାୟରେ ନୂଆଦିଲ୍ଲୀରୁ ଆସିଥିବା ଗୁରୁ ଶାନ୍ତନୁ ଚକ୍ରବର୍ତ୍ତୀ ଓ ସାଥୀମାନେ ଭାରତ ନାଟ୍ୟମ୍ ପରିବେଷଣ କରିଥିଲେ। ଏହାପରେ ବାଲେଶ୍ୱରର ଗୋପାଳ ମହାପାତ୍ରଙ୍କ ଦ୍ୱାରା ପରିବେଷିତ ସମ୍ବଲପୁର ନୃତ୍ୟରେ ଦର୍ଶକ ବିଭୋର ହୋଇଥିଲେ। କାର୍ଯ୍ୟକ୍ରମର ଅନ୍ତିମ ପର୍ଯ୍ୟାୟରେ ଗୁରୁ ରାମହରି ଦାସଙ୍କ ତ୍ରୟୋଦଶ ଚଉଷଠି ଯୋଗିନୀ ସଙ୍ଗୀତ ସମ୍ମାନ ଓ ଧୀରେନ୍ଦ୍ର ନାଥ ମଲ୍ଲିକଙ୍କୁ ଚଉଷଠି ଯୋଗିନୀ ନାଟ୍ୟ ସମ୍ମାନରେ ମୁଖ୍ୟଅତିଥି ମନ୍ତ୍ରୀ ପାଣିଗ୍ରାହୀ ସମ୍ମାନିତ କରିଥିଲେ। ମହୋତ୍ସବରେ ଓଡ଼ିଶା ପୋଲିସ ହାଉସିଂ କର୍ପୋରେଶନର ସିଏମ୍‌ଡି ଲଳିତ ଦାସ, ସଂସ୍କୃତି ବିଭାଗର ପ୍ରମୁଖ ସଚିବ ରାମକୃଷ୍ଣ ସାହୁ, ଏସ୍‌ବିଆଇର ସିଜିଏମ୍ ପ୍ରବୀନ କାଲା ଅତିଥି ଭାବେ ଯୋଗଦେଇଥିଲେ।



ଅନ୍ତର୍ଜାତୀୟ ଯୋଗିନୀ ମହୋତ୍ସବରେ ପରିବେଷିତ ଓଡ଼ିଶୀ ନୃତ୍ୟ ।

# ଆରମ୍ଭ ହେଲା ବିଶ୍ୱ ଓଡ଼ିଶୀ ଉତ୍ସବ

ଭୁବନେଶ୍ୱର, ୨୩।୧୨ (ବ୍ୟୁରୋ)




ସାଂସ୍କୃତିକୀ ପକ୍ଷରୁ ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ରରେ ବିଶ୍ୱ ଓଡ଼ିଶୀ ନୃତ୍ୟ ଉତ୍ସବ ଆରମ୍ଭ ହୋଇଛି। ଗୋଟିପୁଅ ନୃତ୍ୟଶିଳ୍ପୀ ସ୍ୱର୍ଗତ ଗୁରୁ ବୀରବର ସାହୁଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗୀକୃତ ଏହି ଉତ୍ସବରେ ନୃତ୍ୟ ପରିବେଷଣ କରିବେ ୧୫ ଦେଶ ଓ ବିଭିନ୍ନ ରାଜ୍ୟର କଳାକାର। ମାଲେସିଆର ଇନ୍ଦ୍ରାଣୀ ଡ୍ୟାନ୍ସ ଏକାଡେମୀ ନିର୍ଦ୍ଦେଶିକା ଡ. ଇନ୍ଦ୍ରାଣୀଙ୍କ ନିର୍ଦ୍ଦେଶନାରେ ଦଳଗତ ନୃତ୍ୟ ପରିବେଷଣରୁ ଆରମ୍ଭ ହୋଇଥିଲା ଉଦ୍‌ଘାଟନୀ ସନ୍ଧ୍ୟା।

**କଳା ପ୍ରଦର୍ଶନ କରିବେ ୧୫ ଦେଶର କଳାକାର**

ଜୟାତି ବସୁଙ୍କ ଦ୍ୱାରା ‘ଦୁର୍ଗାସ୍ତୁତି’, ଆମେରିକାରୁ ଆସିଥିବା ନୃତ୍ୟଶିଳ୍ପୀ କୌଉସ୍ତୁଭୀ ସରକାରଙ୍କ ଦ୍ୱାରା ଅଷ୍ଟପଦୀରେ ‘ସଖୀ ହେ’ ଓ ଶେଷରେ ତ୍ରିଧାରା ନୃତ୍ୟାନୁଷ୍ଠାନ ପକ୍ଷରୁ ଗୁରୁ ଗଜେନ୍ଦ୍ର ପଣ୍ଡାଙ୍କ ନିର୍ଦ୍ଦେଶନାରେ ଦଳଗତଭାବେ ମଙ୍ଗଳାଚରଣରେ ‘ଲକ୍ଷ୍ମୀ-ନୃସିଂହ ଧ୍ୟାନ’ ଓ ରାମ ଭଜନ ଓଡ଼ିଶୀନୃତ୍ୟ ପରିବେଷିତ ହୋଇଥିଲା। ଆମେରିକାର ଅଂଶିକା ରଥଙ୍କ ଦ୍ୱାରା ପ୍ରସ୍ତୁତ ‘ମଧୁରାଷ୍ଟକମ୍’ ଦର୍ଶକଙ୍କୁ ବିମୋହିତ କରିଥିଲା। ପଣ୍ଡିତ ନିତ୍ୟାନନ୍ଦ ମିଶ୍ର, ଡ. ସଙ୍ଗୀତା ଗୋସାଇଁ, ଡ. ରୀନା ରାଉତରାୟ, ପଦ୍ମଶ୍ରୀ ଅରୁଣା ମହାନ୍ତି, ଏସ୍.କେ. ତାମୋଟିଆ, ଗୁରୁ ରତିକାନ୍ତ ମହାପାତ୍ର, ଗୁରୁ ଗଜେନ୍ଦ୍ର ପଣ୍ଡା, ଗୁରୁ କସ୍ତୁରୀ ପଟ୍ଟନାୟକ, ଗୁରୁ ରାମହରି ଦାଶ, କେଦାର ମିଶ୍ର ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ଶ୍ୟାମହରି ଚକ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୁନି କୁନି ନୃତ୍ୟଶିଳ୍ପୀ ନୃତ୍ୟକଳା ପ୍ରଦର୍ଶନ କରିଥିଲେ। ପ୍ରଥମ ପର୍ଯ୍ୟାୟରେ ‘ବର୍ତ୍ତମାନର ଓଡ଼ିଶୀ: ବିବିଧତା ଓ ସମ୍ଭାବନା’ ସମ୍ପର୍କିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସମସ୍ତ ନୃତ୍ୟଶିଳ୍ପୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ଓଡ଼ିଶୀ ଉତ୍ସବରେ ଶିଶୁ ନୃତ୍ୟଶିଳ୍ପୀ ଜିଭିକା କୁମାରୀ ଓଡ଼ିଶୀ ପରିବେଷଣ କରୁଛନ୍ତି।

## ଚିଟ୍‌ଫଣ୍ଡ ଠକେଇ ମାମଲା
# ଶାଖା ପରିଚାଳକଙ୍କୁ ଜେଲ୍, ଜରିମାନା

କଟକ ଅଫିସ, ୨୩।୧୨

ଜଗତ୍‌ସିଂହପୁର ଜିଲା ରଘୁନାଥପୁରଠାରେ ଥିବା ମାଇକ୍ରୋ ଫାଇନାନ୍ସ କ୍ରେଡିଟ କୋଅପରେଟିଭ ଲିମିଟେଡ୍‌ର ଶାଖା ପରିଚାଳକ ଅମୂଲ୍ୟ ମହାନ୍ତିଙ୍କୁ ଜେଲ୍ ଓ ଜରିମାନା ଦଣ୍ଡାଦେଶ ହୋଇଛି। କଟକ ସ୍ୱତନ୍ତ୍ର ଚିଟ୍‌ଫଣ୍ଡ ଅଦାଲତ ମହାନ୍ତିଙ୍କୁ ଦୋଷୀ ସାବ୍ୟସ୍ତ କରି ୫ ବର୍ଷ ଜେଲ୍ ଓ ୧ ଲକ୍ଷ ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ମହାନ୍ତିଙ୍କଠାରୁ ଆଦାୟ ଟଙ୍କାକୁ ୪ ଜଣ ଜମାକାରୀଙ୍କ ମଧ୍ୟରେ ୨୦ହଜାର ଟଙ୍କା ଲେଖାଏ ବଣ୍ଟନ କରିବାକୁ ଆଦେଶ ହୋଇଛି। ଶାଖା ପରିଚାଳକ ମହାନ୍ତିଙ୍କ ବିରୋଧରେ ଚିଟ୍‌ଫଣ୍ଡ ଠକେଇକୁ ନେଇ ମାମଲା ରୁଜୁ ହୋଇଥିଲା। ଲୋକଙ୍କୁ ପ୍ରଲୋଭନ ଦେଖାଇ ବହୁ ଟଙ୍କା ଠକି ନେଇଥିବା ଅଭିଯୋଗ ହେବା ପରେ ରଘୁନାଥପୁର ପୋଲିସ ମହାନ୍ତିଙ୍କୁ ୨୦୧୪ରେ ଗିରଫ କରିଥିଲା।


# ନିୟନ୍ତ୍ରିତ ବଜାର କମିଟି, ନିମାପଡା, ପୁରୀ ଜିଲ୍ଲା

## ଧାନ କ୍ରୟ ବିଜ୍ଞାପନ

**ପୁରୀ ଜିଲ୍ଲା ଖରିଫ ଫସଲ ବର୍ଷ ୨୦୧୯-୨୦ ଧାନକ୍ରୟ କେନ୍ଦ୍ର (ସେବା ସମବାୟ ସମିତି) ଏବଂ ତତ୍ ସହିତ ଅନ୍ତର୍ଭୁକ୍ତ ଗ୍ରାମ/ଗ୍ରାମପଞ୍ଚାୟତ ଓ୍ୱାରୀ କ୍ରୟ ଦିବସ ନିମ୍ନରେ ପ୍ରଦତ୍ତ କରାଗଲା।**

ଏହାଦ୍ୱାରା ପୁରୀ ଜିଲ୍ଲାର ନିମାପଡ଼ା ନିୟନ୍ତ୍ରିତ ବଜାର କମିଟି ଅନ୍ତର୍ଗତ ସମସ୍ତ ଧାନଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡ଼ିଶା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଓ ପୁରୀ ଜିଲ୍ଲା ପ୍ରଶାସନର ନିଷ୍ପତ୍ତି ସମସ୍ତ ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃମାନଙ୍କ ଦ୍ୱାରା ଚଳିତ ଖରିଫ ୨୦୧୯-୨୦ ବିପଣନ ବର୍ଷ ପାଇଁ ତା୨୦।୧୨।୨୦୧୯ରିଖ (ଶୁକ୍ରବାର) ଠାରୁ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ସର୍ବନିମ୍ନ ସହାୟକ ମୂଲ୍ୟ ସାଧାରଣ ଧାନ (FAQ) ପ୍ରତି କ୍ୟୁ. ଟ.୧୮୧୫/- ଏବଂ ଗ୍ରେଡ୍ ଏ ଧାନ ପ୍ରତି କ୍ୟୁ. ଟ.୧୮୩୫/- ମୂଲ୍ୟରେ ସରକାରୀ ଛୁଟି ଦିବସ ବ୍ୟତୀତ କ୍ରୟ କରାଯିବାର ବ୍ୟବସ୍ଥା କରାଯାଇଛି। ଏଣୁ ସମ୍ପୃକ୍ତ ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃରେ ଅନ୍‌ଲାଇନ୍ ପ୍ରକ୍ରିୟାରେ ନାମ ପଞ୍ଜୀକରଣ କରିଥିବା ସମସ୍ତ ଚାଷୀଭାଇ ଓ ଭଉଣୀମାନେ ତାଙ୍କର ଉତ୍ପାଦିତ ବଳକା ଧାନ ସବୁକୁ ଖରରେ ଶୁଖାଇ ବାଲି, ମାଟି, କୁଟା, ଅଗାଡି ଇତ୍ୟାଦିକୁ ଭଲଭାବରେ ସଫା କରି (FAQ) ମାନକୁ ଉନ୍ନତ କରାଇ ନିର୍ଦ୍ଧାରିତ ଦିବସରେ ସଂଲଗ୍ନ କ୍ରୟ କେନ୍ଦ୍ରକୁ ଆଣିବା ପାଇଁ ଅନୁରୋଧ। ଏଥି ସମ୍ବନ୍ଧୀୟ ସବିଶେଷ ବିବରଣୀ ନିକଟସ୍ଥ ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃ ସମ୍ପାଦକଙ୍କଠାରୁ ଅବଗତ ହୋଇପାରିବେ।

ଧାନର ଗୁଣାତ୍ମକ ମାନ-

ଧାନ ବ୍ୟବସାୟ ଉପଯୋଗୀ, ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମଆକାର ଏବଂ ଏକ କିସମର ହୋଇଥିବା ଆବଶ୍ୟକ। ଏହା ପୋକରା, ଦୁର୍ଗନ୍ଧ ଓ ବିଷାକ୍ତମୁକ୍ତ ହୋଇଥିବ।

| କ୍ର. ନଂ. | ଧାନରେ ମିଶ୍ରିତ ନିକୃଷ୍ଟ ବା ବାହ୍ୟ ପଦାର୍ଥ | ଏଫ୍.ଏ.କ୍ୟୁ. ମାନର ଧାନ ପାଇଁ ସର୍ବୋଚ୍ଚ ସୀମା (ଶତକଡ଼ା) |
|---|---|---|
| ୦୧ | ବାଲି, ମାଟି, ଗୋଡ଼ି, ପଥର ବା ଧୂଳି ଇତ୍ୟାଦି ଅଜୈବିକ ପଦାର୍ଥ | ୧.୦% |
| ୦୨ | କାଠି, କୁଟା, ଧୂଷ, ଅଗାଡ଼ି ବା ପୋଲା ଇତ୍ୟାଦି ଜୈବିକ ବାହ୍ୟ ପଦାର୍ଥ | ୧.୦% |
| ୦୩ | ଖରାପ, ବେରଙ୍ଗୀ, ପାଣିଫୁଲା ବା ପୋକ ଇତ୍ୟାଦି | ୫.୦% |
| ୦୪ | ଅପରିପକ୍ୱ, କଞ୍ଚା, ସବୁଜ, ବଙ୍କା ଓ ସଙ୍କୁଚିତ ଇତ୍ୟାଦି | ୩.୦% |
| ୦୫ | ସରୁଧାନରେ ମିଶ୍ରିତ ମୋଟା ଧାନ (କେବଳ ଗ୍ରେଡ-ଏ ଧାନ ନିମନ୍ତେ) | ୬.୦% |
| ୦୬ | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭.୦% |

**ଧାନର ନିର୍ଦ୍ଧାରିତ ସରକାରୀ ଦର**

| ଧାନର ମାନ | | କ୍ୱିଣ୍ଟାଲ ପ୍ରତି (୧୦୦ କେ.ଜି.) |
|---|---|---|
| ଗ୍ରେଡ୍ ଏ କିସମ (ଏଫ୍.ଏ.କ୍ୟୁ.) | - | ଟ.୧୮୩୫.୦୦ |
| ସାଧାରଣ କିସମ (ଏଫ୍.ଏ.କ୍ୟୁ.) | - | ଟ.୧୮୧୫.୦୦ |

**ବିଶେଷ ଦ୍ରଷ୍ଟବ୍ୟ:** ୧) ଓଡ଼ିଶା ସରକାରଙ୍କ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଦ୍ୱାରା ୨୦୧୯-୨୦ ବିପଣନ ବର୍ଷର ଖରିଫ ଧାନ ତା୨୦।୧୨।୨୦୧୯ରିଖ ଠାରୁ ସଂଗ୍ରହ କରାଯିବ। (୨) ସମ୍ପୃକ୍ତ ପ୍ରାଥମିକ କୃଷି ସେବା ସମବାୟ ସମିତି ଲିଃର ଅନ୍‌ଲାଇନ୍ ବ୍ୟବସ୍ଥାରେ ପଞ୍ଜୀକୃତ ଚାଷୀମାନେ ସଂଲଗ୍ନ ଧାନକ୍ରୟ କେନ୍ଦ୍ରକୁ ବିକ୍ରିଯୋଗ୍ୟ ଧାନ ଆଣିବା ଜରୁରୀ। (୩) କିଷାନ କ୍ରେଡିଟ୍ କାର୍ଡ, ବିଜୁ କୃଷକ କୃଷି ଯୋଜନା କାର୍ଡ, ଭୋଟ ପରିଚୟ ପତ୍ର କିମ୍ବା ଆଧାର କାର୍ଡ ଅଥବା ନାମ ପଞ୍ଜୀକରଣ ସମୟରେ ଦେଇଥିବା ପରିଚୟ ପତ୍ର ସହିତ ବ୍ୟାଙ୍କ ପାସବୁକ୍ ଧାନକ୍ରୟ କେନ୍ଦ୍ରକୁ ନିଶ୍ଚିତ ଆଣନ୍ତୁ। ଧାନ ସଂଗ୍ରହର ଯଥେଷ୍ଟ ପୂର୍ବରୁ ଚାଷୀମାନଙ୍କ ସେମାନଙ୍କର ବିକ୍ରୟଯୋଗ୍ୟ ଧାନ ସଂଗ୍ରହ ଧାନ କ୍ରୟ କେନ୍ଦ୍ରରେ ଉପସ୍ଥିତ ରହିବା ପାଇଁ ଏସ୍.ଏମ୍.ଏସ୍. ମାଧ୍ୟମରେ ପଞ୍ଜୀକୃତ ମୋବାଇଲ ନମ୍ବରକୁ ବାର୍ତ୍ତା ପ୍ରେରଣ ସୁବିଧା କରାଯାଇଅଛି। ଉକ୍ତ ବାର୍ତ୍ତା ଆଧାରରେ ଅଗ୍ରିମ ଟୋକନ ସଂଗ୍ରହ ଧାନ କ୍ରୟକାରୀ ସମିତି କାର୍ଯ୍ୟାଳୟରେ ସଂଗ୍ରହ କରି ନିର୍ଦ୍ଧାରିତ ଦିନ ଏବଂ ସମୟ ମଧ୍ୟରେ ଧାନ ସମିତିରେ ପହଞ୍ଚାଇବା ପାଇଁ ଅନୁରୋଧ। (୪) ପ୍ରତ୍ୟେକ କ୍ରୟ ଦିବସ/ ତାରିଖରେ ଚାଷୀ ବିକ୍ରି କରିବା ପାଇଁ ସୁଯୋଗ ଦିଆଯିବ। (୫) ଚାଷୀଭାଇ ଓ ଭଉଣୀମାନେ ବିକ୍ରି କରିଥିବା ଧାନର ପ୍ରାପ୍ୟ ସେମାନଙ୍କର ବ୍ୟାଙ୍କ ଖାତାକୁ ଅନ୍‌ଲାଇନ୍ ପ୍ରକ୍ରିୟାରେ ୨୪ ଘଣ୍ଟାରୁ ୪୮ ଘଣ୍ଟା ମଧ୍ୟରେ ପ୍ରଦାନ ବ୍ୟବସ୍ଥା କରାଯାଇଅଛି। (୬) ଧାନ ସଂଗ୍ରହ କାର୍ଯ୍ୟକୁ ଶୃଙ୍ଖଳିତ, ସ୍ୱଚ୍ଛତା ଓ ପାରଦର୍ଶିତ ସହ ସମ୍ପାଦନ କରିବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତିବଦ୍ଧ।

ଜିଲ୍ଲା କଣ୍ଟ୍ରୋଲ ରୁମ୍ ଯୋଗାଯୋଗ ନମ୍ବର

| | |
|---|---|
| ଉପଜିଲ୍ଲାପାଳ, ପୁରୀ | - ୦୬୭୫୨-୨୨୨୦୫୯ |
| ଉପନିବନ୍ଧକ, ସମବାୟ ସମିତି, ପୁରୀ | - ୦୬୭୫୨-୨୨୩୫୮୧ |
| ସହକାରୀ ନିବନ୍ଧକ, ସମବାୟ ସମିତି, ପୁରୀ | - ୦୬୭୫୨-୨୨୩୩୯୬ |
| ଜିଲ୍ଲା ଯୋଗାଣ ଅଧିକାରୀ, ପୁରୀ | - ୦୬୭୫୨-୨୨୨୨୨୮ |
| ସମ୍ପାଦକ, କେନ୍ଦ୍ର ସମବାୟ ବ୍ୟାଙ୍କ, ପୁରୀ | - ୦୬୭୫୨-୨୨୪୫୫୩ |
| ସମ୍ପାଦକ, ନିୟନ୍ତ୍ରିତ ବଜାର ସମିତି, ସାକ୍ଷୀଗୋପାଳ | - ୦୬୭୫୨-୨୭୨୨୬୨ |
| ସମ୍ପାଦକ, ନିୟନ୍ତ୍ରିତ ବଜାର କମିଟି, ନିମାପଡ଼ା | - ୦୬୭୫୮-୨୫୨୨୦୧ |
| ସହକାରୀ ଯୋଗାଣ ଅଧିକାରୀ (Procurement) | - ୮୯୮୪୧୫୨୫୯୭ |
| ସମ୍ପାଦକ, ଆର୍.ଏମ୍.ସି. ନିମାପଡ଼ା | - ୯୯୩୭୩୧୦୭୫୬ |
| ସମ୍ପାଦକ, ଆର୍.ଏମ୍.ସି. ସାକ୍ଷୀଗୋପାଳ | - ୯୬୬୮୫୮୫୨୩୪/ ୭୦୦୮୬୯୩୫୯୨ |

ଆସନ୍ତା ଖରିଫ ୨୦୧୯-୨୦ ବର୍ଷକୁ ସାଫଲ୍ୟ ମଣ୍ଡିତ କରିବା ପାଇଁ ପୁରୀ ଜିଲ୍ଲାର ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ସହଯୋଗ ଏକାନ୍ତ କାମ୍ୟ।

**ପୁରୀ ଜିଲ୍ଲା ଖରିଫ ବର୍ଷ ୨୦୧୯-୨୦ ଧାନ କ୍ରୟ କେନ୍ଦ୍ର (ସେବା ସମବାୟ ସମିତି) ଏବଂ ତତ୍ ସହିତ ଗ୍ରାମ/ ଗ୍ରାମପଞ୍ଚାୟତ ଓ୍ୱାରୀ କ୍ରୟ ଦିବସ ନିମ୍ନରେ ପ୍ରଦତ୍ତ କରାଗଲା**

| କ୍ର. ନଂ. | ବ୍ଲକର ନାମ | କ୍ର.ନଂ. | ସମିତିର ନାମ | ଧାନକ୍ରୟ କେନ୍ଦ୍ରର ନାମ | ସଂଲଗ୍ନ ଗ୍ରା.ପ.ର ନାମ | ଧାନକ୍ରୟ ବାର |
|---|---|---|---|---|---|---|
| ୧ | ଅସ୍ତରଙ୍ଗ | ୧ | କେନ୍ଦ୍ରାପଟୀ | କେନ୍ଦ୍ରାପଟୀ | କେନ୍ଦ୍ରାପଟୀ | ବୁଧବାର ଓ ଶୁକ୍ରବାର |
| ୨ | | ୨ | ଅଠତିରା | ଅଠତିରା | ଅଳଙ୍ଗପୁର, ଅଳସାହି | ବୁଧବାର ଓ ଶୁକ୍ରବାର |
| ୩ | | ୩ | କଣ୍ଟାପଇର | କଣ୍ଟାପଇର | ମାଣ୍ଡୁକି | ବୁଧବାର ଓ ଶୁକ୍ରବାର |
| ୪ | | ୪ | ବନ୍ତିଲୋ | ବନ୍ତିଲୋ | କୋରଣା, ସରିପୁର | ବୁଧବାର ଓ ଶୁକ୍ରବାର |
| ୫ | | ୫ | ନଗର | ନଗର ଓ ନୂଆଗଡ | ନଗର, ନୂଆଗଡ, ଝାଡଲିଙ୍ଗ | ବୁଧବାର ଓ ଶୁକ୍ରବାର |
| ୬ | | ୬ | ଚକ୍ରପଡା | ସୁନ୍ଦରା | ପାଟଳଦା, ଛୁରିଅନା | ମଙ୍ଗଳବାର ଓ ଶନିବାର |
| ୭ | | ୭ | ସିସୋ | ସିସୋ | ସିସୋ | ବୁଧବାର ଓ ଶୁକ୍ରବାର |
| ୮ | | ୮ | ୟୁ.ବି. ନଇଗୁଆଁ | ୟୁ.ବି. ନଇଗୁଆଁ | ୟୁ.ବି. ନଇଗୁଆଁ | ବୁଧବାର ଓ ଶୁକ୍ରବାର |
| ୯ | | ୯ | ଅସ୍ତରଙ୍ଗ | ଅସ୍ତରଙ୍ଗ | ଅସ୍ତରଙ୍ଗ | ବୁଧବାର ଓ ଶୁକ୍ରବାର |
| ୧୦ | | ୧୦ | ଏଡବାଂଶ | ଖଣ୍ଡାସାହି | ତାଳଦା | ବୁଧବାର ଓ ଶୁକ୍ରବାର |
| ୧୧ | କାକଟପୁର | ୧ | ସୁହାଗପୁର | ଫକିର ସାହି | ସୁହାଗପୁର | ବୁଧବାର ଓ ଶୁକ୍ରବାର |
| ୧୨ | | ୨ | ଚିତ୍ରେଶ୍ୱରୀ | ଚିତ୍ରେଶ୍ୱରୀ | ଅବଦାନ, କୁରୁଜଙ୍ଗା, କୁଜଙ୍ଗ | ବୁଧବାର ଓ ଶୁକ୍ରବାର |
| ୧୩ | | ୩ | ଧନିତ୍ରୀ | ଧନିତ୍ରୀ | କାଦୁଅ, ନୂଆଗାଁ | ବୁଧବାର ଓ ଶୁକ୍ରବାର |
| ୧୪ | | ୪ | ପାଟସୁନ୍ଦରପୁର | ପାଟସୁନ୍ଦରପୁର | ପାଟସୁନ୍ଦରପୁର | ବୁଧବାର ଓ ଶୁକ୍ରବାର |
| ୧୫ | | ୫ | ମଙ୍ଗଳା | ମଙ୍ଗଳା | କାକଟପୁର | ବୁଧବାର ଓ ଶୁକ୍ରବାର |
| ୧୬ | | ୬ | ଲତାହରଣ | ଲତାହରଣ | ଲତାହରଣ, ଭଣ୍ଡାଘର | ବୁଧବାର ଓ ଶୁକ୍ରବାର |
| ୧୭ | | ୭ | କୁଣ୍ଢେଇ | କୁଣ୍ଢେଇ | ଜଳେଶ୍ୱରପଡ଼ା (ପାର୍ଟ), କୁଣ୍ଢେଇ (ପାର୍ଟ) | ବୁଧବାର ଓ ଶୁକ୍ରବାର |
| ୧୮ | | ୮ | ବାଙ୍ଗୁରିଗାଁ | ବାଙ୍ଗୁରିଗାଁ | ବାଙ୍ଗୁରିଗାଁ, ଜଳେଶ୍ୱରପଡା (ପାର୍ଟ) | ବୁଧବାର ଓ ଶୁକ୍ରବାର |
| ୧୯ | | ୯ | ଜାଗେଶ୍ୱରୀ | ଜାଗେଶ୍ୱରୀ | ଜାଗେଶ୍ୱରୀ, କୁରୁଜଙ୍ଗ | ମଙ୍ଗଳବାର ଓ ଶନିବାର |
| ୨୦ | | ୧୦ | ସନ୍ତରସ | ସନ୍ତରସ | କାଦୁଅ, ନୂଆଗାଁ (ପାର୍ଟ), ବାଙ୍ଗୁରିଗାଁ (ପାର୍ଟ) | ବୁଧବାର ଓ ଶୁକ୍ରବାର |
| ୨୧ | | ୧୧ | ଗମ୍ଭାରିପଦା | ଗମ୍ଭାରିପଦା | ଗମ୍ଭାରପଦା, କଣ୍ଟାପଡା | ବୁଧବାର ଓ ଶୁକ୍ରବାର |
| ୨୨ | | ୧୨ | ପାଟପୁର | ପାଟପୁର | ଜଳେଶ୍ୱରପଡା (ପାର୍ଟ), କୁଣ୍ଢେଇ (ପାର୍ଟ) | ବୁଧବାର ଓ ଶୁକ୍ରବାର |
| ୨୩ | | ୧୩ | ଓଥକା | ଓଥକା | ଓଥକା, ସୁହାଣପୁର | ବୁଧବାର ଓ ଶୁକ୍ରବାର |
| ୨୪ | | ୧୪ | ବିଭୂତିପୁର | ବିଭୂତିପୁର | କଟାକଣ | ବୁଧବାର ଓ ଶୁକ୍ରବାର |
| ୨୫ | | ୧୫ | ନାସିକେଶ୍ୱର | ନାସିକେଶ୍ୱର | ନାଶିକେଶ୍ୱର, ବାଙ୍ଗୁରିଗାଁ (ପାର୍ଟ), ଜଳେଶ୍ୱରପଡା (ପାର୍ଟ) | ବୁଧବାର ଓ ଶୁକ୍ରବାର |
| ୨୬ | ନିମାପଡା | ୧ | ତୁଳସୀପୁର | ତୁଳସୀପୁର | ତୁଳସୀପୁର | ମଙ୍ଗଳବାର ଓ ଶନିବାର |
| ୨୭ | | ୨ | ନୂଆସଛ | ନୂଆସଛ | ନୂଆସଛ (ପାର୍ଟ), ଉଛୁପୁର, କୋଟକୁସାଙ୍ଗ (ପାର୍ଟ) | ମଙ୍ଗଳବାର ଓ ଶନିବାର |
| ୨୮ | | ୩ | ପାଳଶ୍ରୀ | ପାଳଶ୍ରୀ | ତମ୍ପାଳୋ, ଛଣିଜଙ୍ଗ (ପାର୍ଟ) | ମଙ୍ଗଳବାର ଓ ଶନିବାର |
| ୨୯ | | ୪ | ଧଳେଶ୍ୱର | ଧଳେଶ୍ୱର | ଧଳେଶ୍ୱର, ଅନ୍ଧୁଆର, ରଟିଲୋ (ପାର୍ଟ) | ମଙ୍ଗଳବାର ଓ ଶନିବାର |
| ୩୦ | | ୫ | ବଳଙ୍ଗା | ବଳଙ୍ଗା | ବଳଙ୍ଗା | ମଙ୍ଗଳବାର ଓ ଶନିବାର |
| ୩୧ | | ୬ | ଓହଳ | ଓହଳ | ସଲଙ୍ଗ | ମଙ୍ଗଳବାର ଓ ଶନିବାର |
| ୩୨ | | ୭ | କେ.କନପୁର | ଛଣିଜଙ୍ଗ | ଛଣିଜଙ୍ଗ (ପାର୍ଟ), କନ୍ତିଆ, ଭୋଗଶାଳଦା (ପାର୍ଟ) | ବୁଧବାର ଓ ଶୁକ୍ରବାର |
| ୩୩ | | ୮ | ଗଦେଇଜେନା | ବାମନାଳ | ବାମନାଳ | ମଙ୍ଗଳବାର ଓ ଶନିବାର |
| ୩୪ | | ୯ | ଭଗବତୀପୁର | ଭଗବତୀପୁର | ଶାଇଁସ (ପାର୍ଟ) | ମଙ୍ଗଳବାର ଓ ଶନିବାର |
| ୩୫ | | ୧୦ | ଶାଇଁସ ଶାସନ | ଶାଇଁସ | ଶାଇଁସ ଶାସନ, ଗୋପୀନାଥପୁର | ମଙ୍ଗଳବାର ଓ ଶନିବାର |
| ୩୬ | | ୧୧ | ଉଛୁପୁର | ଉଛୁପୁର | ଉଛୁପୁର, ନୂଆସଛ (ପାର୍ଟ) | ମଙ୍ଗଳବାର ଓ ଶନିବାର |
| ୩୭ | | ୧୨ | ଏକମକୋଣା | ଏକମକୋଣା | ଶଗଡା | ମଙ୍ଗଳବାର ଓ ଶନିବାର |
| ୩୮ | | ୧୩ | ଗୋପାଳପୁର | ଗୋପାଳପୁର | ଭୋଦର, ମିଟେଇପୁର (ପାର୍ଟ) | ମଙ୍ଗଳବାର ଓ ଶନିବାର |
| ୩୯ | | ୧୪ | ବିଷ୍ଣୁପୁର | ଆର୍.ଏମ୍.ସି. ୟାର୍ଡ | ଭିଲିଗ୍ରାମ, ମିଟେଇପୁର (ପାର୍ଟ), ଡେଣୁଆଁ (ପାର୍ଟ) | ମଙ୍ଗଳବାର ଓ ଶନିବାର |
| ୪୦ | | ୧୫ | ଗଡତୋରିହଁ | ଗଡତୋରିହଁ | ବଡଶିରିବିଲା, ଅଲଣ୍ଡା (ପାର୍ଟ), ଅନ୍ଧୁଆର (ପାର୍ଟ) | ମଙ୍ଗଳବାର ଓ ଶନିବାର |
| ୪୧ | | ୧୬ | ହରିଆଠେଙ୍ଗ | ତେରୁଣ୍ଡିଆ | ତେରୁଣ୍ଡିଆ, ତମ୍ପାଳୋ (ପାର୍ଟ), ଭୋଗଶାଳଦା (ପାର୍ଟ) | ମଙ୍ଗଳବାର ଓ ଶନିବାର |
| ୪୨ | | ୧୭ | ହରିପୁର | ହରିପୁର | ହରିପୁର, ଗଡପଦନପୁର | ମଙ୍ଗଳବାର ଓ ଶନିବାର |
| ୪୩ | | ୧୮ | ଅଂଶାଳୋ | ଆର୍.ଏମ୍.ସି. ୟାର୍ଡ | ଭୋଗଶାଳଦା | ମଙ୍ଗଳବାର ଓ ଶନିବାର |
| ୪୪ | | ୧୯ | କପିଳେଶ୍ୱର | ଆର.ସି.ଏମ୍.ଏସ୍. | ଏନ୍.ଏ.ସି. (ପାର୍ଟ), ଅରିଷଣ୍ଡ, ପାଟପୁର | ମଙ୍ଗଳବାର ଓ ଶନିବାର |
| ୪୫ | | ୨୦ | ତାଳତଅଁଳା | ତାଳତଅଁଳା | ଅଲଣ୍ଡା | ବୁଧବାର ଓ ଶୁକ୍ରବାର |
| ୪୬ | | ୨୧ | ଶ୍ରୀନୃସିଂହ | ଅଟେଇହୁଡା | ବାହାରଣା, ତୁଳସୀପୁର (ପାର୍ଟ) | ମଙ୍ଗଳବାର ଓ ଶନିବାର |
| ୪୭ | | ୨୨ | ଭିଲିଗ୍ରାମ | ଭିଲିଗ୍ରାମ | ଭିଲିଗ୍ରାମ, ମିଟେଇପୁର (ପାର୍ଟ) | ମଙ୍ଗଳବାର ଓ ଶନିବାର |
| ୪୮ | | ୨୩ | ଡେଣୁଅବସ୍ତ | ଡେଣୁଅବସ୍ତ | ଡେଣୁଆଁ | ମଙ୍ଗଳବାର ଓ ଶନିବାର |
| ୪୯ | | ୨୪ | ହଂସପଡା | ହଂସପଡା | ଚଅଁରପଦା | ମଙ୍ଗଳବାର ଓ ଶନିବାର |
| ୫୦ | | ୨୫ | ରେଂଘାଲୋ | ରେଂଘାଲୋ | ଶଗଡା, ଚୋରପଡା, ରଟିଲୋ | ମଙ୍ଗଳବାର ଓ ଶନିବାର |
| ୫୧ | | ୨୬ | ସୁନୁଗୋରଡି | ସୁନୁଗୋରଡି | ରେଞ୍ଚ, ଡେଣୁଆଁ (ପାର୍ଟ) | ମଙ୍ଗଳବାର ଓ ଶନିବାର |
| ୫୨ | | ୨୭ | ବରିମୁଣ୍ଡ ନିନିଗାଁ | ବରିମୁଣ୍ଡ ନିନିଗାଁ | ବାମନାଳ, କୋଠକୁସାଙ୍ଗ | ମଙ୍ଗଳବାର ଓ ଶନିବାର |
| ୫୩ | | ୨୮ | ଲକ୍ଷ୍ମୀନୃସିଂହ | ଲକ୍ଷ୍ମୀନୃସିଂହ | କଳାପାଞ୍ଚଣ, ଭୋଦର (ପାର୍ଟ), ମିଟେଇପୁର (ପାର୍ଟ) | ମଙ୍ଗଳବାର ଓ ଶନିବାର |
| ୫୪ | | ୨୯ | ଅଣ୍ଡିଆସାହି | ଆର୍.ଏମ୍.ସି. ୟାର୍ଡ | ଏନ୍.ଏ.ସି. (ପାର୍ଟ) | ମଙ୍ଗଳବାର ଓ ଶନିବାର |
| ୫୫ | ଗୋପ | ୧ | ଛଇତନା | ଛଇତନା | ଛଇତନା, ଇତିଭୂଆଁ | ସୋମବାର ଓ ବୁଧବାର |
| ୫୬ | | ୨ | ଏରବଙ୍ଗ | ଏରବଙ୍ଗ | ଏରବଙ୍ଗ, ବେଦପୁର (ପାର୍ଟ) | ସୋମବାର ଓ ବୁଧବାର |
| ୫୭ | | ୩ | ସାମନ୍ତରାପୁର | ସାମନ୍ତରାପୁର | ସାମନ୍ତରାପୁର, ବଣିଆ ସାହି | ସୋମବାର ଓ ବୁଧବାର |
| ୫୮ | | ୪ | ଖରାଗାଁ | ଖରାଗାଁ | ଏନ୍.ଏ.ସି. (ପାର୍ଟ), ଅଚ୍ୟୁତପୁର | ସୋମବାର ଓ ବୁଧବାର |
| ୫୯ | | ୫ | ନିତେଇଗୌର | ନାଗପୁର | ନାଗପୁର | ମଙ୍ଗଳବାର ଓ ଶନିବାର |
| ୬୦ | | ୬ | ନୟାହାଟ | ନୟାହାଟ | ଧୁମାଳ, କାଗୋଲୋରୀ | ମଙ୍ଗଳବାର ଓ ଶନିବାର |
| ୬୧ | | ୭ | ସିସୋ | ସିସୁଅ | ଏ. ଇଛାପୁର (ପାର୍ଟ), ଗଣ୍ଡେରପୁର (ପାର୍ଟ) | ସୋମବାର ଓ ବୁଧବାର |
| ୬୨ | | ୮ | ସୁତନ | ତରକୋର | ତରକୋର, ସୁତନ | ସୋମବାର ଓ ବୁଧବାର |
| ୬୩ | | ୯ | କୋଣାର୍କ | କୋଣାର୍କ | କୋଣାର୍କ, ସିମିଳି | ଶୁକ୍ରବାର ଓ ଶନିବାର |
| ୬୪ | | ୧୦ | ବରିମୁଣ୍ଡ | ପଲ୍ଲୀଛକ | ଦେସ୍ଥଳୀ | ମଙ୍ଗଳବାର ଓ ଶନିବାର |
| ୬୫ | | ୧୧ | ବନାଖଣ୍ଡି | ବନାଖଣ୍ଡି | ବନାଖଣ୍ଡି, ସିମିଳି (ପାର୍ଟ) | ସୋମବାର ଓ ବୁଧବାର |
| ୬୬ | | ୧୨ | ଗଡରୂପାସ | ଗଡରୂପାସ | ଗଡରୂପାସ | ସୋମବାର ଓ ବୁଧବାର |
| ୬୭ | | ୧୩ | କରମଙ୍ଗା ପଞ୍ଚନା | କୋରୁଆଳ | ବଉଳାଙ୍ଗ, ସୋରଭା | ମଙ୍ଗଳବାର ଓ ଶନିବାର |
| ୬୮ | | ୧୪ | ରାହାଙ୍ଗଗୋରଡା | ରାହାଙ୍ଗଗୋରଡା | ରାହାଙ୍ଗଗୋରଡା, ଡଭାର | ସୋମବାର ଓ ବୁଧବାର |
| ୬୯ | | ୧୫ | ସିଦ୍ଧେଶ୍ୱର | ସିଆରୋ | ସିଆରୋ | ସୋମବାର ଓ ବୁଧବାର |
| ୭୦ | | ୧୬ | ବନ୍ତଳିଗ୍ରାମ | ମଦରଙ୍ଗ | ବନ୍ତଳିଗ୍ରାମ, କୁଆଁପଡା (ପାର୍ଟ) | ସୋମବାର ଓ ବୁଧବାର |
| ୭୧ | | ୧୭ | ଗୋପ | କୁଶୁପୁର | ଗୋପ, ପୟର | ସୋମବାର ଓ ବୁଧବାର |
| ୭୨ | | ୧୮ | ଗଡବାଙ୍ଗର | ଗଡବାଙ୍ଗର | ବଡଗାଁ | ସୋମବାର ଓ ବୁଧବାର |
| ୭୩ | | ୧୯ | ପାଟେଳିଆ | ପାଟେଳିଆ | ବେଦପୁର, ମହାଳପଡା (ପାର୍ଟ) | ସୋମବାର ଓ ବୁଧବାର |
| ୭୪ | | ୨୦ | ଗଣେଶ୍ୱରପୁର | ଗଣେଶ୍ୱରପୁର | ଗଣେଶ୍ୱରପୁର (ପାର୍ଟ), ଏ. ଇଛାପୁର (ପାର୍ଟ), ଡଭାର (ପାର୍ଟ) | ସୋମବାର ଓ ବୁଧବାର |
| ୭୫ | | ୨୧ | ବାଗଲେଇ | ବାଗଲେଇ | ସିମିଳି (ପାର୍ଟ), ବନାଖଣ୍ଡି (ପାର୍ଟ) | ସୋମବାର ଓ ବୁଧବାର |
| ୭୬ | | ୨୨ | ଦୁର୍ଗେଶ୍ୱର | ଦେସ୍ଥଳୀ | ଦେସ୍ଥଳୀ, ଇସାନପୁର (ପାର୍ଟ) | ସୋମବାର ଓ ବୁଧବାର |
| ୭୭ | | ୨୩ | ମହାପୁର | ମହାପୁର | କୁଆଁପଡା (ପାର୍ଟ) | ସୋମବାର ଓ ବୁଧବାର |
| ୭୮ | | ୨୪ | ବୀରତୁଙ୍ଗ | ବୀରତୁଙ୍ଗ | ବୀରତୁଙ୍ଗ, ମହାଳପଡା (ପାର୍ଟ) | ସୋମବାର ଓ ବୁଧବାର |
| ୭୯ | | ୨୫ | ରାଇସ | ରାଇସ | ସୁହାଣପୁର, ଇସାନପୁର, ଦେସ୍ଥଳୀ (ପାର୍ଟ) | ସୋମବାର ଓ ବୁଧବାର |
| ୮୦ | | ୨୬ | ୟୁ.ପି. ଗଡଭିଙ୍ଗୁରା | ୟୁ.ପି. ଗଡଭିଙ୍ଗୁରା | ୟୁ.ପି. ଗଡଭିଙ୍ଗୁରା | ସୋମବାର ଓ ବୁଧବାର |
| ୮୧ | | ୨୭ | ବଡତରା | ବଡତରା | ବଡତରା, ଅଚ୍ୟୁତପୁର (ପାର୍ଟ) | ମଙ୍ଗଳବାର ଓ ଶନିବାର |

**ବିଜୟ କୁମାର ସ୍ୱାଇଁ**
ଭାରପ୍ରାପ୍ତ ସମ୍ପାଦକ
ନିମାପଡା ନିୟନ୍ତ୍ରିତ ବଜାର କମିଟି, ନିମାପଡା

**ଶ୍ରୀ ଭବତରଣ ସାହୁ (ଓ.ପ୍ର.ସେ.)**
ଅଧ୍ୟକ୍ଷ, ନିୟନ୍ତ୍ରିତ ବଜାର କମିଟି
ନିମାପଡ଼ା-ତଥା-ଉପଜିଲ୍ଲାପାଳ, ପୁରୀ

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୪ ଡିସେମ୍ବର, ୨୦୧୯



## ପୋଖରୀରେ ବୁଡ଼ି ଛାତ୍ର ମୃତ

ପାତ୍ରପଡ଼ା,(ଡି.ଏନ୍.ଏ.): ପୋଖରୀରେ ବୁଡ଼ି ସୋମବାର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତମାଣ୍ଡୋ ଅଞ୍ଚଳରେ ରହୁଥିବା ଶୁଭମ ଦାସ(୧୪)। ସୂଚନା ଅନୁଯାୟୀ, ଶୁଭମ ଅପରାହ୍ନରେ ସାଙ୍ଗମାନଙ୍କ ସହ ତମାଣ୍ଡୋ ଥାନା ଅଧୀନ ଚତରା ପୋଖରୀରେ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ହଠାତ୍ ଶୁଭମ ଗଭୀର ପାଣିରେ ବୁଡ଼ିଯାଇଥିଲେ। ଶୁଭମ ପାଣିରେ ବୁଡ଼ିଯିବା ପରେ ସାଙ୍ଗମାନେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପରିବାର ଲୋକେ ଶୁଭମଙ୍କ ମୃତଦେହକୁ ପୋଖରୀରୁ ଉଦ୍ଧାର କରିଥିଲେ। ଖବରପାଇ ତମାଣ୍ଡୋ ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଚଳାଇଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ତ୍ରିଦିବସୀୟ ଦିବ୍ୟଜୀବନ ସଂଘ ପ୍ରଶିକ୍ଷଣ ସାଧନା ଶିବିର, ଶିବାନନ୍ଦ ଶତବାର୍ଷିକ ବାଳକ ବିଦ୍ୟାଳୟ, ଖଣ୍ଡଗିରି, ସକାଳ ୬ଟା।
- କେଫ୍ଟିର ଆଞ୍ଚଳିକ ଅଫିସ ଉଦ୍‌ଘାଟନ ସମାରୋହ, କୃଷି ଭବନ, ସକାଳ ୯ଟା।
- ବିଶ୍ୱ ଓଡ଼ିଶୀ ଉତ୍ସବ, ଓଡ଼ିଶୀ ରିସର୍ଚ୍ଚ ସେଣ୍ଟର ଅଡିଟୋରିୟମ, ପୂର୍ବାହ୍ନ ୧୦ଟା।
- ଲଳିତ କଳା ଏକାଡେମୀ ପକ୍ଷରୁ ବର୍ଣ୍ଣକ୍ରୀଡ଼ା, ଧଉଳି କଲେଜ ଅଫ ଆର୍ଟ ଆଣ୍ଡ କ୍ରାଫ୍ଟସ୍, ଧଉଳି, ପୂର୍ବାହ୍ନ ୧୦ଟା ୩୦।
- ସହଭାଗୀ ବିକାଶ ମଞ୍ଚ ପକ୍ଷରୁ ନିର୍ବାଚନ ଉପରେ ପରାମର୍ଶ ସଭା, ବୁଦ୍ଧ ମନ୍ଦିର, ପୂର୍ବାହ୍ନ ୧୧ଟା।
- ସୂର୍ଯ୍ୟ ପରଫର୍ମାନ୍ସ ଲାବ୍ ପକ୍ଷରୁ 'ଓଡ଼ିଶା ବାଇନେଲ', କଳା ଭୂମି, ଓଡ଼ିଶା କ୍ରାଫ୍ଟସ୍ ମ୍ୟୁଜିୟମ, ପୂର୍ବାହ୍ନ ୧୧ଟା।
- ବକ୍ସି ଜଗବନ୍ଧୁ ଇଂରାଜୀ ମିଡିୟମ ସ୍କୁଲର ବାର୍ଷିକ ଉତ୍ସବ, ସ୍କୁଲ ପରିସର, ବଡ଼ଗଡ଼, ଅପରାହ୍ନ ୪ଟା।
- ହେଲ୍ମେଟ ପକ୍ଷରୁ ଟ୍ରାଫିକ ସଚେତନତା, ଖାରବେଳ ନଗରସ୍ଥିତ ବିଗ୍ ବଜାର ଭିତରେ, ଅପରାହ୍ନ ୪ଟା।
- ଓଡ଼ିଆ ୱେବସାଇଟ୍ ଲୋକାର୍ପଣ ଉତ୍ସବ, ଇଉ୍‌କଲ ଅଡିଟୋରିୟମ, ଅପରାହ୍ନ ୪ଟା।
- ୟୁନିଟ-୮ସ୍ଥିତ ଡିଏଭି ପବ୍ଲିକ ସ୍କୁଲ ପକ୍ଷରୁ 'କ୍ଲିମ ଓଚେ' କର୍ମଶାଳା, ସ୍କୁଲ ପରିସର, ଅପରାହ୍ନ ୪ଟା ୩୦।
- ୟୁନିଟ-୩ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକ ଉତ୍ସବ, ଉତ୍କଳ ମଣ୍ଡପ, ଅପରାହ୍ନ ୫ଟା।
- 'ସ୍ପେସ୍ ଆଣ୍ଡ ସ୍ପେସ୍' କାର୍ଯ୍ୟକ୍ରମ, ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି, ଅପରାହ୍ନ ୫ଟା ୩୦।
- ଲେଖାଲେଖି ପକ୍ଷରୁ ଅନୁବାଦକ ଯୁଗଳ କିଶୋର ଦତ୍ତଙ୍କ ଜନ୍ମ ଜୟନ୍ତୀ ସମାରୋହ, ଆଚାର୍ଯ୍ୟ ବିହାର କାର୍ଯ୍ୟାଳୟ, ଅପରାହ୍ନ ୫ଟା ୩୦।
- ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନ ପକ୍ଷରୁ ରାଜ୍ୟସ୍ତରୀୟ ସ୍ମୃତିଚାରଣ ସଭା, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୬ଟା।
- ତ୍ରୟୋଦଶ ଅନ୍ତର୍ଜାତୀୟ ଚଉଷଠି ଯୋଗିନୀ ମହୋତ୍ସବ, ହୀରାପୁର, ସନ୍ଧ୍ୟା ୬ଟା ୩୦।

## ୟୁନିୟନ ବ୍ୟାଙ୍କର ନୂଆ ଇ-ଲବି

**ଭୁବନେଶ୍ୱର,୨୩।୧୨–** ୟୁନିୟନ ବ୍ୟାଙ୍କ ଅଫ୍ ଇଣ୍ଡିଆ ପକ୍ଷରୁ ଏହାର ଭୁବନେଶ୍ୱର ମୁଖ୍ୟ ଶାଖାଠାରେ ଇ-ଲବି ଉଦଘାଟିତ ହୋଇଯାଇଛି। ବ୍ୟାଙ୍କର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ମାନସ ରଞ୍ଜନ ବିଶ୍ୱାଳ, ରାଞ୍ଚି କ୍ଷେତ୍ର ମହାପ୍ରବନ୍ଧକ ପ୍ରବୀଣ ଶର୍ମା ଏହାକୁ ଉଦଘାଟନ କରିଥିଲେ। ଏଭଳି ବିଭିନ୍ନ ପଦକ୍ଷେପ ଦ୍ୱାରା ବ୍ୟାଙ୍କ ଗ୍ରାହକଙ୍କୁ ଉତ୍ତମ ସେବା ଯୋଗାଣ ଧାରା ଜାରି ରଖିବ ବୋଲି ଭୁବନେଶ୍ୱର କାର୍ଯ୍ୟାଳୟର କ୍ଷେତ୍ରୀୟ ମୁଖ୍ୟ ରୂପଲାଲ ମୀନା ଏହି ଅବସରରେ ସୂଚନା ଦେଇଛନ୍ତି। ଏହି ଇ-ଲବି ମାଧମରେ ଗ୍ରାହକମାନେ ଟଙ୍କା ଉଠାଣ ଏବଂ ୨୪ ଘଣ୍ଟିଆ ଜମା ସୁବିଧା ପାଇପାରିବେ। ଏଥିରେ ପାସବୁକ ପ୍ରିଣ୍ଟିଂ କିଓସ୍କ ସେବା ମଧ ଉପଲବ୍ଧ ହେବ ବୋଲି ବ୍ୟାଙ୍କ ପକ୍ଷରୁ ସୂଚନା ରହିଛି।

## ଖସି ପଳାଇଥିବା ନାବାଳକ ଭୁବନେଶ୍ୱରରୁ ଉଦ୍ଧାର

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)-** ପୁରୀ ବାଳାଶ୍ରମରୁ ଖସିଆସିଥିବା ଜଣେ ନାବାଳକଙ୍କୁ ଭୁବନେଶ୍ୱର ଚାଇଲ୍ଡଲାଇନ ଗତ ୧୯ତାରିଖରେ ରେଲୱେ ଷ୍ଟେଶନରେ ବୁଲୁଥିବାବେଳେ ଉଦ୍ଧାର କରିଛି। ଭୁବନେଶ୍ୱର ଚାଇଲ୍ଡ ଲାଇନ ଅଧିକାରୀ ବେଣୁଧର ସେନାପତିଙ୍କ ସୂଚନା ମୁତାବକ ଉକ୍ତ ନାବଳକ ପୁରୀ ଶିଶୁ ଯତ୍ନ ଗୃହରେ ରହୁଥିବାରୁ ତାଙ୍କୁ ନେପାଳ ପଠାଇବା ନେଇ ସମସ୍ତ ପ୍ରକ୍ରିୟା ପୁରୀରେ ଆରମ୍ଭ ହେବ। ତେଣୁ ତାଙ୍କୁ ପୁରୀ ବାଳାଶ୍ରମକୁ ପଠାଇଦିଆଯିବ।

## ରାଜ୍ୟରେ 'ସମର କଳା ଏକାଡେମୀ' ପ୍ରତିଷ୍ଠା ଦାବି

**ଭୁବନେଶ୍ୱର, ୨୩।୧୨ (ବ୍ୟୁରୋ)** ଓୟୁଏଟି କୃଷି ନିବାସ ପରିସରରେ 'ଉତ୍କଳ ବିକାଶ ପରିଷଦ'ର ସ୍ୱତନ୍ତ୍ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ଗାନ୍ଧିଜୀଙ୍କ ୧୫୦ତମ ଜନ୍ମବାର୍ଷିକୀ ଉପଲକ୍ଷେ ଏହି ସମାବେଶକୁ ସମର୍ପିତ କରାଯାଇଥିଲା। ଅନୁଷ୍ଠାନର ସଭାପତି ତଥା ଅବସରପ୍ରାପ୍ତ ପ୍ରଶାସକ ସୁଦର୍ଶନ ନାୟକଙ୍କ ସଭାପତିତ୍ୱରେ ପ୍ରଫେସର ବୈଷ୍ଣବ ଚରଣ ସାମଲ, ଅବସରପ୍ରାପ୍ତ ପ୍ରଶାସକ କବୀନ୍ଦ୍ର ନାଥ ଖଟେଇ, ଗ୍ରନ୍ଥକାର ନଟବର ଖୁଣ୍ଟିଆ, ଡା. ନବଘନ ପରିଡ଼ା, ବିଜୟ କୁମାର ପ୍ରଧାନ ଅତିଥି ଭାବେ ଉପସ୍ଥିତ ଥିଲେ। ଓଡ଼ିଶାରେ ପାଇକ ଓ କ୍ଷତ୍ରୀୟଙ୍କ ସ୍ମୃତି ଉଦ୍ଦେଶ୍ୟରେ ଏକ 'ସମରକଳା ଏକାଡେମୀ' ପ୍ରତିଷ୍ଠା କରିବା ପାଇଁ ସଭାରେ ଦାବି ହୋଇଥିଲା। ଆଗାମୀ ଦିନରେ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଏ ନେଇ ଦାବି ଉପସ୍ଥାପନ କରାଯିବ ବୋଲି ସଙ୍ଗଠନ ପକ୍ଷରୁ ସୂଚନା ଦିଆଯାଇଥିଲା। ଅନୁଷ୍ଠାନର ମୁଖପତ୍ର 'ଦୁନ୍ଦୁଭି'ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ ହୋଇଥିଲା।

### ବାଲିପାଟଣାରେ ଗୃହଦାହ ମାମଲା

# ଅଭିଯୁକ୍ତଙ୍କୁ ୪ ବର୍ଷ ଜେଲ ଦଣ୍ଡାଦେଶ, ଜରିମାନା

- ଏବେବି ଅନ୍ୟଜଣେ ଅଭିଯୁକ୍ତଙ୍କୁ ଧରିନି ପୋଲିସ
- ପୋଲିସ ଉପରେ ଅସନ୍ତୋଷ ପ୍ରକାଶକଲେ କୋର୍ଟ

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)**

ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅନ୍ତର୍ଗତ ମହୁଖଣ୍ଡା ଅଞ୍ଚଳରେ ୨୦୧୬ରେ ହୋଇଥିବା ଘର ପୋଡି ଘଟଣାରେ ସୋମବାର ରାୟ ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ଭୁବନେଶ୍ୱର ଅତିରିକ୍ତ ଜିଲା ଦୌରାଜଜ୍ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ଖଟୁଆ(୩୫)ଙ୍କୁ ୪ବର୍ଷ ଜେଲ ସହ ୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୨ମାସ ଜେଲ୍ ଭୋଗିବାକୁ ହେବ। ବିଚାରପତି ଲୁନା ମହାନ୍ତି ୮ ଜଣ ସାକ୍ଷୀ ଓ ୩ ଡକ୍ୟୁମେଣ୍ଟକୁ ପରଖିବା ପରେ ଏହି ରାୟ ଦେଇଛନ୍ତି। ତେବେ ୩ବର୍ଷ ପରେ ଏହି ମାମଲାର ରାୟ ପ୍ରକାଶ ପାଇଥିଲେ ମଧ ଏପର୍ଯ୍ୟନ୍ତ ପୋଲିସ ମୁଖ୍ୟ ଅଭିଯୁକ୍ତ ସୁଧାକର ଖଟୁଆଙ୍କୁ ଗିରଫ କରିପାରି ନାହିଁ। ତେଣୁ କୋର୍ଟ ପୋଲିସର କାର୍ଯ୍ୟଧାରା ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ସୂଚନା ଅନୁଯାୟୀ, ବାଲିପାଟଣା ମହୁଖଣ୍ଡାରେ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ଓ ସୁଧାକର ରହୁଥିଲେ। ୨୦୧୬ ଡିସେମ୍ବର ୨୫ରେ ଉଭୟ ପଡୋଶୀ ଜମ୍ମେଶ୍ୱର ଖଟୁଆଙ୍କୁ ପୂଜା ପାଇଁ ଖଣ୍ଡା ମାଗିଥିଲେ। ହେଲେ ଜମ୍ମେଶ୍ୱର ମନା କରିବାରୁ ଏହାକୁ ନେଇ ସେମାନଙ୍କ ମଧରେ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ କୃଷ୍ଣଚନ୍ଦ୍ରଙ୍କ ଘର ଉପରେ ସୁଧାକର କିରୋସିନ ଢାଳିଥିବାବେଳେ କୃଷ୍ଣଚନ୍ଦ୍ର ନିଆଁ ଲଗାଇ ଦେଇଥିଲେ। ଫଳରେ ଜମ୍ମେଶ୍ୱରଙ୍କ ସମେତ ଅମୀୟ ଖଟୁଆଙ୍କ ୪ ବଖରା ଘର ସମେତ ୨ ଗୁହାଳ ପୋଡ଼ିଯାଇଥିଲା। ଅମୀୟଙ୍କ ଅଭିଯୋଗ ପରେ ବାଲିପାଟଣା ପୋଲିସ କେସ୍ ନଂ.୨୪୬/୧୬ରେ ଏକ ମାମଲା ରୁଜୁ କରି କୃଷ୍ଣଚନ୍ଦ୍ରଙ୍କୁ ଗିରଫ କରିଥିଲା। ଏଥିସହ ସୁଧାକର ଫେରାର ଥିବାରୁ ଗିରଫ କରି ପାରି ନ ଥିବା ପୋଲିସ କୋର୍ଟକୁ ଜଣାଇଥିଲା। ପିପି ପ୍ରଦୀପ୍ତ କୁମାର ମିଶ୍ର ମାମଲା ପରିଚାଳନ କରୁଥିଲେ।



ନାଗରିକତ୍ୱ ସଂଶୋଧନ ଆଇନ (ସିଏଏ)କୁ ବିରୋଧ କରି ସୋମବାର ବାଣୀବିହାର ସମ୍ମୁଖ ରାଜପଥରେ ଛାତ୍ର ଓ ଯୁବକଂଗ୍ରେସ ପକ୍ଷରୁ ବିକ୍ଷୋଭ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ କୁଶପୁତ୍ତଳିକା ଦାହ କରିଥିଲେ।

## ୨୨ ଗ୍ରାମ ବ୍ରାଉନସୁଗାର ଜବତ, ୨ ଗିରଫ

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)**

ଶହୀଦନଗର ଥାନା ଅଞ୍ଚଳରେ ବ୍ରାଉନସୁଗାର କରାବାରେ ସଂପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଗିରଫ କରିଛି। ପୋଲିସ ଉଭୟଙ୍କ ନିକଟରୁ ୨୨ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କଟକ ଜିଲା କାନପୁର ଥାନା ଅଞ୍ଚଳର କାହ୍ନୁ ଦାସ (୩୪) ଓ ଜଗତ୍‌ସିଂପୁର ଜିଲା ବିରିଡ଼ି ଥାନା ଅଞ୍ଚଳର ଚରଣ ବାହାଲିଆ(୪୦)। ୨ ଅଭିଯୁକ୍ତ ଶହୀଦନଗର ଥାନା ଅଞ୍ଚଳରେ ରହି ଲୁଚାଛପାରେ ବ୍ରାଉନସୁଗାର ବେପାର ଚଳାଇଥିଲେ। ଏ ସମ୍ପର୍କରେ ପୋଲିସ ଜାଣିବା ପରେ ଉଭୟଙ୍କୁ ଧରିବାକୁ ଉଦ୍ୟମ ଚଳାଇଥିଲା। ରବିବାର ସନ୍ଧ୍ୟାରେ ଲେଭଲ କ୍ରସିଂ ନିକଟରେ ବ୍ରାଉନସୁଗାର ସେବନ ଓ ବେପାର ଖୁଲମ ଖୁଲା ଚାଲିଥିବା ନେଇ ଖବର ପାଇ ପୋଲିସ ଚଢାଉ କରିଥିଲା। ପୋଲିସକୁ ଦେଖି କେତେଜଣ ନିଶା ସେବନକାରୀ ଛତ୍ରଭଙ୍ଗ ଦେଇଥିବାବେଳେ ପୋଲିସ ୨ ଅଭିଯୁକ୍ତଙ୍କୁ କାବୁ କରିନେଇଥିଲା। ଏ ନେଇ ପୋଲିସ ନଂ୬୮୯/୧୯ରେ ମାମଲା ରୁଜୁ କରି କୋର୍ଟଚାଲାଣ କରିଥିଲା। ଜାମିନ ଆବେଦନ ଖାରଜ ହେବାରୁ ଉଭୟଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

### ଓୟୁଡବ୍ଲ୍ୟୁଜେର ୫ମ ପ୍ରତିଷ୍ଠା ଦିବସ

## ସାମ୍ବାଦିକଙ୍କ ସୁରକ୍ଷା ପାଇଁ ବିଲ୍ ପାରିତ ଦାବି

**ଭୁବନେଶ୍ୱର, ୨୩।୧୨ (ବ୍ୟୁରୋ)**

ଗଣମାଧମ ଓ ସାମ୍ବାଦିକଙ୍କ ପାଇଁ ଦେଶରେ ଲୋକତନ୍ତ୍ର ବଳିଷ୍ଠ ରହିଛି। ବିଭିନ୍ନ ସମସ୍ୟା ଘେରରେ ରହି ମଧ ସାମ୍ବାଦିକମାନେ କାର୍ଯ୍ୟ କରୁଛନ୍ତି। ହେଲେ କାର୍ଯ୍ୟସ୍ଥଳରେ ସେମାନେ ନାନା ବିପଦର ସମ୍ମୁଖୀନ ହେଉଛନ୍ତି। ତେଣୁ ସାମ୍ବାଦିକମାନଙ୍କୁ ସୁରକ୍ଷା ଦିଆଯିବା ଜରୁରୀ। ବିଧାନସଭାରେ ସାମ୍ବାଦିକଙ୍କ ସୁରକ୍ଷା ବିଲ ପାରିତ ହେଉ ବୋଲି ଅର୍ଗାନାଇଜେଶନ ଅଫ୍ ୟୁନାଇଟେଡ୍ ୱାର୍କିଂ ଜର୍ନାଲିଷ୍ଟ (ଓୟୁଡବ୍ଲ୍ୟୁଜେ)ର ରାଜ୍ୟ ଅଧିବେଶନ ଓ ୫ମ ପ୍ରତିଷ୍ଠା ଉତ୍ସବରେ ମତପ୍ରକାଶ ପାଇଛି।

ସୋମବାର ସୂଚନା ଭବନରେ ଆୟୋଜିତ ଏହି ସମାରୋହରେ 'ସାମାଜିକ ଗଣମାଧମ–ଏକ ଆହ୍ୱାନ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ଯୋଗଦେଇ ସାମ୍ବାଦିକଙ୍କ ସୁରକ୍ଷା ଓ ନିରାପତ୍ତା ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କ ସହ ଆଲୋଚନା କରିବେ ବୋଲି କହିଥିଲେ। ବକ୍ତାଭାବେ ଲେନିନ ମହାନ୍ତି, ପ୍ରଭାସ ଆଚାର୍ଯ୍ୟ ଏବଂ ପ୍ରଫେସର ବସନ୍ତ କୁମାର ସାହୁ ଯୋଗଦେଇ ମତ ରଖିଥିଲେ। ଏହି ଅବସରରେ ସଂଘର ମୁଖପତ୍ର 'ବାର୍ତ୍ତାଜୀବୀ'ର ସ୍ୱତନ୍ତ୍ର ସଂଖ୍ୟା ଉନ୍ମୋଚିତ ହୋଇଥିଲା। ଏଥିସହ କାର୍ଯ୍ୟରତ ଖବରଦାତାଙ୍କୁ 'ଜାନକୀବଲ୍ଲଭ ସ୍ମୃତି ସାମ୍ବାଦିକ ସମ୍ମାନ' ଏବଂ ୧୦ ଜଣଙ୍କୁ 'ବିଜୁ ପଟ୍ଟନାୟକ ସ୍ମୃତି ଦକ୍ଷତା ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘ ସଭାପତି ସରୋଜ ରଞ୍ଜନ ପଟ୍ଟନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିବାବେଳେ ସାଧାରଣ ସମ୍ପାଦକ ରଜନୀକାନ୍ତ ସାମନ୍ତରାୟ ବିବରଣୀପାଠ କରିଥିଲେ। ସରୋଜିନୀ ପାଣି ମଞ୍ଚ ପରିଚାଳନା ଓ ମହେନ୍ଦ୍ର କୁମାର ମିଶ୍ର ଧନ୍ୟବାଦ ଦେଇଥିଲେ।

### ଚିତ୍ରାଙ୍କନ ପ୍ରତିଯୋଗିତାର ପୁରସ୍କାର ପ୍ରଦାନ ଉତ୍ସବ

## ଜାତୀୟ ପ୍ରତିଯୋଗିତା ପାଇଁ ୪୩ ଶିଶୁ ମନୋନୀତ

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)**

ରାଜ୍ୟ ଶିଶୁ କଲ୍ୟାଣ ପରିଷଦ, ମହିଳା ଓ ଶିଶୁ ବିକାଶ ଏବଂ ମିଶନ ଶକ୍ତି ବିଭାଗ ଆନୁକୂଲ୍ୟରେ ସୋମବାର ହୋଟେଲ କଳିଙ୍ଗ ଅଶୋକଠାରେ ରାଜ୍ୟସ୍ତରୀୟ ଶିଶୁ ଚିତ୍ରାଙ୍କନ ପ୍ରତିଯୋଗିତା–୨୦୧୯ର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଥିଲା। ୧୭ଜଣ କୃତୀ ପ୍ରତିଯୋଗୀ ଓ ଜାତୀୟ ସ୍ତରୀୟ ପ୍ରତିଯୋଗିତା ପାଇଁ ଶ୍ରେଷ୍ଠ ବିବେଚିତ ୪୩ ଜଣ କୃତୀ ପ୍ରତିଯୋଗୀଙ୍କୁ ବିଭାଗୀୟ ମନ୍ତ୍ରୀ ଟୁକୁନି ସାହୁ ପୁରସ୍କୃତ କରିଥିଲେ। ପୁରସ୍କାର ସ୍ୱରୂପ ପଦକ, ପ୍ରମାଣପତ୍ର ଓ ଚିତ୍ରାଙ୍କନ ଉପକରଣ ପ୍ରଦାନ କରାଯାଇଥିଲା। ଏହି ଅବସରରେ ମନ୍ତ୍ରୀ ସାହୁ କହିଲେ, ଈଶ୍ୱରଙ୍କ ସର୍ବୋତ୍ତମ ସୃଷ୍ଟି ହେଉଛି ଶିଶୁ। ପ୍ରତିଭାର ବିକାଶ ଓ ସୁନ୍ଦର ଭବିଷ୍ୟତ ପାଇଁ ଶିଶୁଙ୍କୁ ବିଭିନ୍ନ କ୍ଷେତ୍ରରେ ପ୍ରୋତ୍ସାହିତ କରିବା ଆବଶ୍ୟକ। ଶିଶୁମାନଙ୍କୁ ସବୁ କ୍ଷେତ୍ରରେ ସକ୍ଷମ ଓ ସଫଳ କରିବା ଲାଗି ବିଭାଗ ପକ୍ଷରୁ ଅନେକ ପଦକ୍ଷେପ ନିଆଯାଉଛି ବୋଲି ବିଭାଗୀୟ ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ କହିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ, ବିଭାଗୀୟ ଉପଦେଷ୍ଟା ସୁଲତା ଦେଓ ପ୍ରମୁଖ ଯୋଗ ଦେଇଥିଲେ। ଶିଶୁ କଲ୍ୟାଣ ପରିଷଦର ସଦସ୍ୟ ସଚିବ ସୁଲତାନା ବେଗମ୍ ସ୍ୱାଗତ ଭାଷଣ ଓ ଅଧିକାରୀ ଅନୁପମା ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।


ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

### ପର୍ଯ୍ୟଟନ ବିଭାଗ ନିଜର ତ୍ରୁଟି ସୁଧାରିଲା

## ବ୍ୟାଖ୍ୟାୟନ କେନ୍ଦ୍ରରୁ ଉଠିଲା ଟାଇଲ୍

**ପୁରୁଣା ଭୁବନେଶ୍ୱର, ୨୩।୧୨(ଡି.ଏନ୍.ଏ)**

ଶ୍ରୀଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱ ଉଚ୍ଛେଦ ଚାଲିଛି। ବିବାଦୀୟ ବ୍ୟାଖାୟନ କେନ୍ଦ୍ରର ଉଚ୍ଛେଦ କାର୍ଯ୍ୟ ସୋମବାର ଆରମ୍ଭ ହୋଇଛି। ବିଡିଏ ଓ ବିଏମସି ପକ୍ଷରୁ କୌଣସି ନକ୍ସା ଅନୁମୋଦିତ ନ କରାଇ ଏବଂ ଏଏସଆଇ ତରଫରୁ ବାରମ୍ବାର ବାରଣ ଯୋଗୁ ନିର୍ମାଣକୁ ନେଇ ବିବାଦ ଦେଖାଦେଇଥିଲା। ପର୍ଯ୍ୟଟନ ବିଭାଗ ଏବଂ ଓଟିଡିସି କର୍ତ୍ତୃପକ୍ଷଙ୍କ ଦୂରଦୃଷ୍ଟି ଅଭାବ ଯୋଗୁ ବିଭିନ୍ନ ମହଲରୁ ନିର୍ମାଣ କାର୍ଯ୍ୟକୁ ନିନ୍ଦା କରାଯାଇଥିଲା। ସମସ୍ତ ନୀତି ନିୟମକୁ ଉଲ୍ଲଂଘନ କରି ଚାଲିଥିବା ନିର୍ମାଣକୁ ବିଭିନ୍ନ ସାମାଜିକ ସଙ୍ଗଠନ ପକ୍ଷରୁ ସମାଲୋଚନା କରାଯାଇଥିଲା। ଗଣମାଧମରେ ଏ ସମ୍ପର୍କିତ ଖବର ପ୍ରକାଶ ପାଇବା ପରେ ବ୍ୟାଖାୟନ ଭାଙ୍ଗିବାକୁ ନିଷ୍ପତ୍ତି ନିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଲାଗିଥିବା ଦମୀ ଉପକରଣ, ସେଣ୍ଟ୍ରାଲ ଏୟାର କଣ୍ଡିସନିଂ ସିଷ୍ଟମ୍ ସମେତ ଅନ୍ୟାନ୍ୟ ଆସବାବପତ୍ର ଅନ୍ୟତ୍ର ସ୍ଥାନାନ୍ତର କରାଯାଇଛ। ପରବର୍ତ୍ତୀ ପର୍ଯ୍ୟାୟରେ ଆଉ କେତେକ ଆସବାବପତ୍ର ନିଲାମ ହୋଇଥିବା ଖବର ମିଳିଛି। ଦୁଇଦିନ ପୂର୍ବରୁ କେନ୍ଦ୍ରର ଭିତର ଏବଂ ବାରଣ୍ଡାରେ ବିଛାଯାଇଥିବା ଟାଇଲଗୁଡ଼ିକୁ ଉଠାଯାଇଥିଲା ।

ସେହିଭଳି ମିଳିତ ଉଚ୍ଛେଦ ଟିମ୍‌ର ଉପସ୍ଥିତିରେ ବଣିକ ସଂଘ କୋଠା, ଶ୍ରୀ ଲିଙ୍ଗରାଜ ଥାନର କିଛି ଅଂଶକୁ ସୋମବାର ଭଙ୍ଗାଯାଇଛି। ସପ୍ତାହକ ମଧରେ ଦେ–ପା ଏବଂ ପାପନାଶିନୀ କୁଣ୍ଡ ଚତୁଃପାର୍ଶ୍ୱରେ ରହିଥିବା ନିର୍ମାଣଗୁଡ଼ିକୁ ଉଚ୍ଛେଦ କରାଯିବ ବୋଲି ଜଣାପଡିଛି। ଭୂମି ଅଧିଗ୍ରହଣ ସମୟରେ ସହରାଞ୍ଚଳରେ ଦୁଇଗୁଣ ଏବଂ ଗ୍ରାମାଞ୍ଚଳରେ ୪ଗୁଣ ପର୍ଯ୍ୟନ୍ତ ସରକାରୀ ବେଞ୍ଚ ମାର୍କଠାରୁ ଅଧିକ କ୍ଷତି ପୂରଣ ଦିଆଯାଉଥିବା ସ୍ଥଳେ ପୁରୁଣା ଭୁବନେଶ୍ୱର ଅଞ୍ଚଳରେ କେବଳ ଜମିର ସରକାରୀ ଧାର୍ଯ୍ୟ ମୂଲ୍ୟ ଅନୁସାରେ କ୍ଷତିପୂରଣ ଦିଆଗଲେ ବିରୋଧ କରାଯିବ ବୋଲି ବ୍ୟବସାୟୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି।

## ଖେଳ ପିଲାଙ୍କୁ ବିକଶିତ କରିଥାଏ

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)**

ସାଇ ଇଣ୍ଟରନ୍ୟାଶନାଲ୍ ସ୍କୁଲର ୭ମ ବାର୍ଷିକ କ୍ରୀଡ଼ା ଉତ୍ସବ 'ସାଇ ଅଲିମ୍ପିକ୍ସ' ସୋମବାର ସ୍କୁଲ ପରିସରରେ ଉଦ୍‌ଯାପିତ ହୋଇଯାଇଛି। ଏହି ଅବସରରେ ଅଲିମ୍ପିଆନ୍ ଆଥଲେଟ୍ ଦୂତୀ ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ାକୁ ପେସା ଭାବେ ଗ୍ରହଣ କରିବାକୁ ଛାତ୍ରୀଛାତ୍ରଙ୍କୁ ପ୍ରବର୍ତ୍ତାଇଥିଲେ। ଅଭିଭାବମାନଙ୍କ ଉଦ୍ଦେଶ୍ୟରେ ସେ କହିଥିଲେ, ଶିକ୍ଷା ସହ ଖେଳକୁ ମଧ ଧ୍ୟାନ ଦେବା ଉଚିତ୍, ଯଦ୍ଦ୍ୱାରା ପିଲାମାନେ ଅଧିକ ବିକଶିତ ହୋଇପାରିବେ। ଓଡ଼ିଶା ଫୁଟବଲ୍ କ୍ଲବ ମୁଖ୍ୟ କାର୍ଯ୍ୟକାରୀ ଅଧିକାରୀ ଆଶିଷ ଶାହ, ଲିଡିଙ୍ଗ୍ ସ୍କୁଲ୍ ଅଫ୍ ଇଣ୍ଡିଆର କଣ୍ଟ୍ରି ହେଡ୍ ସବିନା ଏ. ସେହଗଲ୍ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ସାଇ ଇଣ୍ଟରନ୍ୟାଶନାଲ ପ୍ରତିଷ୍ଠାତା ତଥା ମେଣ୍ଟର୍ ଡ. ବିଜୟ କୁମାର ସାହୁ ଛାତ୍ରୀଛାତ୍ରଙ୍କୁ ସୁସ୍ଥ ଓ ଚରିତ୍ରବାନ ବ୍ୟକ୍ତିତ୍ୱ ଦେବା ଲାଗି ଅଭିଭାବକଙ୍କୁ ୫ଟି ଆବଶ୍ୟକ ବିଷୟ ଉପରେ ଧ୍ୟାନ ଦେବାକୁ କହିଥିଲେ। ରାତିରେ ଶୀଘ୍ର ଶୋଇବା, ପ୍ରତିଦିନ ୩୦ ମିନିଟ୍ ବ୍ୟାୟାମ୍ କରିବା, ପ୍ରତିଦିନର ଖାଦ୍ୟରେ କିଛି ଫଳ ଗ୍ରହଣ କରିବା, ପ୍ରତିମାସରେ ପିଲାଙ୍କ ଓଜନ ମାପ କରିବା ଓ ରାତି ୮ଟାରେ ସେମାନଙ୍କୁ ଇଲୋକ୍ଟ୍ରୋନିକ୍ ଗ୍ୟାଜେଟ୍‌ଠାରୁ ଦୂରେଇ ରଖିବା। ଶେଷରେ ଜାତୀୟସ୍ତର କ୍ରୀଡ଼ା ପ୍ରତିଯୋଗିତା ଏବଂ ଇଣ୍ଟରହାଉସ୍ ପ୍ରତିଯୋଗିତା ଗୁଡ଼ିକରେ ବିଜୟୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସାଇ ଇଣ୍ଟରନ୍ୟାଶନାଲ୍ ଏଜୁକେଶନ୍ ଗ୍ରୁପ୍‌ର ଭାଇସ୍ ଚେୟାରପର୍ସନ ଡ. ଶିଳ୍ପୀ ସାହୁ ଏବଂ ସିନିୟର ପ୍ରିନ୍ସିପାଲ୍ ନୀଳକଣ୍ଠ ପାଣିଗ୍ରାହୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ମହାତ୍ମା ଗାନ୍ଧୀଙ୍କ ୧୫୦ତମ ଜୟନ୍ତୀ ବିଷୟବସ୍ତୁ ନେଇ ସ୍କୁଲର ୩ ହଜାର ୫ ଶହ ଛାତ୍ରୀଛାତ୍ର ସାମୂହିକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।


ଉତ୍ସବରେ ଉପସ୍ଥିତ ଅଲିମ୍ପିଆନ୍ ଆଥଲେଟ୍ ଦୂତୀ ଚାନ୍ଦ ଓ ଅନ୍ୟ ଅତିଥି।

## ତରୁଣକାନ୍ତି କହିଲେ 'ମୋ ଜୀବନ ମୋ ସାହିତ୍ୟ'



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥିମାନେ।

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)**

ମୁକ୍ତ ଚିନ୍ତନ ମଞ୍ଚ ଓ ଭାରତୀୟ ବିଦ୍ୟାଭବନ ଆନୁକୂଲ୍ୟରେ ୧୬୩ତମ ଆଲୋଚନାଚକ୍ର 'ନିର୍ଭିକ ଓ ନିରପେକ୍ଷ' ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ସାହିତ୍ୟିକ ତଥା ପୂର୍ବତନ ମୁଖ୍ୟ ଶାସନ ସଚିବ ତରୁଣକାନ୍ତି ମିଶ୍ର 'ମୋ ଜୀବନ ମୋ ସାହିତ୍ୟ' ବିଷୟରେ ବକ୍ତବ୍ୟ ରଖିଥିଲେ। ସେ କହିଲେ, କଲେଜ ସମୟରୁ ସାହିତ୍ୟ ଲେଖାଲେଖି ସହ ସିଭିଲ୍ ସର୍ଭିସ୍ ପାଇଁ ପ୍ରସ୍ତୁତ ହେଉଥିଲି। ମୁଁ ଲେଖକ ହେବାକୁ ମା' ଚାହୁଁଥିବାବେଳେ ପିତା ପ୍ରଶାସନିକ ଅଧିକାରୀ ଭାବେ ମୋତେ ଦେଖିବାକୁ ଚାହୁଁଥିଲେ। ପିତାଙ୍କ ଇଚ୍ଛାକୁ ସମ୍ମାନ ଦେଇ ସିଭିଲ ସର୍ଭିସ୍ ଲାଗି ପ୍ରସ୍ତୁତି କରିବା ସହ ସଫଳ ହୋଇଥିଲି। ହେଲେ ପିଲା ବେଳର ଆଗ୍ରହ ଓ ମା'ଙ୍କ ଇଚ୍ଛା ଲେଖାଲେଖିକୁ ଆଦୌ ଛାଡ଼ି ନ ଥିଲି। ଖୁବ୍ ଛୋଟବେଳୁ ଗପ ଲେଖିବା ପାଇଁ ଭାରି ଆଗ୍ରହୀ ଥିଲି ବୋଲି ତରୁଣକାନ୍ତି କହିଥିଲେ। ସେହିଭଳି ମୁଖ୍ୟବକ୍ତା ଭାବେ ସମୟ ସାପ୍ତାହିକୀର ସମ୍ପାଦକ ପତିତପାବନ ମହାପାତ୍ର ଓ ଦୈନିକ ସମୟର ସମ୍ପାଦକ ସାତକଡ଼ି ହୋତା, ପୂର୍ବତନ ଏମ୍‌ସ ନିର୍ଦ୍ଦେଶକ ଡ଼. ଅଶୋକ ମହାପାତ୍ର ନିଜର ବକ୍ତବ୍ୟ ରଖିଥିଲେ।

## ଛତୁଆ ମିଶ୍ରଣ ତଦାରଖ କଲେ ଏସ୍‌ପି, ଜିଲାପାଳ

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)**

ସମନ୍ୱିତ ଶିଶୁ ବିକାଶ ଯୋଜନାରେ ଶିଶୁ, ପ୍ରସୂତି ଓ ଗର୍ଭବତୀଙ୍କୁ ଦିଆଯାଉଥିବା ଛତୁଆ ମିଶ୍ରଣକୁ ସୋମବାର ବିଭିନ୍ନ ଜିଲାର ଜିଲାପାଳ, ଏସ୍‌ପି ଏବଂ ବିଭାଗୀୟ ଅଧିକାରୀମାନେ ତଦାରଖ କରିଛନ୍ତି। କୋରାପୁଟ ଓ ରାୟଗଡ଼ାରେ ଜିଲାପାଳ, ଏସ୍‌ପି ପ୍ରମୁଖ ଆଇସିଡିଏସ ଜରିଆରେ ସ୍ୱୟଂ ସହାୟକ ଗୋଷ୍ଠୀ କରୁଥିବା ଛତୁଆ ମିଶ୍ରଣ ବୁଲି ଦେଖିଥିଲେ। ସେହିଭଳି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ୍‌ରେ ମଧ ଜିଲାପାଳ, ଏସ୍‌ପି ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ବିଭିନ୍ନ ପ୍ରକଳ୍ପ ପରିଦର୍ଶନ କରି ଛତୁଆ ପ୍ରସ୍ତୁତି ଯାଞ୍ଚ କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ 'ମୋ ଛତୁଆ' ୱେବ୍ ଆପ୍ଲିକେଶନ୍ କରାଯାଇଛି। ଯଦ୍ୱାରା ଛତୁଆ ମିଶ୍ରଣ ଓ ବଣ୍ଟନ ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ଆସିବ ବୋଲି କୁହାଯାଇଛି।

## ବିଜ୍ଞାନମେଳାରେ ୧୦୮ ପ୍ରକଳ୍ପ ପ୍ରଦର୍ଶିତ

**ବାଲିଅନ୍ତା,୨୩।୧୨(ଡି.ଏନ.ଏ)**

ନହରକଣ୍ଟାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପକ୍ଷରୁ ସୋମବାର ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନୀ ଆୟୋଜିତ ହୋଇଯାଇଛି । ଏହି ପ୍ରଦର୍ଶନୀରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ମୋଟ ୧୦୮ଟି ପ୍ରକଳ୍ପ ପ୍ରଦର୍ଶନ କରାଯାଇଥିଲା। ସେହିଭଳି ଛାତ୍ରୀଛାତ୍ରଙ୍କ ତରଫରୁ ଚଟ୍‌ପଟି ଖାଦ୍ୟକୁ ନେଇ ମଧ୍ୟ ପ୍ରଦର୍ଶିତ କରାଯାଇଥିଲା। ବିଚାରକ ଭାବେ ଶିକ୍ଷକ ଦୀପ୍ତିକାନ୍ତ ସୂତାର, କାମଦେବ ମହାପାତ୍ର ଓ ନକ୍ଷତ୍ର ମାଳିନୀ ପଟ୍ଟନାୟକ ଯୋଗଦେଇଥିଲେ । ବିଦ୍ୟାଳୟର ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆ, ପ୍ରଧାନ ଆଚାର୍ଯ୍ୟ ଜୟଶ୍ରୀ ମହାପାତ୍ର, ହରପ୍ରସାଦ ମିଶ୍ର, ବିଶ୍ୱଭୂଷଣ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ମଞ୍ଚେଶ୍ୱର ଥାନା ଘେରିଲା ଠିକାଦାର ସଂଘ

**ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)**

ଓଡ଼ିଶା ଠିକାଦାର ସଂଘ କାର୍ଯ୍ୟାଳୟ ମାଲିକାନାକୁ ନେଇ ବିବାଦ ଉଗ୍ର ରୂପ ନେଇଛି। ଠିକାଦାର ସଂଘର ସଭାପତି ପ୍ରଭାତ ଦାସଙ୍କୁ ପୋଲିସ ଉପସ୍ଥିତିରେ ମାଡ ମରାଯାଇଥିବାବେଳେ ଅଭିଯୋଗ ପରେ ବି ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବା ଅଭିଯୋଗ ହୋଇଛି। ପ୍ରତିବାଦରେ ସଂଘର ସଭାପତି ପ୍ରଭାତ ଓ ଅନ୍ୟ ସଦସ୍ୟମାନେ ମଞ୍ଚେଶ୍ୱର ଥାନା ଘେରାଉ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବିରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରିଥିଲେ।

ସୂଚନା ମୁତାବକ, ଓଡ଼ିଶା ଠିକାଦାର ସଂଘର ପଳାଶୁଣୀ ଅଞ୍ଚଳରେ ଏକ କାର୍ଯ୍ୟାଳୟ ରହିଛି। ରବିବାର ଅପରାହ୍ନରେ ଉକ୍ତ କାର୍ଯ୍ୟାଳୟରେ ବୈଠକ ସହ ଭୋଜି ଭାତ ଚାଲିଥିଲା। ଏହି ସମୟରେ କାର୍ଯ୍ୟାଳୟରେ କିଛି ଯୁବକ ପହଞ୍ଚି ତାଲା ପକାଇବାକୁ ଉଦ୍ୟମ କରିଥିଲେ। ଏହାର ବିରୋଧ କରିବାରୁ ବଚସା ହୋଇଥିଲା ଓ ପୋଲିସ ସେଠାରେ ପହଞ୍ଚିଥିଲା। ପୋଲିସ ଉପସ୍ଥିତିରେ କେତେକ ଯୁବକ ସେମାନଙ୍କୁ ମାଡମାରି ବିଦା କରି ଦେଇଥିଲେ। ଏଥିସହ କାର୍ଯ୍ୟାଳୟରେ ପୋଲିସ ତାଲା ପକାଇଥିଲା। ମାତ୍ର ଠିକାଦାର ସଂଘ କାର୍ଯ୍ୟାଳୟର ସଭାପତି ପ୍ରଭାତ ଦାସ ମାର୍ଫତଦାର ରହିଥିବା ନେଇ ସମସ୍ତ କାଗଜପତ୍ର ରହିଛି। ଏ ନେଇ ଥାନାରେ ଅଭିଯୋଗ କରିବା ପରେ ମଧ ପୋଲିସ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ ବୋଲି ସେମାନେ ଗଣମାଧମ ନିକଟରେ ଅଭିଯୋଗ ଆଣିଛନ୍ତି। ପୋଲିସ ଅର୍ଥକାରବାର କରି ଅଭିଯୁକ୍ତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ନ ଥିବାରୁ ସେମାନେ ବାଧ ହୋଇ ଧାରଣା ଦେଇଛନ୍ତି ବୋଲି କହିଥିଲେ। ଥାନା ଅଧିକାରୀ ଜତିନ୍ଦ୍ର ନାଥ ସେଠୀ କହିଛନ୍ତି, ଏହା ମାଲିକନା ସଂକ୍ରାନ୍ତୀୟ ବିବାଦ ଥିବାରୁ ପୋଲିସ ଉକ୍ତ କାର୍ଯ୍ୟାଳୟକୁ ତାଲା ପକାଇଛି। ପୋଲିସ ଉପସ୍ଥିତିରେ କାହାକୁ ଆକ୍ରମଣ କରାଯାଇନାହିଁ। ସଂଘ ମଧରେ ବିବାଦ ଦେଖାଯାଇ ୨ ଭାଗ ହେବା ପରେ ଏହି ସମସ୍ୟା ଦେଖାଯାଇଛି। ତେଣୁ କୋର୍ଟରେ ବିଚାର ପରେ ପ୍ରକୃତ ହକଦାର ସ୍ପଷ୍ଟ ହେବ। ଏ ନେଇ ପ୍ରଭାତଙ୍କ ଅଭିଯୋଗ ମୁତାବକ ମାମଲା ରୁଜୁ କରି ପୋଲିସ ତଦନ୍ତ କରୁଛି। ଯଦି କେହି ଆଇନକୁ ହାତକୁ ନେଇଥାଏ ଆଇନ ମୁତାବକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

### ରାଜ୍ୟରେ ବ୍ୟାପକ ହେବ ପାଠାଗାର ଆନ୍ଦୋଳନ

# ଖୁବ୍‌ଶୀଘ୍ର ଓଡ଼ିଶା ସର୍ବସାଧାରଣ ପାଠାଗାର ପାଣ୍ଠି

ଭୁବନେଶ୍ୱର,୨୩।୧୨(ବ୍ୟୁରୋ)

ରାଜ୍ୟରେ ପାଠାଗାର ଆନ୍ଦୋଳନକୁ ବ୍ୟାପକ କରିବା ଲାଗି ଖୁବ୍‌ଶୀଘ୍ର ଓଡ଼ିଶା ସାର୍ବଜନୀନ ପାଠାଗାର ପରିଷଦ ଗଠନ କରାଯିବ। ବିଭିନ୍ନ ବର୍ଗରେ ପ୍ରତିନିଧିତ୍ୱ କରିବା ଭଳି ସଦସ୍ୟମାନଙ୍କୁ ଏଥିରେ ରଖାଯିବ ଏବଂ ସେମାନଙ୍କ ନେତୃତ୍ୱ ନେବାକୁ ଜଣେ ଅଧ୍ୟକ୍ଷ ରହିବେ। ଏହି ପରିଷଦ ସାରା ରାଜ୍ୟରେ ରହିଥିବା ସର୍ବସାଧାରଣ ପାଠାଗାରଗୁଡ଼ିକର ଉନ୍ନତୀକରଣ କ୍ଷେତ୍ରରେ କାର୍ଯ୍ୟ କରିବ। ଏହାସହ ପ୍ରଚଳିତ ବ୍ୟବସ୍ଥାରେ ସଂସ୍କାର ଆଣିବା ସହିତ ସେବା ଯୋଗାଣକୁ ସଂପ୍ରସାରିତ କରିବା ପାଇଁ ପରାମର୍ଶ ଦେବ ବୋଲି ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ କହିଛନ୍ତି। ସୋମବାର ସନ୍ଧ୍ୟାରେ ଲୋକସେବା ଭବନସ୍ଥିତ କାର୍ଯ୍ୟାଳୟରେ ଓଡ଼ିଶା ସୋସାଇଟି ଅଫ୍ ଆମେରିକାସ୍ (ଓସା) ସଂଗଠନର ପ୍ରତିନିଧିମଣ୍ଡଳୀଙ୍କ ସହ ଆଲୋଚନା ସମୟରେ ମନ୍ତ୍ରୀ ପାଣିଗ୍ରାହୀ ଓଡ଼ିଶା ସାର୍ବଜନୀନ ପାଠାଗାର ପରିଷଦ ଗଠନ କରାଯିବା ନେଇ ସୂଚନା ଦେଇଥିଲେ। ଏହାସହ ଖୁବ୍‌ଶୀଘ୍ର 'ଓଡ଼ିଶା ପବ୍ଲିକ୍ ଲାଇବ୍ରେରୀ ଫଣ୍ଡ' ବା 'ଓଡ଼ିଶା ସର୍ବସାଧାରଣ ପାଠାଗାର ପାଣ୍ଠି' ସୃଷ୍ଟି କରାଯିବ ବୋଲି ମନ୍ତ୍ରୀ 'ଓସା' ପ୍ରତିନିଧିମଣ୍ଡଳୀଙ୍କୁ ଆଲୋଚନା ବେଳେ କହିଥିଲେ। ଏହି ପାଣ୍ଠି ସୃଷ୍ଟି ହେବା ପରେ ପାଠାଗାରଗୁଡ଼ିକର ଭିତ୍ତିଭୂମି ବିକାଶ ତଥା ପୁସ୍ତକ କ୍ରୟ ଇତ୍ୟାଦି ପାଇଁ ବିଭିନ୍ନ ସୂତ୍ରରୁ ସହାୟତା ଏବଂ ଅନୁଦାନ ସଂଗ୍ରହ କରାଯାଇପାରିବ।

## ଗଠନ ହେବ 'ଓଡ଼ିଶା ସାର୍ବଜନୀନ ପାଠାଗାର ପରିଷଦ'



ଓସା ପ୍ରତିନିଧିମଣ୍ଡଳୀଙ୍କ ସହ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ।

ଏହାବ୍ୟତୀତ ପ୍ରତି ଜିଲାରେ ଥିବା ସର୍ବସାଧାରଣ ପାଠାଗାରଗୁଡ଼ିକର ଉନ୍ନତୀକରଣ ସାଙ୍ଗକୁ ସେବାର ମାନବୃଦ୍ଧି ନିମନ୍ତେ ଜିଲାସ୍ତରୀୟ ପାଠାଗାର କମିଟି ଗଠନ କରାଯିବ। ରାଜ୍ୟରେ ଏବେ ୧୭ ଜିଲାରେ ସଂସ୍କୃତି ବିଭାଗର ପାଠାଗାର ରହିଥିବାବେଳେ ବଳକା ଆଉ ୧୩ ଜିଲାରେ ପାଠାଗାର ପ୍ରତିଷ୍ଠା ହେବ। ଜିଲାରେ ରହିଥିବା ସମସ୍ତ ସର୍ବସାଧାରଣ ପାଠାଗାରଗୁଡ଼ିକ ମଧ୍ୟରେ ସମନ୍ୱୟ ସ୍ଥାପନ ସାଙ୍ଗକୁ ଏଗୁଡ଼ିକର ଅଭିବୃଦ୍ଧି ନିମନ୍ତେ ଜିଲାସ୍ତରୀୟ କମିଟିଗୁଡ଼ିକ କାର୍ଯ୍ୟ କରିବେ ବୋଲି ମନ୍ତ୍ରୀ ସୂଚନା ଦେଇଛନ୍ତି। ସର୍ବସାଧାରଣ ପାଠାଗାର ଯୋଜନାକୁ '୫-ଟି' କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ କରାଯାଇଥିବାବେଳେ ଏଥିରେ ସ୍ୱଚ୍ଛତା ସହିତ ପରିଚାଳନା ବ୍ୟବସ୍ଥାରେ ଅଂଶୀଦାରମାନଙ୍କ ପ୍ରତ୍ୟକ୍ଷ ସଂପୃକ୍ତିକୁ ସୁନିଶ୍ଚିତ କରାଯାଇଛି। ମନ୍ତ୍ରୀଙ୍କ ସହ ସାକ୍ଷାତ ଆଲୋଚନା ସମୟରେ 'ଓସା'ର ସଭାପତି କୁକୁ ଦାସଙ୍କ ସମେତ ଅନ୍ୟ କର୍ମକର୍ତ୍ତା ତଥା ସଦସ୍ୟବୃନ୍ଦ ଉପସ୍ଥିତ ଥିଲେ।

## ମାଟି ଅତଡ଼ା ଧସି ଶ୍ରମିକଙ୍କ ମୃତ୍ୟୁ

ପୁରୁଣା ଭୁବନେଶ୍ୱର,୨୩।୧୨(ଡି.ଏନ୍.ଏ.)

ଧଉଳି ଥାନା ଅନ୍ତର୍ଗତ ଲିଙ୍ଗିପୁର ଜେମାଦେଇପୁର ସ୍କୁଲ ନିକଟରେ ଖୋଳାଯାଇଥିବା ଗାତରେ ମାଟି ଅତଡ଼ା ଧସି ସୋମବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଭଞ୍ଜନଗର ଜଗନ୍ନାଥ ପ୍ରସାଦ ଅଞ୍ଚଳର ନରହରି ପଲେଇ। ନରହରି ଏଠାରେ ବଡ଼ଗଡ଼ ତାରେଣୀ ବସ୍ତିରେ ଘର ଭଡ଼ା ନେଇ ରହୁଥିଲେ। ସୂଚନା ଅନୁଯାୟୀ, ସୋମବାର ଉକ୍ତ ସ୍ଥାନରେ ଜେସିବିରେ ମାଟି ତଡ଼ା ହେଉଥିବା ବେଳେ ନରହରି ଗାତ ଭିତରେ ରହିଯାଇଥିଲେ। ହଠାତ୍ ମାଟି ଅତଡ଼ା ଧସିଯିବାରୁ ସେ ଗାତରେ ପୋତି ହୋଇଯାଇଥିଲେ। ତାଙ୍କୁ ସଙ୍ଗେସଙ୍ଗେ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତକଙ୍କ ପରିବାରଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୯୩/୧୯)ରୁଜୁକରି ତଦନ୍ତ ଚଳାଇଛି।

## ବାରବାଟୀ ଟିକେଟ ଜାଲିଆତି ଘଟଣାର ତଦନ୍ତ ହେବ

### ଦର୍ଶକ ଭଲ ଅନୁଭୂତି ନେଇ ଫେରିଛନ୍ତି: ପୋଲିସ କମିଶନର

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)



କଟକ ବାରବାଟୀରେ ରବିବାର ଅନୁଷ୍ଠିତ ତୃତୀୟ ଦିନିକିଆ କ୍ରିକେଟ ମ୍ୟାଚ୍ ଟିକେଟ ଜାଲିଆତି ଘଟଣାର ତଦନ୍ତ କରିବେ କଟକ ଡିସିପି ଅଖିଳେଶ୍ୱର ସିଂ। ଏଥିରେ ଯେଉଁମାନେ ସମ୍ପୃକ୍ତ ଥିବେ ସେମାନଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପୋଲିସ କମିଶନର ସୁଧାଂଶୁ ଷଡ଼ଙ୍ଗୀ କହିଛନ୍ତି। ସେ କହିଲେ, ଏଥର ଦର୍ଶକ ଶାନ୍ତି ଶୃଙ୍ଖଳାରେ ମ୍ୟାଚ୍‌କୁ ଉପଭୋଗ କରି ଭଲ ଅନୁଭୂତି ନେଇ ଘରକୁ ଫେରିଛନ୍ତି। ହେଲେ ପୂର୍ବ ସମସ୍ୟାର ଯେପରି ପୁନରାବୃତ୍ତି ନ ହେବ ସେଥିପାଇଁ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ)କୁ କହିଥିଲୁ। କିନ୍ତୁ ମ୍ୟାଚ ସମୟରେ ପୁଣି ଦେଖିବାକୁ ମିଳିଥିଲା। ପିଇବା ପାଇଁ ପାଣି ନ ପାଇ ଦର୍ଶକ ହଇରାଣ ହେଲେ। ଏହାସହ ଖାଇବା ପାଇଁ ଖାଦ୍ୟ ନ ଥିଲା। ଏହି ସମସ୍ୟା ନଜରକୁ ଆସିବା ପରେ ପୋଲିସ ଲାଗିପଡି ସମାଧାନ କଲା। ଭବିଷ୍ୟତରେ ଯେପରି ଏହା ନ ଘଟିବ ତାହା ଆମେ ଓସିଏଠାରୁ ଆଶା କରିବୁ। ଅନ୍ୟପକ୍ଷରେ ଖେଳାଳିଙ୍କ ସୁରକ୍ଷା ପୂରାପୂରି କଡାକଡି କରାଯାଇଥିଲା। ପୋଲିସକୁ ୩ ଦିଗକୁ ଆଖି ଆଗରେ ରଖି ସୁରକ୍ଷା ବନ୍ଦୋବସ୍ତ କରାଯାଇଥିଲା। ଖେଳାଳିଙ୍କ ସହ ଖେଳପ୍ରେମୀମାନେ ଫଟୋ ଓ ଅଟୋ ଗ୍ରାଫ ନେବା, କୌଣସି ପ୍ରକାର ଅସ୍ୱାଭାବିକ ସ୍ଥିତି ନ ଉପୁଜିବା ଓ ଅତି ଉତ୍ସାହିତ ହୋଇ ଯେପରି ସମର୍ଥକ ତଥା ଖେଳପ୍ରେମୀମାନେ ଖେଳାଳି ରହୁଥିବା ହୋଟେଲରେ ନ ପଶିବେ ସେଥିପ୍ରତି ଅଧିକ ଧ୍ୟାନ ଦିଆଯାଇଥିଲା। ଏପରି କି ଦୁଇ ଦେଶର ଟିମ୍ ଓ ମ୍ୟାନେଜମେଣ୍ଟ ଅନ୍ୟ ରାଜ୍ୟ ଅପେକ୍ଷା ଏଠାରେ ଭଲ ଥିବା କହିଥିଲେ କମିଶନର ଷଡ଼ଙ୍ଗୀ।






## ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ

### ମଶାଣିରୁ ହାଡ଼, ପାଉଁଶ ଜବତ କଲା ସାଇଣ୍ଟିଫିକ୍ ଟିମ୍

ବାଲିପାଟଣା,୨୩।୧୨(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅନ୍ତର୍ଗତ ବନମାଳୀପୁର ଅଞ୍ଚଳରେ ଜଣେ ଯୁବତୀଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି। ସେ ହେଲେ ମିଲୁ ଭୋଇ। ଅସୁସ୍ଥତା ଯୋଗୁ ମିଲୁଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକ କହିଥିବା ବେଳେ ପୋଲିସ ଓ ସାଇଣ୍ଟିଫିକ ଟିମ୍ ମଶାଣିରେ ପହଞ୍ଚି ହାଡ଼, ପାଉଁଶ ଜବତ କରି ତଦନ୍ତ ଚଳାଇଛି।

ସୂଚନା ଅନୁଯାୟୀ, ବନମାଳୀପୁର ଅଞ୍ଚଳର ଜଣେ ଯୁବତୀଙ୍କୁ ହତ୍ୟା କରାଯିବା ପରେ ଘଟଣାକୁ ଚାପିଦେବା ପାଇଁ ପରିବାର ଲୋକେ କାହାକୁ କିଛି ନ ଜଣାଇ ଶ୍ମଶାନରେ ତାଙ୍କ ମୃତଦେହ ପୋଡ଼ିଦେଉଛନ୍ତି ବୋଲି ଜଣେ ବ୍ୟକ୍ତି ଥାନାକୁ ଫୋନ୍ କରି କହିଥିଲେ। ଖବରପାଇ ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ଶ୍ମଶାନରେ ପହଞ୍ଚି ସେଠାରୁ ହାଡ଼ ଓ ପାଉଁଶ ଜବତ କରିଥିଲା। ପରୀକ୍ଷା ପାଇଁ ପାଉଁଶକୁ ଫୋରେନ୍‌ସିକ୍ ଲାବ୍‌କୁ ପଠାଯିବ। ରିପୋର୍ଟ ଆସିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ତଦନ୍ତକାରୀ ଅଧିକାରୀ ନୟନା ବେହେରା କହିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ.୫୦/୧୯)ରୁଜୁ ହୋଇଛି। ଅନ୍ୟପକ୍ଷରେ ଯୁବତୀଙ୍କ ମୃତ୍ୟୁକୁ ନେଇ ଅଞ୍ଚଳରେ ବିଭିନ୍ନ କଥା ଆଲୋଚନା ହେଉଛି। ଏହି ଅଞ୍ଚଳର ଜଣେ ଯୁବକଙ୍କ ସହ ତାଙ୍କ ପ୍ରେମସମ୍ପର୍କ ଥିଲା। ହତ୍ୟା ପଛରେ ପ୍ରେମ ହିଁ କାରଣ ବୋଲି ଚର୍ଚ୍ଚା ହେଉଛି।

## କାଜୁବାଦାମ ଉତ୍ପାଦନରେ ତୃତୀୟରେ ଓଡ଼ିଶା

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)

ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଏବଂ କେନ୍ଦ୍ର କାଜୁ ଓ କୋକା ନିର୍ଦ୍ଦେଶାଳୟର ମିଳିତ ଆନୁକୂଲ୍ୟରେ ଜାତୀୟସ୍ତରୀୟ ପ୍ରଶିକ୍ଷଣ ଶିବିର ସୋମବାର ଇମେଜ ପରିସରରେ ଉଦ୍‌ଘାଟିତ ହୋଇଯାଇଛି। ଏହି କର୍ମଶାଳାକୁ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପ୍ରମୁଖ ଶାସନ ସଚିବ ସୌରଭ ଗର୍ଗ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଓଡ଼ିଶା ରାଜ୍ୟ କାଜୁ ଉନ୍ନୟନ ନିଗମ ଅଧ୍ୟକ୍ଷ ଅମରେନ୍ଦ୍ର ଦାସ ଯୋଗଦେଇ କହିଥିଲେ ଯେ, ରାଜ୍ୟର ବିଭିନ୍ନ ଅଞ୍ଚଳରେ କାଜୁ ଉତ୍ପାଦନ ପାଇଁ ଭଲ ମାଟି ଓ ପାଣିପାଗ ରହିଛି। କାଜୁବାଦାମ ଚାରା ରୋପଣ ଓ ଉତ୍ପାଦନରେ ସାରା ଭାରତରେ ଓଡ଼ିଶା ତୃତୀୟ ସ୍ଥାନରେ ରହିଛି ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ନିଗମ ପରିଚାଳନା ନିର୍ଦ୍ଦେଶକ ସଦାନନ୍ଦ ନାୟକ, କେନ୍ଦ୍ର କାଜୁ ଓ କୋକା ନିର୍ଦ୍ଦେଶାଳୟର ନିର୍ଦ୍ଦେଶକ ଭି.ଏନ୍. ହୁବାଲି, କାଜୁ ବିଶେଷଜ୍ଞ ପ୍ରଫେସର ପି.ସି. ଲେଙ୍କା ଉପସ୍ଥିତ ଥିଲେ। ୪ ଦିନ ଧରି ଚାଲିବାକୁ ଥିବା ଏହି କର୍ମଶାଳାରେ ୯ ରାଜ୍ୟରୁ ପ୍ରାୟ ୫୦ କୃଷି ଓ ଉଦ୍ୟାନ ଅଧିକାରୀମାନେ ଯୋଗଦେଇଛନ୍ତି। ଏହି ଶିବିରରେ କାଜୁ ଚାଷର ଉନ୍ନତି, ଅଧିକ ଅମଳକ୍ଷମ କାଜୁ ଉତ୍ପାଦନ, ଆଧୁନିକ ବୈଜ୍ଞାନିକ ପଦ୍ଧତିରେ ରୋଗପୋକ ନିୟନ୍ତ୍ରଣ ଓ କାଜୁ ଚାଷର ପ୍ରଚାର ପ୍ରସାର ତଥା ଲଙ୍କାଆମ୍ବର ପ୍ରକ୍ରିୟାକରଣ ଉପରେ ଜ୍ଞାନକୌଶଳ ପ୍ରଶିକ୍ଷଣ ଦିଆଯିବ। ଏହାଦ୍ୱାରା ରାଜ୍ୟ ତଥା ଦେଶରେ କାଜୁ ଉତ୍ପାଦନ ବୃଦ୍ଧି ହେବାରେ ସହାୟକ ହେବ।









ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୪ ଡିସେମ୍ବର, ୨୦୧୯

**ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର**

**ଚୌଦ୍ୱାର,୨୩।୧୨(ଡି.ଏନ୍.ଏ.):** ଚୌଦ୍ୱାର ଥାନା ଅଧୀନ ଓଟିଏମ୍ ଦୁର୍ଗା ବଜାରର ମାନ ଗୋବିନ୍ଦ ବଳ(୭୫)ଙ୍କ ମୃତଦେହ ଉଦ୍ଧାର ହୋଇଛି। ଗତ ୧୪ତାରିଖରେ ଘରୁ କେଉଁଆଡେ ଚାଲିଯାଇଥିଲେ। ବହୁ ଖୋଜାଖୋଜି ପରେ ନ ପାଇବାରୁ ତାଙ୍କ ପୁଅ ସ୍ନେହାଶିଷ ଥାନାରେ ଅଭିଯୋଗ କରିଥିଲେ। ସୋମବାର ପୌରପାଳିକାର ୧୨ ନଂ. ୱାର୍ଡ଼ ଚନ୍ଦନେଶ୍ୱର ମନ୍ଦିର ପାଖ ବିଲରେ ମୃତଦେହ ଦେଖି ସ୍ଥାନୀୟ ଲୋକେ ତାଙ୍କ ଘର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ସତ୍କାର କରିଥିଲେ।



## ସଂକ୍ଷେପରେ

### ନଦୀକୁ ଡେଇଁ ନାବାଳିକା ନିଖୋଜ

**ନିଶ୍ଚିନ୍ତକୋଇଲି/ନେମାଳ, ୨୩।୧୨ (ସ୍ୱ.ପ୍ର./ଡି.ଏନ୍.ଏ.):** କଟକ ଜିଲା ନିଶ୍ଚିନ୍ତକୋଇଲି ଅଧୀନ ତିଲକଣା ନିକଟ ଲୁଣା ନଦୀ ପୋଲରୁ ଡେଇଁ ଜଣେ ନାବାଳିକା ସୋମବାର ନିଖୋଜ ହୋଇଯାଇଛନ୍ତି। ସମ୍ପୃକ୍ତ ନାବାଳିକା ଜଣକ ସ୍ଥାନୀୟ ମହାବିଦ୍ୟାଳୟର ଯୁକ୍ତ ୨ କଳାର ଦ୍ୱିତୀୟ ବର୍ଷର ଛାତ୍ରୀ। ସେ ମହାବିଦ୍ୟାଳୟରୁ ଘରକୁ ସାଇକେଲରେ ଫେରୁଥିବା ବେଳେ ହଠାତ୍ ପୋଲ ଉପରୁ ନଦୀକୁ ଡେଇଁ ପଡିଥିଲେ। ସ୍ଥାନୀୟ ଲୋକେ ନଦୀରୁ ଉଦ୍ଧାର କରିବାକୁ ଉଦ୍ୟମ କରିଥିଲେ ମଧ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଖବରପାଇ ନିଶିନ୍ତକୋଇଲି ଅଗ୍ନିଶମ ସେବା ସଂସ୍ଥା କର୍ମଚାରୀ ଆସି ନଦୀରେ ଖୋଜାଖୋଜି କରିଥିଲେ। ମାତ୍ର କୌଣସି ସନ୍ଧାନ ମିଳି ନ ଥିଲା। ନାବାଳିକା ଜଣକ କେଉଁ କାରଣରୁ ନଦୀକୁ ଡେଇଁଛନ୍ତି ତାହା ଅସ୍ପଷ୍ଟ ଥିବାବେଳେ ରିପୋର୍ଟ ଲେଖାହେବା ବେଳକୁ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିଲା।

### ନାବାଳିକାଙ୍କୁ ଅସଦାଚରଣ ଅଭିଯୋଗ

**ଆଠଗଡ,୨୩।୧୨(ସ୍ୱ.ପ୍ର.):** ଆଠଗଡ଼ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କ ସହ ସୋମବାର ଅସଦାଚରଣ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହାକୁ ଭିତ୍ତି କରି ଥାନାରେ ମାମଲା(ନଂ .୩୨୯/୧୯)ରୁଜୁ କରାଯାଇଛି। ଅଭିଯୋଗ ଅନୁଯାୟୀ, ନାବାଳିକାଙ୍କ ଜଣକ ଆଠଗଡ଼ ଥାନା ଅନ୍ତର୍ଗତ ଏକ ଗ୍ରାମରେ ବିଧବା ମା'ଙ୍କ ସହ ରୁହନ୍ତି। ଘରେ କେହି ନ ଥିବା ବେଳେ ସେଠାକୁ ବିଦ୍ୟୁତ୍ ଦେୟ ଆଦାୟ କରିବା ଉଦ୍ଦେଶ୍ୟରେ ଏକ ଘରୋଇ ବିଦ୍ୟୁତ୍ କମ୍ପାନୀର କର୍ମଚାରୀ ପ୍ରଭାକର ପ୍ରଧାନ ସେଠାକୁ ଆସିଥିଲେ। ନାବାଳିକାଙ୍କୁ ଘରେ ଏକୁଟିଆ ପାଇ ପ୍ରଧାନ ତାଙ୍କ ସହ ଅସଦାଚରଣ କରିଥିଲେ। ଏନେଇ ଥାନାରେ ଅଭିଯୋଗ ହେବା ପରେ ଅଭିଯୁକ୍ତ ଫେରାର ହୋଇଯାଇଛନ୍ତି। ପୋଲିସ ପକ୍ଷରୁ ଅଭିଯୁକ୍ତଙ୍କ ଗ୍ରାମ ମାରୁଗୋଠରେ ତଲାସି କରାଯାଇଛି ବୋଲି ଥାନା ଆଇଆଇସି ଜ୍ଞାନ ରଞ୍ଜନ ମିଶ୍ର କହିଛନ୍ତି।

### ଜନ୍ମପୀଠରେ ଶିଳ୍ପୀ ବିମ୍ବାଧର ବର୍ମାଙ୍କ ଶ୍ରାଦ୍ଧୋତ୍ସବ

**ମାହାଙ୍ଗା,୨୩।୧୨(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ୍ ଅନ୍ତର୍ଗତ କୁସୁପୁର ନନ୍ଦକିଶୋର ବିଦ୍ୟା ମନ୍ଦିର ପରିସରରେ ସୋମବାର ସନ୍ଧ୍ୟାରେ ଶିଳ୍ପୀ ବିମ୍ବାଧର ବର୍ମାଙ୍କ ୬୬ତମ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ଲଳିତ କଳା ଏକାଡେମୀ ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ରାଜ୍ୟ ଉଚ୍ଚ ନ୍ୟାୟାଳୟ ଆଇନଜୀବୀ ଶ୍ରୀବନ୍ତ କୁମାର ଜେନା ଅଧକ୍ଷତା କରିଥିଲେ। ମୁଖ୍ୟଅତିଥିଭାବେ ପଞ୍ଚାୟତିରାଜ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ସ୍ୱର୍ଗତ ବର୍ମାଙ୍କ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥିଭାବେ ବ୍ଲକ ଅଧକ୍ଷ ଶରତ ନାୟକ, ଗଜେନ୍ଦ୍ର ପ୍ରସାଦ ସାହୁ, ରାଜକିଶୋର ଜେନା, ପଙ୍କଜ କୁମାର ସାହୁ ଓ ସମିତି ସଭ୍ୟ ପ୍ରଶାନ୍ତ କୁମାର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ।

■ କାଳିଆ ଯୋଜନା ହିତାଧିକାରୀଙ୍କ ମିଳୁନି ତାଲିକା

# ନବନିର୍ମାଣ କୃଷକ ସଂଗଠନର ବ୍ଲକ କାର୍ଯ୍ୟାଳୟ ଘେରାଉ

**ବଡମ୍ବା,୨୩।୧୨(ଡି.ଏନ୍.ଏ.)**


ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଛି।

ବଡ଼ମ୍ବା ବ୍ଲକରେ କାଳିଆ ଯୋଜନା ହିତାଧିକାରୀଙ୍କ ତାଲିକା ମିଳୁନି । ଫଳରେ କେଉଁ ହିତାଧିକାରୀ ଏହି ଯୋଜନାରେ ସାମିଲ ହୋଇଛନ୍ତି ଓ କେଉଁମାନେ ବାଦ୍ ପଡିଛନ୍ତି ତାହା ଜଣାପଡୁନାହିଁ। ତୁରନ୍ତ ଏହି ତାଲିକା ପ୍ରଦାନ କରିବା ଦାବିରେ ସୋମବାର ନବନିର୍ମାଣ କୃଷକ ସଂଗଠନ ବଡମ୍ବା ଶାଖା ପକ୍ଷରୁ ବ୍ଲକ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ସଂଗଠନର ରାଜ୍ୟ ପରିଷଦ ସଦସ୍ୟ ବିଚିତ୍ର କୁମାର ପଣ୍ଡା ଓ ବଡମ୍ବା ବ୍ଲକ୍ ସଂଯୋଜକ ଗଦାଧର ବିଶ୍ୱାଳ ଏହି ଆନ୍ଦୋଳନର ନେତୃତ୍ୱ ନେଇଥିଲେ। ଏହି ଅବସରରେ ବଡମ୍ବା ହାଟସ୍ଥିତ ଆଡିଆ ମହାଦେବ ପୀଠରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟରେ ପହଞ୍ଚିଥିଲା । ସେଠାରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ଏକ ପ୍ରତିବାଦ ସଭା ଅନୁଷ୍ଠିତ କରାଯାଇଥିଲା। ଉକ୍ତ ସଭାରେ ନବନିର୍ମାଣ କୃଷକ ସଂଗଠନ ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ଓ ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ପ୍ରମୁଖ ଯୋଗଦେଇ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ଭର୍ତ୍ସନା କରିଥିଲେ । ତୁରନ୍ତ କାଳିଆ ଯୋଜନା ତାଲିକା ପ୍ରଦାନ କରା ନ ଗଲେ ଆଗାମୀ ଦିନରେ ବଡ଼ ଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଥିଲେ। ସଭାସ୍ଥଳରେ ସ୍ଥାନୀୟ ତହସିଲଦାର ତଥା ଭାରପ୍ରାପ୍ତ ବିଡିଓ ଅନିଲ କୁମାର ପଟ୍ଟନାୟକ ଓ ସହକାରୀ କୃଷି ଅଧିକାରୀ ପ୍ରଭାତୀ ରାମ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାଶୁଝା କରିଥିଲେ। ଏଥିସହ ଖୁବ୍‌ଶୀଘ୍ର ସଂଗଠନର କର୍ମକର୍ତ୍ତାଙ୍କୁ ଏହି ତାଲିକା ପ୍ରଦାନ କରାଯିବ ବୋଲି ପ୍ରତିଶ୍ରୁତି ଦେବାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଗଠନର ବ୍ଲକ ସହ ସଂଯୋଜକ ବୈଷ୍ଣବ ଜେନା, ଅନାଦି ଦାସ ଓ ଅନ୍ୟାନ୍ୟ କର୍ମକର୍ତ୍ତାଙ୍କ ସମେତ ଏକ ହଜାରରୁ ଊର୍ଦ୍ଧ୍ୱ ଚାଷୀ ଏଥିରେ ସାମିଲ ହୋଇଥିଲେ।

ବଡ଼ମ୍ବା ଉପକାରାଗାର ଉଚ୍ଛେଦ ନିଷ୍ପତ୍ତିକୁ ବିରୋଧ

# ଓକିଲ ସଂଘର କାର୍ଯ୍ୟବନ୍ଦ ଆନ୍ଦୋଳନ

**ବଡମ୍ବା,୨୩।୧୨(ଡି.ଏନ୍.ଏ.)**

ବଡମ୍ବା ଉପକାରାଗାର ଉଚ୍ଛେଦ କରିବା ପାଇଁ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ଏହାର ପ୍ରତିବାଦରେ ସୋମବାର ବଡମ୍ବା ଓକିଲ ସଂଘ ତରଫରୁ ଦିନିକିଆ କାର୍ଯ୍ୟବନ୍ଦ ଆନ୍ଦୋଳନ କରାଯାଇଛି। ୧୯୧୬ରେ ପ୍ରତିଷ୍ଠା ହୋଇଥିବା ଏହି ପୁରାତନ କାରାଗାରର ଉଚ୍ଛେଦ ବନ୍ଦ କରା ନଗଲେ ଏକ ବଡ଼ ଜନ ଆନ୍ଦୋଳନ କରାଯିବ ବୋଲି ଓକିଲସଂଘ ସଭାପତି କୈଳାସଚନ୍ଦ୍ର ଜେନା ଚେତାବନୀ ଦେଇଛନ୍ତି। ଏହି ଉଚ୍ଛେଦ ରୋକିବା ବନ୍ଦ କରିବା ପାଇଁ ପୂର୍ବରୁ ସଂଘ ପକ୍ଷରୁ ବିଭାଗୀୟ ଉଚ୍ଚ ପଦାଧିକାରୀଙ୍କୁ ଅବଗତ କରାଯାଇଛି। ମାତ୍ର କୌଣସି ସୁଫଳ ମିଳି ନ ଥିବାରୁ ଏଭଳି ପଦକ୍ଷେପ ଗ୍ରହଣ କରାଯାଇଥିବା ସଭାପତି ଜେନା କହିଛନ୍ତି। ଏସମ୍ପର୍କରେ ମୁଖ୍ୟମନ୍ତ୍ରୀ, ଗୃହସଚିବଙ୍କ ସମେତ ନିକଟରେ ଏମ୍‌ପି ଭର୍ତ୍ତୃହରି ମହତାବ ଓ ବଡମ୍ବା ବିଧାୟକ ଦେବୀପ୍ରସାଦ ମିଶ୍ରଙ୍କୁ ବଡମ୍ବା ଓକିଲ ସଂଘ ପକ୍ଷରୁ ଜଣାଯାଇଛି। ଏହି ଉପକାରାଗାର ଉଚ୍ଛେଦ କରାଗଲେ ବଡମ୍ବାର ଜନସାଧାରଣ ନ୍ୟାୟ ପାଇବାପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେବେ। ଆର୍ଥୀକ ଦୃଷ୍ଟିରୁ ବହୁ ଖର୍ଚ୍ଚାନ୍ତର ସମ୍ମୁଖୀନ ହେବେ। ଉକ୍ତ କାରାଗାରରେ ୨୪ ଜଣ କଏଦୀଙ୍କ ରହିବା ପାଇଁ ବ୍ୟବସ୍ଥା ଥିବା ବେଳେ ସବୁବେଳେ ଅଧାରୁ ଅଧିକ କଏଦୀ ଏଠାରେ ରହିଥାନ୍ତି। ଏଣୁ ସରକାରଙ୍କର ପ୍ରସ୍ତାବିତ ଆଇନରେ ଏହା ସ୍ଥାନାନ୍ତର ହେବା ଉଚିତ୍ ନୁହେଁବୋଲି ସଂଘ ପକ୍ଷରୁ କୁହାଯାଇଛି।

# ଜନଶୁଣାଣିରେ ୧୮୫ ଅଭିଯୋଗ


ଜିଲାପାଳ ଜଣେ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରୁଛନ୍ତି।

**ନିଶ୍ଚିନ୍ତକୋଇଲି,୨୩।୧୨ (ସ୍ୱ.ପ୍ର./ଡି.ଏନ୍.ଏ.)**

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକରେ ସୋମବାର ଜିଲାପାଳଙ୍କ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ କଟକ ଜିଲାପାଳ ଭବାନୀ ଶଙ୍କର ଚଇନି ଯୋଗଦେଇ ୧୮୫ ଅଭିଯୋଗର ଶୁଣାଣି କରିଥିଲେ। ସେଥିରୁ ୧୮୩ ବ୍ୟକ୍ତିଗତ ଅଭିଯୋଗ ହୋଇଥିବା ବେଳେ ୨ଟି ସାମୂହିକ ଅଭିଯୋଗ ହୋଇଥିଲା। ବ୍ଲକ ଅଧକ୍ଷା ସବିତା ଓଝାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିବିର ଆରମ୍ଭ ହୋଇଥିଲା। ଏଥିରେ ଆବାସ ଯୋଜନା ସମ୍ବନ୍ଧୀୟ ୬୮ ଅଭିଯୋଗ, ଭତ୍ତା ସମ୍ବନ୍ଧୀୟ ୨୦, ରାଶନକାର୍ଡ ପାଇଁ ୧୦, ଗ୍ରାମ୍ୟ ରାସ୍ତା ସମ୍ପର୍କିତ ୪, ଫନୀ ସହାୟତା ପାଇଁ ୨୯, ଘରଡିହ ପାଇଁ ଗୋଟିଏ, ରେଡକ୍ରସ ସହାୟତା ପାଇଁ ୩, ପାନୀୟ ଜଳ ପାଇଁ ୬, କୃଷି ସମ୍ବନ୍ଧୀୟ ୬ ଓ ଅନ୍ୟାନ୍ୟ ୩୮ ଅଭିଯୋଗ ଦାଏର ହୋଇଥିଲା। ଏହି ଅବସରରେ ରାମକୃଷ୍ଣପୁର ପଞ୍ଚାୟତର ସେକ୍ ମହମ୍ମଦ ଓ ଜମରାର ଶାନ୍ତିଲତା ଦଳାଇଙ୍କୁ ତୁରନ୍ତ ଭତ୍ତା ପ୍ରଦାନ କରାଯାଇଥିଲା। ସେହିପରି ରେଡକ୍ରସ ପାଣ୍ଠିରୁ ବାଲିଆପଦା ପଞ୍ଚାୟତର ଲତା ମଲିକଙ୍କୁ ୫ ହଜାର, ରାମକୃଷ୍ଣପୁର ପଞ୍ଚାୟତର ରଞ୍ଜନ କୁମାର ବାରିକଙ୍କୁ ୫ ହଜାର, ନତକାଇ ପଞ୍ଚାୟତର ପୁଷ୍ପଲତା ରାଉତଙ୍କୁ ୧୦ ହଜାର ଟଙ୍କା ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ୩ ଜଣଙ୍କୁ ଟ୍ରାଇସାଇକେଲ ପ୍ରଦାନ କରାଯାଇଥିଲା। ଶିବିରକୁ ଏଡିଏମ୍ ବିଜୟ କୁମାର ଖଣ୍ଡାୟତରାୟ, ଅତିରିକ୍ତ ଗ୍ରାମାଞ୍ଚଳ ଏସପି ପ୍ରଦ୍ୟୁମ୍ନ କୁମାର ଜେନା, ସିଡିଏମଓ ସତ୍ୟବ୍ରତ ଛୋଟରାୟ, ବିଡିଓ କର୍ଣ୍ଣଦେବ ସମାଦ୍ଦାର,ଏବିଡିଓ ସୁଶାନ୍ତ ରଣା ଓ ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ କୁମାର ନାୟକ ପ୍ରମୁଖ ପରିଚାଳନା କରିଥିଲେ।

■ ବାରଙ୍ଗ ପଞ୍ଚାୟତ ସମିତି ବୈଠକ

# କୃଷି କ୍ଷେତ୍ରରେ ଅତ୍ୟାଧୁନିକ କୌଶଳ ଆପଣାଅ


ପଞ୍ଚାୟତ ସମିତି ବୈଠକରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

**ନରାଜ,୨୩।୧୨(ଡି.ଏନ୍.ଏ.)**

ବାଙ୍କୀ ନିର୍ବାଚନମଣ୍ଡଳି ଅଧୀନ ୧୬ ପଞ୍ଚାୟତକୁ ନେଇ ଗଠିତ ବାରଙ୍ଗ ପଞ୍ଚାୟତ ସମିତିର ୮ମ ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ସମିତି ସଭାଗୃହରେ ଆୟୋଜିତ ଏହି ବୈଠକରେ ଅଧକ୍ଷ ସରୋଜ କୁମାର ସାହୁ ଅଧକ୍ଷତା କରିଥିଲେ। ବିଡିଓ ପ୍ରଭାକର ପଣ୍ଡା ଗତ ବୈଠକର ବିବରଣୀ ପାଠ କରିଥିଲେ। ରାଶନ କାର୍ଡରୁ ପାଇବାରୁ ବାଦ୍‌ପଡିଥିବା ଯୋଗ୍ୟହିତାଧିକାରୀଙ୍କୁ ତୁରନ୍ତ ସାମିଲ କରିବା ପାଇଁ ବୈଠକରେ ସ୍ଥିର କରାଯାଇଥିଲା। ବିଭିନ୍ନ ବିଦ୍ୟାଳୟର ଭିତ୍ତିଭୂମି ବିକାଶ କରିବା ସହ ଶିକ୍ଷାନୁଷ୍ଠାନରେ ଅଭାବ ଥିବା ପଦବୀଗୁଡିକୁ ପୁରଣ କରିବା ପାଇଁ ସ୍ଥିର କରାଯାଇଥିଲା। ଚାଷ କାର୍ଯ୍ୟରେ ଅତ୍ୟାଧୁନିକ ଜ୍ଞାନକୌଶଳ ପଦ୍ଧତିକୁ କାର୍ଯ୍ୟକାରି କରିବା ପାଇଁ କୃଷି ଅଧିକାରୀଙ୍କୁ ତାଗିଦ କରାଯାଇଥିଲା। ଚାଷୀଙ୍କୁ ଆବଶ୍ୟକ ମୁତାବକ ବିହନ, ସାର ଓ କିଟନାଶକ ଔଷଧ ଯୋଗାଇ ଦେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦିଆଯାଇଥିଲା। ଏହି ବୈଠକରେ ବାଙ୍କୀ ବିଧାୟକ ଦେବିରଞ୍ଜନ ତ୍ରିପାଠୀ, ନିଆଳି ବିଧାୟକ ଡ.ପ୍ରମୋଦ ମଲ୍ଲିକ, କଟକ ଏମପିଙ୍କ ପ୍ରତିନିଧି ରମାକାନ୍ତ ରାଉତ, ୩୨ ନଂ ଜିଲା ପରିଷଦ ସଭ୍ୟା ସସ୍ମିତା ସାହୁ, ୩୩ନଂ ଜୋନ ଜିଲା ପରିଷଦ ସଭ୍ୟା ପୁଷ୍ପଲତା ପାତ୍ର ଓ ବାରଙ୍ଗ ବ୍ଲକ ଉପଧକ୍ଷା ସୁମିତ୍ରା ବେହେରାଙ୍କ ସମେତ ବିଭିନ୍ନ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ।

### ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଏକ ଦିବସୀୟ କ୍ରୀଡ଼ା ଉତ୍ସବ

**ବାଙ୍କୀ,୨୩।୧୨(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡ ଡମପଡ଼ା ବ୍ଲକ ଅନ୍ତର୍ଗତ ଶିକ୍ଷାବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟରେ ସୋମବାର ବ୍ଲକସ୍ତରୀୟ ଦିବ୍ୟାଙ୍ଗ ଛାତ୍ରୀଛାତ୍ରଙ୍କ ଏକ ଦିବସୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଡମପଡ଼ା ବ୍ଲକ ଶିକ୍ଷା ଅଧିକାରିଣୀ ପ୍ରତିମା ସୁନ୍ଦରୀ ଦଳେଇ ଉଦ୍‌ଘାଟନ କରିଥିଲେ। ଦିବ୍ୟାଙ୍ଗମାନଙ୍କ ଭିତରେ ଅନ୍ତର୍ନିହିତ ଶକ୍ତିର ବିକାଶ କରାଇବା ଉତ୍ସବର ମୂଳଲକ୍ଷ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ମୁଖ୍ୟବକ୍ତାଭାବେ ଅତିରିକ୍ତ ଶିକ୍ଷାଧିକାରୀ ଗଦାଧର ପ୍ରଧାନ ଯୋଗଦେଇଥିଲେ। ପ୍ରତିଯୋଗିତାରେ ୭୫ଜଣ ଦିବ୍ୟାଙ୍ଗ ଭାଗ ନେଇଥିଲେ। ୨ୟ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ବ୍ଲକ୍ ଶିକ୍ଷାଧିକାରୀ ପ୍ରତିମା ସୁନ୍ଦରୀ ଦଳେଇ, ତ୍ରିଲୋଚନ ରାଉତ, ଗଦାଧର ପ୍ରଧାନ, ପ୍ରଫୁଲ୍ଲ ଦାଶ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡ଼ିଶୀକୁ ରାଷ୍ଟ୍ରୀୟ ମାନ୍ୟତାରେ କାଳୀଚରଣଙ୍କ ଅବଦାନ ଅତୁଳନୀୟ

**ବାଙ୍କୀ,୨୩।୧୨(ସ୍ୱ.ପ୍ର.)**


ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

ବାଙ୍କୀ ପ୍ରେସକ୍ଲବ ବିଦ୍ୟାରତ୍ନ ଭବନରେ ସୋମବାର ବାଙ୍କୀର ବରପୁତ୍ର କବି ଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ୧୨୩ତମ ଜୟନ୍ତୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମାସିକ ସାହିତ୍ୟ ଆସର ଆନୁକୁଲ୍ୟରେ ଆୟୋଜିତ ଏହି ଉତ୍ସବରେ ଅବସର ପ୍ରାପ୍ତ ଜିଲାପାଳ ପ୍ରଦୀପ କୁମାର ପଟ୍ଟନାୟକ ମୁଖ୍ୟଅତିଥିଭାବରେ ଯୋଗଦେଇ କବିଚନ୍ଦ୍ରଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତାଭାବେ ରାଜ୍ୟ ସମବାୟ ବିଭାଗ ଅତିରିକ୍ତ ସଚିବ ଭରତ ଚନ୍ଦ୍ର ବେହେରା. ସମ୍ମାନିତ ଅତିଥି ବାରବାଟୀ ନୃତ୍ୟ ମହୋତ୍ସବର ପ୍ରତିଷ୍ଠାତା ଗୁରୁ ଆଶିଷ ଦାଶ, ନାଟ୍ୟକାର ଅଭୟ ଦାସ, ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢୀ, ସରୋଜ କୁମାର କାଶ୍ୟପ ଓ ବଳଭଦ୍ର ପଣ୍ଡା ପ୍ରମୁଖ ଯୋଗଦେଇଥିଲେ। ଓଡ଼ିଶୀ ନୃତ୍ୟକୁ ରାଷ୍ଟ୍ରୀୟମାନ୍ୟତା ମିଳିବାରେ କାଳୀଚରଣଙ୍କ ଉଲ୍ଲେଖନୀୟ ଅବଦାନ ଥିଲା ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସାହିତ୍ୟ ଆସରର ସଭାପତି ଇଂ.ସତ୍ୟବ୍ରତ ରଥ ଏଥିରେ ଅଧକ୍ଷତା କରିଥିଲେ। ଅଧ୍ୟାପକ ଡ.ଚିତ୍ରସେନ ରାଉତ ଓ ଅଧ୍ୟାପକ ନିରଦ କୁମାର ମନ୍ତ୍ରୀ କବିଚନ୍ଦ୍ରଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଇଂ.ସତ୍ୟବ୍ରତ ରଥଙ୍କ ଦ୍ୱାରା ଲିଖିତ 'ଜଟିଆ ଜେଜେଙ୍କ ଗପ ଚାଙ୍ଗୁଡି' ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କବି ଶରତ ଚନ୍ଦ୍ର ମହାପାତ୍ରଙ୍କ ଦ୍ୱାରା କବିଚନ୍ଦ୍ରଙ୍କ ସମ୍ପର୍କରେ ସ୍ୱରଚିତ କବିତା ପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ଡ.କଲ୍ୟାଣୀ ପଟ୍ଟନାୟକ, ବିଦ୍ୟୁତଲତା ଭୂୟାଁ, ଆଇନଜୀବୀ ବ୍ରଜବନ୍ଧୁ ପାଲ୍, ଡାକ୍ତର ଶରତ ଚନ୍ଦ୍ର ସ୍ୱାଇଁ, କବି କମଳାକାନ୍ତ ମିଶ୍ର, ସୁବାସ ଚନ୍ଦ୍ର ପ୍ରହରାଜ, ଅରବିନ୍ଦ ହରିଚନ୍ଦନ, ଗୌତମମିଶ୍ର ଓ ବିଭୂପ୍ରସାଦ ସାମଲ ପ୍ରମୁଖ ଉପସ୍ଥିତ ଥିଲେ। କବି ଭଗବାନ ସାମଲ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି କଳା,ସହିତ୍ୟ ଓ ସଂସ୍କୃତି ପରିଷଦ ତରଫରୁ କବିଚନ୍ଦ୍ର ଭବନରେ କାଳୀଚରଣଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ପ୍ରଦାନ ପରେ ସ୍ତୁତିଚାରଣ କରାଯାଇଥିଲା।

# ଖଳାରେ ଧାନ ଖାଇଗଲେ ହାତୀପଲ

**ଟିଗିରିଆ,୨୩।୧୨(ଡି.ଏନ୍.ଏ.)**

ଟିଗିରିଆ ଥାନା ଅନ୍ତର୍ଗତ ଭେଜିଆ ଜଙ୍ଗଲ ନିକଟରେ ଖଳାରେ ରଖାଯାଇଥିବା ଧାନ ରବିବାର ବିଳମ୍ବିତ ରାତିରେ ହାତିପଲ ଖାଇଦେଇଥିବା ନେଇ ଅଭିଯୋଗ ହୋଇଛି। ଅଭିଯୋଗ ଅନୁଯାୟୀ, ପଙ୍କାଳ ଗ୍ରାମର ୟାସିନ୍ ଖାଁ ପାଞ୍ଚ ଏକର ଜମିର ଧାନ କାଟି ବିଲ ନିକଟରେ ହୋଇଥିବା ଖଳାରେ ଅମଳ ପାଇଁ ରଖିଥିଲେ। ମାତ୍ର ନିକଟସ୍ଥ ଜଙ୍ଗଲରୁ କିଛି ହାତୀ ଆସି ଏହି ଧାନ ଖାଇଦେଇଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ଏହି ବିଷୟରେ ଟିଗିରିଆ ବନପାଳ ରାକେଶ କୁମାର ପ୍ରଧାନ କହିଛନ୍ତି, ଲିଖିତ ଭାବେ ଅଭିଯୋଗ ହେବା ପରେ ବନ ବିଭାଗ ପକ୍ଷରୁ ଏସମ୍ପର୍କରେ ତଦନ୍ତ କରାଯାଇ କ୍ଷତି ପୂରଣ ଦିଆଯିବାର ବ୍ୟବସ୍ଥା କରାଯିବ । ସୂଚନାଯୋଗ୍ୟ, ଟିଗିରିଆ ବ୍ଲକ ଅନ୍ତର୍ଗତ ଭେଜିଆ, ବାରମାଣ, ହରିଡାପୋଶି ଆଦି ଜଙ୍ଗଲ ପାଖ ଗ୍ରାମରେ ବାର୍‌ହା, ହାତୀ ଉପଦ୍ରବ ବୃଦ୍ଧି ପାଇଛି। ରାତିରେ ସେମାନେ ଧାନ ଓ ପନିପରିବା ନଷ୍ଟ କରୁଥିଲେ ସୁଦ୍ଧା ବନ ବିଭାଗ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନଥିବା ବାରମ୍ବା ଅଭିଯୋଗ ହେଉଛି।

୨ୟ ଅକ୍ଷୟ ମଲ୍ଲିକ ସ୍ମାରକୀ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟ

# ସେମି ଫାଇନାଲରେ ୟୁନାଇଟେଡ୍ କ୍ଲବ

**ଟିଗିରିଆ, ୨୩।୧୨(ଡି.ଏନ୍.ଏ.)**

ଟିଗିରିଆ ବ୍ଲକ ଅନ୍ତର୍ଗତ ପାଞ୍ଚଗାଁସ୍ଥିତ ମିନି ଷ୍ଟାଡ଼ିୟମରେ ୨ୟ ଅକ୍ଷୟ ମଲ୍ଲିକ ସ୍ମାରକୀ ରାଜ୍ୟ ସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ସୋମବାର ୩ୟ କ୍ୱାଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଦିବ୍ୟଜ୍ୟୋତି ଆସୋସିଏଶନ ଦ୍ୱାରା ଆୟୋଜିତ ଏହି ଟୁର୍ନାମେଣ୍ଟରେ ଚାଉଳିଆଗଞ୍ଜ କ୍ଲବ୍‌କୁ ୩-୦ ଗୋଲରେ ପରାସ୍ତ କରି ୟୁନାଇଟେଡ୍ କ୍ଲବ ଭୁବନେଶ୍ୱର ୩ୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ମ୍ୟାଚର ପ୍ରଥମାର୍ଦ୍ଧରେ ୟୁନାଇଟେଡ୍ କ୍ଲବର ୧୦ ନମ୍ବର ଖେଳାଳି ଜଗନ୍ନାଥ ବାରିକ ପ୍ରଥମ ଗୋଲ ସ୍କୋର କରି ଦଳକୁ ଅଗ୍ରଣୀ କରିଥିଲେ। ଦ୍ୱିତୀୟାର୍ଦ୍ଧରେ ଏହି କ୍ଲବର ୯ ନମ୍ବର ଖେଳାଳି ଶ୍ରୀକାନ୍ତ ବେହେରା ୨ଟି ଗୋଲ ସ୍କୋର କରି ଦଳକୁ ୩-୦ ବିଜୟୀ କରାଇଥିଲେ। ଖେଳର ମୁଖ୍ୟ ଅତିଥିଭାବେ ଦଧିବାମନ ଜୀଉ ବିଦ୍ୟାପୀଠର କ୍ରୀଡା ଶିକ୍ଷକ ସୁବାଷ ମୁଦୁଲି ଯୋଗ ଦେଇ ଉଭୟ ଦଳର ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ମ୍ୟାଚକୁ ରେଫରି ବ୍ରହ୍ମାନନ୍ଦ ଭୋଇ ସୁପରିଚାଳନା କରିଥିବା ବେଳେ ତାଙ୍କୁ ଲାଇନରେ ରଜାକ ଖାଁ ଓ ସଞ୍ଜିବ ଦାଶ ସହାୟତା କରିଥିଲେ। ୪ର୍ଥ ରେଫରି ଭାବେ ପ୍ରତାପ ଚନ୍ଦ୍ର ଦାଶ ଦାୟିତ୍ୱ ନିର୍ବାହ କରିଥିଲେ। ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ପାରାଦୀପର ସ୍ୱସ୍ତିକ କ୍ଲବ୍‌କୁ ୪-୩ ଗୋଲରେ ହରାଇ ଭଞ୍ଜନଗରସ୍ଥିତ ବଳରାଜ କ୍ଲବ ପ୍ରଥମ ଦଳ ଭାବେ ଫାଇନାଲରେ ପ୍ରବେଶ କରିଛି।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

■ ସର୍ପେଶ୍ୱର ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ

# ଭାରତୀୟ ଶିକ୍ଷା, ସଂସ୍କୃତି ବିଶ୍ୱକୁ ଦିଗ୍‌ଦର୍ଶନ ଦେଉଛି

**ଆଠଗଡ,୨୩।୧୨(ସ୍ୱ.ପ୍ର.)**


ଅତିଥିମାନେ ସ୍ମରଣିକା ଉନ୍ମୋଚନ କରୁଛନ୍ତି।

ଆଠଗଡ଼ ବ୍ଲକ ପାଟେଣୀ ଗାଁସ୍ଥିତ ସର୍ପେଶ୍ୱର ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ରାଜ୍ୟପାଳ ଗଣେଶି ଲାଲ ଯୋଗଦେଇ ଭାରତୀୟ ଶିକ୍ଷା ଓ ସଂସ୍କୃତି ସମଗ୍ର ବିଶ୍ୱକୁ ଦିଗ୍‌ଦର୍ଶନ ହେଉଛି ବୋଲି କହିଥିଲେ। ଏହାର ମହାନତାକୁ ଆଦରି ନେବା ପାଇଁ ଶିଶୁମାନେ ପ୍ରକୃତିକୁ ଉପଭୋଗ କରିବା ସହ ପ୍ରତ୍ୟେକ କ୍ଷଣକୁ ଅନୁଭବ କରିବା ଆବଶ୍ୟକ ବୋଲି ସେ ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥିଭାବେ ରାଜ୍ୟ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ଓ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ ଶିକ୍ଷା ବିନା ପ୍ରଗତି ଅସମ୍ଭବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଆଠଗଡ଼ ଉପଜିଲାପାଳ ଅମିୟ କୁମାର ସାହୁ, ବ୍ଲକ ଅଧକ୍ଷ କୃଷ୍ଣଚନ୍ଦ୍ର ଦଳେଇ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ପୂର୍ବ ନିର୍ଦ୍ଧାରିତ ସୂଚୀ ଅନୁଯାୟୀ, ରାଜ୍ୟପାଳ ବିଦ୍ୟାଳୟ ପ୍ରାଙ୍ଗଣରେ ପହଞ୍ଚିବା ପରେ ପାରମ୍ପାରିକ ରୀତି ଅନୁସାରେ ଗାର୍ଡ଼ ଅଫ ଅନର୍ ପ୍ରଦାନ କରାଯାଇଥିଲା। ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ରଙ୍କ ଦ୍ୱାରା ନିର୍ମିତ ବାଲୁକା କଳା ପ୍ରଦର୍ଶନ କରାଯାଇଥିଲା। ସୁବର୍ଣ୍ଣ ଜୟନ୍ତୀ ନିମନ୍ତେ ଆୟୋଜିତ ସଭାରେ ପରିଚାଳନା କମିଟିର ସଭାପତି ଭରତ ଚନ୍ଦ୍ର ପାଣି ଅଧକ୍ଷତା କରିଥିଲେ। ବିଦ୍ୟାଳୟର ପୂର୍ବତନ ଛାତ୍ର ସୁନିଲ କୁମାର ପଟ୍ଟନାୟକ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ଜ୍ୟୋର୍ତିମୟୀ ଦେବୀ ବିଦ୍ୟାଳୟର ଗୌରବମୟ ଇତିହାସ ସମ୍ପର୍କରେ ଆଲୋକପାତ କରିଥିଲେ। ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉପଲକ୍ଷେ ପ୍ରକାଶିତ 'ସ୍ମରଣିକା ସର୍ପେଶ୍ୱରୀ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ବିଦ୍ୟାଳୟର ପ୍ରତିଷ୍ଠାତା ପ୍ରଧାନ ଶିକ୍ଷକ ଶ୍ୟାମସୁନ୍ଦର ବାରିକ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାକର ପତ୍ରୀ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ରାଜକିଶୋର ପଣ୍ଡା, ଅବସରପ୍ରାପ୍ତ ସଂସ୍କୃତ ଶିକ୍ଷକ ପିତବାସ ଦାଶ ଶର୍ମା ଓ ବଂଶୀଧର ପଣ୍ଡା ପ୍ରମୁଖଙ୍କୁ ପୁଷ୍ପଗୁଚ୍ଛ ,ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ବିଦ୍ୟାଳୟର ୫ ଜଣ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ମଙ୍ଗଳବାର, ୨୪ ଡିସେମ୍ବର, ୨୦୧୯



**ନିଖୋଜ ବୃଦ୍ଧଙ୍କ ମୃତଦେହ ଉଦ୍ଧାର**

**ଚୌଦ୍ୱାର,୨୩।୧୨(ଡି.ଏନ୍.ଏ.):** ଚୌଦ୍ୱାର ଥାନା ଅଧୀନ ଓଟିଏମ୍ ଦୁର୍ଗା ବଜାରର ମାନ ଗୋବିନ୍ଦ ବଳ(୭୫)ଙ୍କ ମୃତଦେହ ଉଦ୍ଧାର ହୋଇଛି। ଗତ ୧୪ତାରିଖରେ ଘରୁ କେଉଁଆଡେ ଚାଲିଯାଇଥିଲେ। ବହୁ ଖୋଜାଖୋଜି ପରେ ନ ପାଇବାରୁ ତାଙ୍କ ପୁଅ ସ୍ନେହାଶିଷ ଥାନାରେ ଅଭିଯୋଗ କରିଥିଲେ। ସୋମବାର ପୌରପାଳିକାର ୧୨ ନଂ. ୱାର୍ଡ଼ ଚନ୍ଦନେଶ୍ୱର ମନ୍ଦିର ପାଖ ବିଲରେ ମୃତଦେହ ଦେଖି ସ୍ଥାନୀୟ ଲୋକେ ତାଙ୍କ ଘର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକେ ପହଞ୍ଚି ମୃତଦେହକୁ ଉଦ୍ଧାର କରି ସତ୍କାର କରିଥିଲେ।

## ଆଜି କ'ଣ କେଉଁଠି

କଟକ

- ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୨ତମ ଆବିର୍ଭାବ ମହାମହୋତ୍ସବ, ରେଲୱେ ଇନ୍‌ଷ୍ଟିଚ୍ୟୁଟ, ସକାଳ ୧୦ଟାରୁ ସନ୍ଧ୍ୟା ୫ଟା ୩୦।
- ଗ୍ରାହକ ପଞ୍ଚାୟତ ପକ୍ଷରୁ ଗ୍ରାହକ ଜାଗରଣ ସଭା, ଟାଉନ ହଲ୍, ସନ୍ଧ୍ୟା ୬ଟା।

# କର୍ମଚାରୀ ଅଭାବ, ଘଟୁଛି ବିଶୃଙ୍ଖଳା

**ଚୌଦ୍ୱାର,୨୩।୧୨(ଡି.ଏନ୍.ଏ.)**




**ଚୌଦ୍ୱାର ସର୍କଲ ଜେଲ**
- କ୍ଷମତାଠାରୁ ଅଧିକ କଏଦୀ ଅଛନ୍ତି
- ଅଧିକାଂଶ ସିସିଟିଭି କ୍ୟାମେରା ଅଚଳ

କଟକ ଜିଲା ଚୌଦ୍ୱାର ସର୍କଲ ଜେଲରେ ରହିଛି ଅନେକ ଅବ୍ୟବସ୍ଥା। ମୁଖ୍ୟତଃ ଏଠାରେ କର୍ମଚାରୀଙ୍କ ଅଭାବ ଯୋଗୁ ଅନେକ ସମୟରେ ବିଶୃଙ୍ଖଳା ସୃଷ୍ଟି ହେଉଛି। ଏ ସମ୍ପର୍କରେ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ ଏଥିରେ ସୁଧାର ଆସିପାରୁନାହିଁ। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଏହି ଜେଲରେ ନେତାଙ୍କଠାରୁ ଆରମ୍ଭ କରି ବଡ଼ ବଡ଼ ଗ୍ୟାଙ୍ଗଷ୍ଟର କଏଦୀ ଭାବେ ରହିଛନ୍ତି। ବିଗତ ଦିନଗୁଡ଼ିକରେ ଏହି ଜେଲ ଭିତରେ ବିଭିନ୍ନ ଦୁର୍ଘଟଣା ଘଟିଥିବା ଦେଖିବାକୁ ମିଳିଛି। କେତେବେଳେ ବିଚାରାଧୀନ କଏଦୀଙ୍କ ଉପରେ ଆକ୍ରମଣ ତ ଆଉ କେତେବେଳେ ଜେଲ ପରିସରରୁ ବିଭିନ୍ନ ନିଶା ଦ୍ରବ୍ୟଠାରୁ ଆରମ୍ଭ କରି ମୋବାଇଲ ଜବତ ହେବା ଘଟଣା ଘଟିଛି। ଏପରି କି ଜେଲ ପରିସରରେ ବିଭିନ୍ନ ସମୟରେ ଗ୍ୟାଙ୍ଗ୍‌ୱାର ହେବା ସହ ଅପରାଧୀମାନଙ୍କ ମଧ୍ୟରେ ମାରପିଟ ଘଟିଥିବା ଦେଖିବାକୁ ମିଳିଛି। ଏଠାରେ କମ୍ ସଂଖ୍ୟାରେ ସିସିଟିଭି କ୍ୟାମେରା ଲାଗିବା ଓ କୋହଳ ସୁରକ୍ଷା ବ୍ୟବସ୍ଥାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଏହା ବଡ଼ ଜେଲ ହୋଇଥିବାରୁ ଏଠାରେ ଅଧିକ ସଂଖ୍ୟକ କଏଦୀ ରହୁଛନ୍ତି। କିନ୍ତୁ ଜେଲ କର୍ତ୍ତୃପକ୍ଷଙ୍କ ଅବହେଳା ଯୋଗୁ ଜେଲ ଭିତରୁ ବିଭିନ୍ନ ଫଟୋ ଭାଇରାଲ, ଜେଲରେ ରହି ଅପରାଧୀଙ୍କ ଫୋନ ବ୍ୟବହାର, ଫୋନ ଦ୍ୱାରା ବିଭିନ୍ନ ବ୍ୟବସାୟୀଙ୍କୁ ଧମକ ଦେବା ସହ ଦାଦାବଟି ଆଦାୟ ପାଇଁ ଅପରାଧୀମାନେ ନେଟୱର୍କ ଚଳାଉଛନ୍ତି। ସୂଚନାଯୋଗ୍ୟ, ଗତ ୧ବର୍ଷ ମଧ୍ୟରେ ଜେଲରେ ପ୍ରାୟ ୩/୪ଜଣ କଏଦୀଙ୍କର ଅସ୍ୱାଭାବିକ ମୃତ୍ୟୁ ଘଟିଥିବା ଜଣାପଡିଛି। ଜେଲ ଭିତରୁ ବିଭିନ୍ନ ସମୟରେ ମାଦକଦ୍ରବ୍ୟ, ମୋବାଇଲ କର୍ତ୍ତୃପକ୍ଷଙ୍କ ଦ୍ୱାରା ଜବତ ହେଉଥିଲେ ମଧ୍ୟ ଏହି ଘଟଣା ବାହାରକୁ ଆସୁ ନ ଥିବା ଜେଲର ଜଣେ କର୍ମଚାରୀ ନିଜ ପରିଚୟ ଗୋପନ ରଖି କହିଛନ୍ତି।

ଗତ ଜୁନ୍ ୨୪ରେ ଚୌଦ୍ୱାର ଜେଲ ପରିସରରେ କଟକ ତୁଳସୀପୁର ମଠସାହି ଅଞ୍ଚଳର ରମେଶ ଚନ୍ଦ୍ର ପ୍ରଧାନ ନାମକ କଏଦୀଙ୍କୁ ଏକ କୋଦାଳରେ ଅନ୍ୟଜଣେ କଏଦୀ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ରମେଶଙ୍କୁ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ଗତ ମାର୍ଚ୍ଚ ୧୧ରେ କଟକର ବହୁ ଚର୍ଚ୍ଚିତ କେଶବ ବେହେରା ହତ୍ୟାକାଣ୍ଡର ଅନ୍ୟତମ ଅଭିଯୁକ୍ତ ଟନି ଓରଫ୍ ଶୁଭ୍ରାଂଶୁ କୁମାର ଦାସଙ୍କ ଜେଲ ଭିତରେ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ସେହିପରି ଗତ ୯ ତାରିଖରେ ବେଦପ୍ରକାଶ ବେହେରା ନାମକ ବିଚାରାଧୀନ କଏଦୀ ବେକରେ ଗାମୁଛା ବାନ୍ଧି ଆତ୍ମହତ୍ୟା କରିଥିଲେ। ଏପରି କି ଦଶହରା ସମୟରେ ୪୯ନଂ. ସେଲ ଭିତରେ ଗ୍ୟାଙ୍ଗଷ୍ଟର ରାଜା ଓ ହାଡ଼ିଆ ନିଜ ଫଟୋକୁ ସୋସିଆଲ ମିଡିଆରେ ପୋଷ୍ଟ କରିବା ଘଟଣା ଚର୍ଚ୍ଚାକୁ ଆସିଥିଲା। ଜେଲ ପରିସରରେ ଥାଇ ଗ୍ୟାଙ୍ଗଷ୍ଟର ମହମ୍ମଦ ସକିଲ୍ ଫୋନ୍‌ରେ ତାଙ୍କ ସହଯୋଗୀଙ୍କ ସହ କଥା ହୋଇଥିଲେ। ପରେ ସେମାନଙ୍କୁ କଟକ ବକ୍ସିବଜାରଠାରେ ଥିବା ଆନନ୍ଦ ସ୍ପୋର୍ଟସ ମାଲିକଙ୍କ ନିକଟକୁ ପଠାଇଥିଲେ। ସେମାନେ ସେଠାରେ ପହଞ୍ଚିବା ପରେ ସକିଲ ହ୍ୱାଟସ୍‌ଆପ୍‌ରେ ଭିଡିଓ କଲିଂ ମାଧ୍ୟମରେ ଉକ୍ତ ମାଲିକଙ୍କୁ ଦାଦାବଟି ମାଗିଥିଲେ। ଏ ନେଇ ସମ୍ପୃକ୍ତ ମାଲିକ ଅଭିଯୋଗ କରିବା ପରେ ସକିଲଙ୍କ ୫ ସହଯୋଗୀଙ୍କୁ ପୋଲିସ ଗିରଫ କରିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଜେଲ ପରିସରରେ ବାରମ୍ବାର ଏଭଳି ବେଆଇନ ଘଟଣା ଘଟୁଥିଲେ ମଧ୍ୟ ଏ ଦିଗରେ ସେଭଳି କିଛି ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ଯାହାକୁ ନେଇ ଜେଲର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଜେଲ ପରିସରରେ ଲାଗିଥିବା ଜାମର୍ ଠିକ୍ ଭାବେ କାମ କରୁନି। କଏଦୀମାନଙ୍କ ଗତିବିଧି ଉପରେ ନଜର ରଖିବା ପାଇଁ ଜେଲ୍‌ରେ ୪୮ଟି ସିସିଟିଭି କ୍ୟାମେରା ଲଗାଯାଇଥିବାବେଳେ ସେଥିରୁ ୫ଟି କାମ କରୁଛି। ପ୍ରତି ୧୦ଜଣ କଏଦୀଙ୍କ ପାଇଁ ଜଣେ ୱାର୍ଡର ଆବଶ୍ୟକ ଥିବା ଜେଲ୍ ସୁପରିଣ୍ଟେଣ୍ଡେଣ୍ଟ ରାଜ କୁମାର ସାହୁ କହିଛନ୍ତି। ହେଲେ ଏଠାରେ ୯୯୫ କଏଦୀଙ୍କ ପାଇଁ ୧୫ଜଣ ୱାର୍ଡର ଅଛନ୍ତି। ଏହି ଜେଲରେ ୭୨୮ ଜଣ କଏଦୀ ରହିଥିବା ପାଇଁ ବ୍ୟବସ୍ଥା ଥିବାବେଳେ ଏବେ ଅଧିକ ସଂଖ୍ୟକ କଏଦୀ ଅଛନ୍ତି। ଜେଲ ଚତୁଃପାର୍ଶ୍ୱରେ ୱାଚ୍ ଟାୱାର ଥିବାବେଳେ ୱାଚର ନାହାନ୍ତି। ଏ ସମ୍ପର୍କରେ ଜେଲ ସୁପେରିଣ୍ଟେଣ୍ଡେଣ୍ଟ ସାହୁ କହିଛନ୍ତି, ଜେଲ ପରିସରରେ ଅନେକ ଅବ୍ୟବସ୍ଥା ରହିଛି। ଏ ସମ୍ପର୍କରେ ପ୍ରଶାସନକୁ ଅବଗତ କରାଯାଇଥିଲେ ମଧ୍ୟ ତାହାର ସମାଧାନ ହୋଇପାରୁନାହିଁ। ଫଳରେ ଏଭଳି ବ୍ୟବସ୍ଥା ଲାଗି ରହିଛି।

## ସିଏମ୍‌ସି ପକ୍ଷରୁ ଜବରଦଖଲ ଉଚ୍ଛେଦ



**କଟକ ଅଫିସ,୨୩।୧୨**

କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ସୋମବାର ମଧୁପାଟଣା ଥାନା ଅଧୀନ ଖପୁରିଆ ଛକରୁ ନୂଆପଡା ଯିବା ରାସ୍ତାରେ ଥିବା ପ୍ରାୟ ୨୦ରୁ ଅଧିକ ଉଠାଦୋକାନ ଉଚ୍ଛେଦ କରାଯାଇଛି। ଏହି ଉଚ୍ଛେଦ ବେଳେ ସିଏମ୍‌ସି ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଅବିନାଶ ରାଉତ, ଟ୍ରାଫିକ୍ ଥାନା ଅଧିକାରୀ ମନୋଜ ରୋଶନ ବିଲୁଙ୍ଗ, ମଧୁପାଟଣା ଆଇଆଇସି ତୁଷାରକାନ୍ତ ସେଠୀ ଉପସ୍ଥିତ ଥିଲେ। ଉକ୍ତ ରାସ୍ତାର ଉଭୟ ପାର୍ଶ୍ୱରେ ବେଆଇନ ଭାବେ ଉଠା ଦୋକାନ ଗଢିଉଠିଛି। ତେଣୁ ଅନେକ ସମୟରେ ଟ୍ରାଫିକ ଜାମ ଭଳି ସମସ୍ୟା ଉପୁଜୁଛି। ଏ ନେଇ ଲୋକଙ୍କ ପକ୍ଷରୁ ଅଭିଯୋଗ ହେବା ପରେ ସିଏମ୍‌ସି ପକ୍ଷରୁ ରାସ୍ତାପାର୍ଶ୍ୱ ଦୋକାନଗୁଡିକୁ ଉଚ୍ଛେଦ କରାଯାଇଥିଲା।

## ୩ ଧାନମଣ୍ଡି ଉଦ୍‌ଘାଟିତ

**ଟାଙ୍ଗୀ(କଟକ)୨୩।୧୨(ଡି.ଏନ୍.ଏ):** ଟାଙ୍ଗୀ-ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ହଳଦୀବସନ୍ତ, କୋଟସାହି ଓ ଗୋବିନ୍ଦପୁର ସେବା ସମବାୟ ସମିତି ପକ୍ଷରୁ ସୋମବାର ଧାନମଣ୍ଡି ଉଦ୍‌ଘାଟିତ ହୋଇଯାଇଛି। ହଳଦୀବସନ୍ତ ସେବା ସମବାୟ ସମିତି ପକ୍ଷରୁ ବିଶ୍ୱନାହାକାଣୀ ହାଟ ପଡ଼ିଆରେ ସରପଞ୍ଚ ସୁବୋଧ ସାମଲଙ୍କ ପୌରହିତ୍ୟରେ ଆୟୋଜିତ ଧାନମଣ୍ଡିକୁ ବିଧାୟକ ପ୍ରଶାନ୍ତ କୁମାର ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସ୍ଥାନୀୟ ସପନପୁର ମହିମା ଆଶ୍ରମର ତତ୍ତ୍ୱାବଧାରକ ବାବା ଶୁକଦେବ ଦାସ ପ୍ରଦୀପ ପ୍ରଜ୍ୱଳନ କରି ମଣ୍ଡି କାର୍ଯ୍ୟର ଶୁଭାରମ୍ଭ କରିଥିଲେ। ସରକାରଙ୍କ ପ୍ରଚଳିତ ଟୋକନ୍ ଆଧାରରେ ସମିତି ଅଧୀନସ୍ଥ ୨୧ଜଣ ଚାଷୀଙ୍କ ନିକଟରୁ ମୋଟ ୫୯୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ସମ୍ପାଦକ ନିକୁଞ୍ଜ ବେହେରା ସୂଚନା ଦେଇଥିଲେ। ପଞ୍ଚାୟତ ସମିତି ଅଧକ୍ଷା ଜୟଶ୍ରୀ ପ୍ରଧାନ, ଜିଲା ପରିଷଦ ସଭ୍ୟା ମଧୁସ୍ମିତା ସେଠୀ, ସମିତି ସଭ୍ୟ ସୁକାନ୍ତ ସାମଲ, ପଞ୍ଚାୟତ ବିଜେଡି ସଭାପତି ଅରୁଣ ପ୍ରକାଶ ରାଉତରାୟ ଓ ସମିତି ସଭାପତି ସୁବାସ ଚନ୍ଦ୍ର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଅନ୍ୟପକ୍ଷରେ ସମିତି ପୁନଃଗଠନ ପ୍ରକ୍ରିୟାରେ ହଳଦୀବସନ୍ତ ସେବା ସମବାୟ ସମିତିକୁ ସାମିଲ କରିବା ଉଦ୍ଦେଶ୍ୟରେ ଚାଷୀଙ୍କ ପକ୍ଷରୁ ଏକ ଦାବିପତ୍ର ବିଧାୟକଙ୍କୁ ପ୍ରଦାନ କରାଯାଇଥିଲା। ସାମାଜିକ କର୍ମୀ ମାନସ ଭଗତ ଧନ୍ୟବାଦ ଦେଇଥିଲେ। ସେହିପରି କୋଟସାହି ସେବା ସମବାୟ ସମିତି ପକ୍ଷରୁ ଉଚ୍ଚପଦା ମଣ୍ଡି ଉଦ୍‌ଘାଟିତ ହୋଇ ୨୨ଜଣ ଚାଷୀଙ୍କ ନିକଟରୁ ୭୨୮କୁଇଣ୍ଟାଲ ଓ ଗୋବିନ୍ଦପୁର ସେବା ସମବାୟ ସମିତି ଅଧୀନସ୍ଥ ମାଗୁରା ମଣ୍ଡିରେ ୨୦ଜଣ ଚାଷୀଙ୍କ ନିକଟରୁ ୫୭୧କୁଇଣ୍ଟାଲ ଧାନ ସଂଗୃହୀତ ହୋଇଥିଲା।

## ଆସିଲେନି ଶିକ୍ଷକ, ଫେରିଲେ ଛାତ୍ରୀଛାତ୍ର

**କଣ୍ଟାପଡା,୨୩।୧୨(ଡି.ଏନ୍.ଏ.)**

କଣ୍ଟାପଡା ବ୍ଲକ ଅନ୍ତର୍ଗତ ଉରାଡ଼ ରାଧାମୋହନ ଉନ୍ନୀତ ଉଚ୍ଚ ବିଦ୍ୟାଳୟରେ ସୋମବାର ଶିକ୍ଷୟିତ୍ରୀ ଶିକ୍ଷକ ଅନୁପସ୍ଥିତ ଥିବାରୁ ଛାତ୍ରୀଛାତ୍ରମାନେ ପାଠପଢ଼ିବାକୁ ଆସି ନିରାଶ ହୋଇ ଫେରିଯାଇଛନ୍ତି। ଏ ସମ୍ପର୍କରେ ଖବରପାଇ ଅଡ଼ଶପୁର କ୍ଲଷ୍ଟରର ସିଆର୍‌ସିସି ପୂର୍ଣ୍ଣାନନ୍ଦ ଦଳେଇ ଉକ୍ତ ସ୍କୁଲକୁ ପରିଦର୍ଶନ କରି ଘଟଣା ସମ୍ପର୍କରେ ବ୍ଲକ ଶିକ୍ଷାଧିକାରୀଙ୍କୁ ତଦନ୍ତ ରିପୋର୍ଟ ଦେଇଥିବା ଜଣାପଡିଛି। ଖବର ସଂଗ୍ରହ କରିବାରେ ସୋମବାର ପାଇଁ କଣ୍ଟାପଡା ବ୍ଲକର ସମସ୍ତ ପ୍ରାଥମିକ ବିଦ୍ୟାଳୟ ବନ୍ଦ ରହିଥିଲା। ତେବେ ଉକ୍ତ ବିଦ୍ୟାଳୟରେ ୬ଷ୍ଠରୁ ୧୦ମ ପର୍ଯ୍ୟନ୍ତ ରହିଛି। ତେଣୁ ଅନ୍ୟ କ୍ଲାସକୁ ବାଦ୍ ଦେଲେ ୧୦ମ ଶ୍ରେଣୀରେ ରିମେଡିଆଲ କ୍ଲାସ୍ କରିବା ପାଇଁ ସ୍ପଷ୍ଟ ନିର୍ଦ୍ଦେଶ ରହିଥିଲା। ମାତ୍ର ସୋମବାର ଛାତ୍ରୀଛାତ୍ରମାନେ ବିଦ୍ୟାଳୟକୁ ଆସିଥିବାବେଳେ ଗେଟ୍‌ରେ ତାଲା ପଡିଥିଲା। କିଛି ସମୟ ଅପେକ୍ଷା ପରେ ମଧ୍ୟ କୌଣସି ଶିକ୍ଷୟିତ୍ରୀ ଶିକ୍ଷକ ନ ଆସିବାରୁ ଫେରିଯାଇଥିଲେ। ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପ୍ରଭାତୀ ଦେଇ କୁହନ୍ତି, ଭିଜିଟର ଡେ ଯୋଗୁ ବିଦ୍ୟାଳୟ ବନ୍ଦ ରହିଥିଲା। ବ୍ଲକ ଶିକ୍ଷାଧିକାରୀ ଦେବେନ୍ଦ୍ର ବାରିକ କୁହନ୍ତି, ଛୁଟିଦିନରେ ୧୦ମ ଶ୍ରେଣୀର ୧ଘଣ୍ଟା ପାଇଁ ରିମେଡିଆଲ କ୍ଲାସ କରିବାକୁ ସରକାରୀ ନିର୍ଦ୍ଦେଶ ରହିଛି। ଏହି ଘଟଣାର ତଦନ୍ତ ରିପୋର୍ଟ ମିଳିଛି, ନିଶ୍ଚିତ ଭାବେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## ନିର୍ଦ୍ଦେଶ ଅନୁପାଳନ କରି ନ ଥିବା ମଣ୍ଡପ ପହିଲାରୁ ବନ୍ଦ

**କଟକ ଅଫିସ,୨୩।୧୨**

**ସିଏମ୍‌ସି କଲ୍ୟାଣ ମଣ୍ଡପ ମାମଲା**

ନିର୍ଦ୍ଦେଶାବଳୀ ଅନୁଯାୟୀ ଚାଲୁ ନ ଥିବା ମଣ୍ଡପଗୁଡ଼ିକୁ ଜାନୁୟାରୀ ପହିଲାରୁ ବନ୍ଦ କରାଯିବ। କଲ୍ୟାଣ ମଣ୍ଡପ ବୁକିଂ ଓ କାର୍ଯ୍ୟକ୍ରମ ସମ୍ପର୍କିତ ସବିଶେଷ ତଥ୍ୟ ଆସନ୍ତା ୨୬ ତାରିଖ ସୁଦ୍ଧା ଡିସିପିଙ୍କ ନିକଟରେ ଦାଖଲ କରାଯିବ। କଟକ ମହାନଗର ନିଗମ(ସିଏମ୍‌ସି) ଇଲାକାରେ ଥିବା କଲ୍ୟାଣମଣ୍ଡପ ଲାଇସେନ୍ସ ମାମଲାରେ ହାଇକୋର୍ଟ ଏହି କଥା କହିଛନ୍ତି। ତେବେ ପୂର୍ବ ତାରିଖରେ କଲ୍ୟାଣ ମଣ୍ଡପ ବୁକିଂ ବନ୍ଦ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ବୁକିଂ ସମ୍ପର୍କିତ କୌଣସି ତଥ୍ୟ ସିଏମ୍‌ସି କୋର୍ଟରେ ଦାଖଲ କରିପାରିନାହିଁ।

ସୂଚନାଥାଉ କି, ସିଏମ୍‌ସି ଇଲାକାରେ ରହିଥିବା କଲ୍ୟାଣ ମଣ୍ଡପଗୁଡ଼ିକ ବେଆଇନ ଭାବେ ଚାଲିଛି। ଏହାକୁ ନେଇ ହାଇକୋର୍ଟରେ ଜନସ୍ୱାର୍ଥ ମାମଲା ରୁଜୁ ହୋଇଥିଲା। କୋର୍ଟଙ୍କ ପକ୍ଷରୁ ଆଡଭୋକେଟ ଅରୁଣ କୁମାର ବୁଦ୍ଧିଆଙ୍କୁ ଆମିକସ୍‌କ୍ୟୁରି ଭାବେ ନିଯୁକ୍ତି ଦିଆଯାଇଥିଲା। କଲ୍ୟାଣମଣ୍ଡପ ଚାଲିବା ପାଇଁ ହାଇକୋର୍ଟ ଏକ ନିର୍ଦ୍ଦେଶାବଳୀ ଧାର୍ଯ୍ୟ କରିଥିଲେ। ଏହି ନିର୍ଦ୍ଦେଶାବଳୀକୁ ପାଳନ କରି ନ ଥିବା କଲ୍ୟାଣ ମଣ୍ଡପଗୁଡ଼ିକ ବନ୍ଦ କରାଯିବ। ଫେବୃୟାରୀ ୩ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ।



ପଲ୍ଲୀକବି ନନ୍ଦ କିଶୋର ବଳଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହରେ ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

## 'ନନ୍ଦକିଶୋର ବଳଙ୍କ ସାରସ୍ୱତ କୀର୍ତ୍ତି ଅନନ୍ୟ'

**କଟକ ଅଫିସ, ୨୩।୧୨**

ପଲ୍ଲୀକବି ନନ୍ଦ କିଶୋର ବଳଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ସୋମବାର କଟକ ଶ୍ରୀରାମଚନ୍ଦ୍ର ଭବନରେ ଅନୁଷ୍ଠିତ ହୋଇଯାଇଛି। ପଲ୍ଲୀକବି ନନ୍ଦକିଶୋର ବଳ ଫାଉଣ୍ଡେଶନ୍‌ର ସଭାପତି ଇଂ. ସୁଶାନ୍ତ କିଶୋର ବଳଙ୍କ ଅଧକ୍ଷତାରେ ଆୟୋଜିତ ସମାରୋହରେ ଅତିଥି ଭାବେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଯୋଗଦେଇ କହିଥିଲେ, ମାଆ, ମାତୃଭୂମି ଓ ମାତୃଭାଷା ପ୍ରତି ପଲ୍ଲୀକବିଙ୍କ ଅନୁରକ୍ତି ପ୍ରତ୍ୟେକ ଓଡ଼ିଆଙ୍କର ଅନୁକରଣୀୟ ହେବା ବାଞ୍ଛନୀୟ। ସେହିପରି ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରାବନ୍ଧିକ ଓ ସମାଲୋଚକ ଡ.ବାବାଜୀ ଚରଣ ପଟ୍ଟନାୟକ କହିଥିଲେ, ପଲ୍ଲୀକବି ନନ୍ଦ କିଶୋର ବଳଙ୍କ ସାରସ୍ୱତ କୀର୍ତ୍ତି ଅନନ୍ୟ। ଏଥିରେ ସମ୍ମାନିତ ଅତିଥି ଭାବେ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଯୋଗଦେଇଥିଲେ। ଏହି ଅବସରରେ ଅନୁଷ୍ଠାନ ପକ୍ଷରୁ ସମ୍ପାଦିତ 'ପଲ୍ଲୀକବି ନନ୍ଦକିଶୋର ବଳଙ୍କ ସୃଷ୍ଟି-ସମୀକ୍ଷା' ପୁସ୍ତକ ଉନ୍ମୋଚିତ ହୋଇଥିଲା। ଏଥିସହିତ ଡ. ଭାଗବତ ଶୁକ୍ଳଙ୍କୁ ପଲ୍ଲୀକବି ନନ୍ଦକିଶୋର ବଳ ସାରସ୍ୱତ ସମ୍ମାନ, ସୌମ୍ୟରଞ୍ଜନ ସାମଲଙ୍କୁ 'ପଲ୍ଲୀକବି ନନ୍ଦକିଶୋର ବଳ ସମାଜସେବା ସମ୍ମାନ' ଓ ଇଂ. ବ୍ରହ୍ମା ମିଶ୍ରଙ୍କୁ ପଲ୍ଲୀକବି ନନ୍ଦକିଶୋର ବଳ ଉଦ୍ୟୋଗ ସମ୍ମାନରେ ସମ୍ମାନିତ କରାଯାଇଥିଲା। କବି ଶକ୍ତିପ୍ରଦା ମହାପାତ୍ର ସଭା ପରିଚାଳନା କରିଥିବାବେଳେ ବ୍ରହ୍ମାନନ୍ଦ ବିଶ୍ୱାଳ ଧନ୍ୟବାଦ ଦେଇଥିଲେ।

## ବରିଷ୍ଠ ନାଗରିକ ମଞ୍ଚର ବାର୍ଷିକୋତ୍ସବ

**ଖୁଣ୍ଟୁଣୀ,୨୩।୧୨(ଡି.ଏନ୍.ଏ.):** ଆଠଗଡ଼ ବ୍ଲକ ଗୁରୁଡିଝାଟିଆଠାରେ ନ'ବେଢ଼ା ବରିଷ୍ଠ ନାଗରିକ ମଞ୍ଚର ଦ୍ୱିତୀୟ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ପୂର୍ବତନ ବିଧାୟକ ରସାନନ୍ଦ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥିଭାବେ ସମବାୟ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ, ମୁଖ୍ୟବକ୍ତା ପ୍ରଫେସର ଡା.କୃପାସିନ୍ଧୁ ପଣ୍ଡା, ସମ୍ମାନିତ ଅତିଥି କଟକ ଗ୍ରାମାଞ୍ଚଳ ଏସ୍‌ପି ରାଧାବିନୋଦ ପାଣିଗ୍ରାହୀ, ଅବସରପ୍ରାପ୍ତ ମୁଖ୍ୟଯନ୍ତ୍ରୀ ସୁଧାକର ପତ୍ରୀ, ନାଗରିକ ମଞ୍ଚ ମହାସଭାର ସମ୍ପାଦକ ବିଷ୍ଣୁମୋହନ ଦାସ ସାମନ୍ତ ଏବଂ ଗୁରୁଡିଝାଟିଆ ଥାନାଧିକାରୀ ବିଜୟକେତନ ବିସି ପ୍ରମୁଖ ଯୋଗଦେଇଥିଲେ। ସାଧାରଣ ସମ୍ପାଦକ ଶରତ କୁମାର ଖୁଣ୍ଟିଆ ବରିଷ୍ଠ ନାଗରିକ ତଥା ଅଞ୍ଚଳବାସୀଙ୍କ ସ୍ୱାର୍ଥ ପାଇଁ କେତେକ ଦାବି ଉପସ୍ଥାପନ କରିଥିବାବେଳେ ଏଗୁଡିକୁ ମନ୍ତ୍ରୀ ଖୁବଶୀଘ୍ର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଶେଷରେ ପ୍ରତାପ କିଶୋର ମହାପାତ୍ର ଧନ୍ୟବାଦ ଦେଇଥିଲେ।

## କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଜୟନ୍ତୀ

**କଟକ ଅଫିସ,୨୩।୧୨:** କଟକ ମର୍କତନଗରଠାରେ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ୧୨୨ତମ ଜୟନ୍ତୀ ଉତ୍ସବ ସୋମବାର ପାଳିତ ହୋଇଯାଇଛି। ଏଥିରେ କଟକ ମହାନଗର ନାଗରିକ ମହାସଭାର ସଭାପତି ଡା. ରବି ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ସାହିତ୍ୟର ପ୍ରତ୍ୟେକ ବିଭାଗରେ କାଳୀଚରଣ ଲେଖନୀ ଚାଳନା କରିଥିଲେ। ସମ୍ମାନିତ ଅତିଥି ଡ. ପରିଣୀତା ଦାସ କହିଥିଲେ, ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପ୍ରଦାନ ଦିଗରେ କବିଚନ୍ଦ୍ରଙ୍କର ଅବଦାନ ଅତୁଳନୀୟ। ସାମାଜିକ କର୍ମୀ ଗୋବିନ୍ଦ ଦାସ ଉତ୍ସବରେ ଅଧକ୍ଷତା ଓ ସୋନାଲି ମହାରଣା ଧନ୍ୟବାଦ ଦେଇଥିଲେ।

## ବକେୟା ଭତ୍ତା ଦାବି କଲେ ୨୮ କଳାକାର

**ଟାଙ୍ଗୀ(କଟକ)୨୩।୧୨(ଡି.ଏନ୍.ଏ)**

ରାଜ୍ୟ ସରକାର କଳାକାରମାନଙ୍କ ସାମାଜିକ ସୁରକ୍ଷା ନିମନ୍ତେ ମୁଖ୍ୟମନ୍ତ୍ରୀ କଳାକାର ଯୋଜନା ଲାଗୁ କରି ଦୁଇ ମାସର ଭତ୍ତା ବାବଦକୁ ୨୪ଶହ ଟଙ୍କାର ଚେକ୍ ବଣ୍ଟନ କରାଯାଇଥିଲା। ୨୦୧୮ ନଭେମ୍ବର ଓ ଡିସେମ୍ବର ମାସର ଭତ୍ତା ପରେ ୨୦୧୯ ଜାନୁୟାରୀରେ ଆକାଉଣ୍ଟ ଟ୍ରାନ୍ସଫର ବ୍ୟବସ୍ଥା କଥା କୁହାଯାଇ ବ୍ଲକ ପ୍ରଶାସନ କଳାକାରମାନଙ୍କ ବ୍ୟାଙ୍କ ଆକାଉଣ୍ଟ ଓ ଆଧାର କାର୍ଡ ନକଲ ସଂଗ୍ରହ କରିଥିଲା। ଏହାପରେ ଭତ୍ତା ଆସି ନ ଥିବା ନେଇ ଟାଙ୍ଗୀ-ଚୌଦ୍ୱାର ବ୍ଲକର ପ୍ରାୟ ୨୮ଜଣ କଳାକାର ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। କନ୍ହେଇପୁର ପଞ୍ଚାୟତ ତେଲିଆପଡ଼ା ବାସିନ୍ଦା ସଂକୀର୍ତ୍ତନ କଳାକାର ନରୋତ୍ତମ ସ୍ୱାଇଁ ଏ ସଂକ୍ରାନ୍ତ ଅଭିଯୋଗ ଆଣିବା ପରେ କଳାକାରମାନଙ୍କ ବର୍ତ୍ତମାନର ଆର୍ଥିକ ସ୍ଥିତି ଦୟନୀୟ ହୋଇପଡ଼ିଛି। ଘଟଣା ସଂକ୍ରାନ୍ତରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ ସାହୁ କୁହନ୍ତି, ଜିଲା ପ୍ରଶାସନ କଳାକାର ଚୟନ ପୂର୍ବକ ପ୍ରାଥମିକ ପର୍ଯ୍ୟାୟରେ ୧୩୯ଜଣଙ୍କୁ ଦୁଇମାସର ଭତ୍ତା ପ୍ରଦାନ କରିଥିଲେ। ପରବର୍ତ୍ତୀ ସମୟରେ ଆକାଉଣ୍ଟ ଟ୍ରାନ୍ସଫର ବ୍ୟବସ୍ଥା କଥା କୁହାଗଲା। ସେମାନଙ୍କ ମଧ୍ୟରୁ ୧୧୩ଜଣ ନିର୍ଦ୍ଧାରିତ ସମୟରେ ଓ ୨୮ଜଣ ବିଳମ୍ବରେ ଆବଶ୍ୟକ କାଗଜପତ୍ର ଦାଖଲ କରିଥିଲେ। ଫଳରେ ବିଳମ୍ବରେ ଦାଖଲ କରିଥିବା କଳାକାରମାନଙ୍କ ଭତ୍ତା ମିଳିବାରେ ସମସ୍ୟା ଦେଖାଦେଇଛି। ତେବେ ଉକ୍ତ ଘଟଣାକୁ ଗୁରୁତର ନେବା ସହ କଳାକାରମାନଙ୍କ ବକେୟା ପ୍ରଦାନ ନିମନ୍ତେ ପଦକ୍ଷେପ ଗ୍ରହଣ କରାଯିବ ବୋଲି ବିଡିଓ ବିନୋଦ କୁମାର ସେନାପତି କହିଛନ୍ତି।

## ରାସ୍ତାରେ ହାତୀ, ଯାନବାହନ ଚଳାଚଳ ବ୍ୟାହତ

**ଚୌଦ୍ୱାର,୨୩।୧୨(ଡି.ଏନ୍.ଏ.)**

ଚୌଦ୍ୱାର ଓ ଏହାର ଆଖପାଖ ଅଞ୍ଚଳରେ ଗତ କିଛିଦିନ ହେବ ହାତୀ ଆତଙ୍କରେ ଲୋକେ ଅତିଷ୍ଠ ହୋଇପଡିଛନ୍ତି। ଗତ କିଛିଦିନ ତଳେ ୧୮ଟି ହାତୀ ମଙ୍ଗଳପୁର କାଜୁ ଜଙ୍ଗଲରେ ୩ଦିନ ରହି ଜଙ୍ଗଲକୁ ଯାଇଥିବାବେଳେ ରବିବାର ବିଳମ୍ବିତ ରାତିରେ ୧୧ଟି ଚନ୍ଦକା ହାତୀପଲ କଟକ ବନଖଣ୍ଡ ଡାଳିଯୋଡା ରେଞ୍ଜ ଅଧୀନକୁ ଆସି ଚୌଦ୍ୱାର ଛତିଶାପାଟ ଦେଇ ସୋମବାର ଭୋରୁ ଡିହସାହି ଗହୀର ଭିତରକୁ ଯାଇଛନ୍ତି। କିନ୍ତୁ ଯିବାବେଳେ ହାତୀପଲଙ୍କ ଭିତରୁ ୫୫ନଂ. ଜାତୀୟ ରାଜପଥର ଗୋପାଳପୁର ଛକ ନିକଟରେ ଗୋଟିଏ ମାଇହାତୀ ଓ ଏକ ଛୁଆ ଦନ୍ତା ହାତୀ ଗୋପାଳପୁରଠାରେ ଥିବା ବୁଦୁବୁଦିଆ ଜଙ୍ଗଲରେ ରହିଯାଇଥିଲେ। ଦିନ ପ୍ରାୟ ୯ଟା ସମୟରେ ହାତୀ ରାଜପଥ କଡ଼ରେ ବୁଲୁଥିବା ସ୍ଥାନୀୟ ଲୋକେ ଦେଖି ବନ ବିଭାଗକୁ ଜଣାଇଥିଲେ। ଖବରପାଇ ଚୌଦ୍ୱାର ଫରେଷ୍ଟ ଡିଭିଜନ କର୍ମଚାରୀ, ହାତୀ ଘଉଡ଼ାଇବା ସ୍କ୍ୱାଡ ଓ ଚୌଦ୍ୱାର ପୋଲିସ ପହଞ୍ଚି ହାତୀଙ୍କୁ ଜଙ୍ଗଲ ଆଡକୁ ମୁହାଁଇବା ପାଇଁ ଚେଷ୍ଟା କରିଥିଲେ। ହାତୀ ୨ଟିକୁ ରାସ୍ତାପାର କରାଇବା ସମୟରେ ରାଜପଥରେ ଦୀର୍ଘ ୧ଘଣ୍ଟାକାଳ ଯାନବାହନ ଅଟକି ରହିଥିଲା। ଚୌଦ୍ୱାର ବନପାଳ ଓ ଚୌଦ୍ୱାର ପୋଲିସ ଘଟଣାସ୍ଥଳରେ ପହଞ୍ଚି ବାଣ ମାରି ହାତୀକୁ ଘଉଡ଼ାଇବା ପରେ ଦିନ ପ୍ରାୟ ୧୦ଟା ପରେ ଯାନବାହନ ଚଳାଚଳ ସ୍ୱାଭାବିକ ହୋଇଥିଲା। ଏହାସହ ଆଉ ୯ଟି ହାତୀ ମଧ୍ୟ ଛତିଶା ଭିତରେ ଥିବାବେଳେ ବ୍ୟାପକ ଫସଲ ନଷ୍ଟ କରୁଥିବା ସ୍ଥାନୀୟ ଚାଷୀମାନେ ଅଭିଯୋଗ କରୁଛନ୍ତି। ହାତୀପଲ ସହର ଭିତରକୁ ନ ପଶିବା ପାଇଁ ବନ ବିଭାଗ ପକ୍ଷରୁ ତୀକ୍ଷ୍ଣ ନଜର ରଖାଯାଇଥିବା ବନପାଳ ଜ୍ୟୋତି ରଞ୍ଜନ ମହାପାତ୍ର କହିଛନ୍ତି।



ହାତୀ ଯୋଗୁ ରାସ୍ତାରେ ଅଟକି ରହିଥିବା ଯାନବାହନ।

## 'ଭାରତ ବିଶ୍ୱର ଉପଦେଷ୍ଟା'

### ସ୍ୱର୍ଗଧାମରେ ଶହୀଦ ସ୍ତମ୍ଭ, ୬ ଶହୀଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**କଟକ ଅଫିସ, ୨୩।୧୨**

ଭାରତ ହେଉଛି ବିଶ୍ୱର ଜନନୀ। ଯୁଗ ଯୁଗ ଧରି ଭାରତ ବିଶ୍ୱର ଉପଦେଷ୍ଟା ଭୂମିକା ନିର୍ବାହ କରିଆସିଛି। ଭାରତ ସୁରକ୍ଷିତ ରହିଲେ ସମଗ୍ର ବିଶ୍ୱ ସୁରକ୍ଷିତ ରହିବ। ଯେଉଁମାନେ ଭାରତକୁ ସୁରକ୍ଷିତ ରଖିବା ପାଇଁ ଅବିରତ କାର୍ଯ୍ୟ କରିଚାଲିଛନ୍ତି, ସେଥିପାଇଁ ସେମାନେ ସମସ୍ତଙ୍କ ପାଇଁ ପ୍ରଣମ୍ୟ ବୋଲି ସୋମବାର ସ୍ୱର୍ଗଧାମ ସେବା ସମିତି ପକ୍ଷରୁ ସ୍ୱର୍ଗଧାମଠାରେ ଆୟୋଜିତ ଶହୀଦ୍ ସ୍ତମ୍ଭ ଓ ଶହୀଦ ଜୟୀ ରାଜଗୁରୁ, ଲକ୍ଷ୍ମଣ ନାୟକ, ବାଜି ରାଉତ, ଭଗତ୍ ସିଂ, ରାଜଗୁରୁ ଓ ସୁଖଦେବଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସମାରୋହରେ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କହିଛନ୍ତି। ସେ ଆହୁରି କହିଛନ୍ତି, ସମସ୍ତଙ୍କର ଗୋଟିଏ ଲକ୍ଷ୍ୟ ହୋଇଛି ଦେଶକୁ ସୁରକ୍ଷିତ ରଖିବା।



ଶହୀଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ସମାରୋହରେ ରାଜ୍ୟପାଳ ଗଣେଶୀ ଲାଲଙ୍କ ସହ ଅନ୍ୟ ଅତିଥିବୃନ୍ଦ।

ତେବେ ସୀମାନ୍ତରେ ଦେଶକୁ ସୁରକ୍ଷା ଦେଇ ପ୍ରାଣବଳି ଦେଇଥିବା ଶହୀଦଙ୍କ ମାତାପିତାଙ୍କୁ ସମ୍ବର୍ଦ୍ଧନା ଦେବା ମହନୀୟ କାର୍ଯ୍ୟ। ସ୍ୱର୍ଗଧାମର ବହୁବିଧ କାର୍ଯ୍ୟକ୍ରମକୁ ପ୍ରଶଂସା କରି ରାଜ୍ୟପାଳ ୧ ଲକ୍ଷ ଟଙ୍କା ପ୍ରଦାନ କରିବେ ବୋଲି ଘୋଷଣା କରିଥିଲେ। ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶ୍ରୁତିନ୍ୟାସର ଅଧକ୍ଷ ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ସ୍ୱର୍ଗଧାମର କାର୍ଯ୍ୟ ଦୃଷ୍ଟାନ୍ତମୂଳକ ବୋଲି କହିଥିଲେ। ଏହି ଅବସରରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପଦ୍ମଶ୍ରୀ ଭବାନୀ ଚରଣ ପଟ୍ଟନାୟକ ଓ ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦେଶ ପାଇଁ ଶହୀଦ ହୋଇଥିବା ମନୋଜ ବେହେରା, ନାରାୟଣ ପ୍ରଧାନ ଓ ଶିବାଶିଷ ପଣ୍ଡାଙ୍କ ମାତାପିତାଙ୍କ ସମେତ ସେବା କାର୍ଯ୍ୟ କରୁଥିବା ଅଭିମନ୍ୟୁ ଦାସ, ପ୍ରଶାନ୍ତ ଆଚାର୍ଯ୍ୟ ଓ ମନୋଜ କୁମାର ସିଂଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିସହ ସ୍ୱର୍ଗଧାମ ସମ୍ପର୍କିତ ପୁସ୍ତିକା 'ସ୍ୱର୍ଣ୍ଣିମ ପରିକଳ୍ପନା ସ୍ୱର୍ଗଧାମ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଏହି ସମାରୋହରେ ସ୍ୱର୍ଗଧାମ ସେବା ସମିତି ସଭାପତି ଶରତ କୁମାର ସାହୁ ଅଧକ୍ଷତା କରିଥିଲେ। ଏଥିରେ ଉପଦେଷ୍ଟା କମିଟି ସଦସ୍ୟ ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ।

## ପୋଖରୀରେ ବୁଡ଼ି ଛାତ୍ର ମୃତ

ପାତ୍ରପଡ଼ା,(ଡି.ଏନ୍.ଏ.): ପୋଖରୀରେ ବୁଡ଼ି ସୋମବାର ଜଣେ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଲେ ତମାଣ୍ଡୋ ଅଞ୍ଚଳରେ ରହୁଥିବା ଶୁଭମ ଦାସ(୧୪)। ଶୁଭମ ଅପରାହ୍ନରେ ସାଙ୍ଗମାନଙ୍କ ସହ ଚତରା ପୋଖରୀରେ ଗାଧୋଇବାକୁ ଯାଇଥିଲେ। ଗାଧୋଇବା ବେଳେ ହଠାତ୍ ଶୁଭମ ଗଭୀର ପାଣିରେ ବୁଡ଼ିଯାଇଥିଲେ। ଶୁଭମ ପାଣିରେ ବୁଡ଼ିଯିବା ପରେ ସାଙ୍ଗମାନେ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ସ୍ଥାନୀୟ ଲୋକଙ୍କ ସହାୟତାରେ ପରିବାର ଲୋକେ ଶୁଭମଙ୍କ ମୃତଦେହକୁ ପୋଖରୀରୁ ଉଦ୍ଧାର କରିଥିଲେ।

## ସଂକ୍ଷେପରେ

### ବାଲିପାଟଣାରେ ଗୃହ ଦାହ ମାମଲା
### ଅଭିଯୁକ୍ତଙ୍କୁ ୪ ବର୍ଷ ଜେଲ, ଜରିମାନା

ଭୁବନେଶ୍ୱର,୨୩।୧୨(ବ୍ୟୁରୋ): ଖୋର୍ଦ୍ଧା ଜିଲା ବାଲିପାଟଣା ଥାନା ଅନ୍ତର୍ଗତ ମହୁଖଣ୍ଡା ଅଞ୍ଚଳରେ ୨୦୧୬ରେ ହୋଇଥିବା ଘର ପୋଡି ଘଟଣାରେ ସୋମବାର ରାୟ ପ୍ରକାଶ ପାଇଛି। ଏହି ମାମଲାର ବିଚାର କରି ଭୁବନେଶ୍ୱର ଅତିରିକ୍ତ ଜିଲା ଦୌରାଜଜ୍ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ଖଟୁଆ(୩୫)ଙ୍କୁ ୪ବର୍ଷ ଜେଲ ସହ ୫ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦେୟ ହେଲେ ଅଧିକ ୨ମାସ ଜେଲ୍ ଭୋଗିବାକୁ ହେବ। ବିଚାରପତି ଲୁନା ମହାନ୍ତି ୮ ଜଣ ସାକ୍ଷୀ ଓ ୩ ଡକ୍ୟୁମେଣ୍ଟକୁ ପରଖିବା ପରେ ଏହି ରାୟ ଦେଇଛନ୍ତି। ତେବେ ୩ବର୍ଷ ପରେ ଏହି ମାମଲାର ରାୟ ପ୍ରକାଶ ପାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ପୋଲିସ ମୁଖ୍ୟ ଅଭିଯୁକ୍ତ ସୁଧାକର ଖଟୁଆଙ୍କୁ ଗିରଫ କରିପାରି ନାହିଁ। ତେଣୁ କୋର୍ଟ ପୋଲିସର କାର୍ଯ୍ୟଧାରା ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୂଚନା ଅନୁଯାୟୀ, ବାଲିପାଟଣା ମହୁଖଣ୍ଡାରେ ଅଭିଯୁକ୍ତ କୃଷ୍ଣଚନ୍ଦ୍ର ଓ ସୁଧାକର ରହୁଥିଲେ। ୨୦୧୬ ଡିସେମ୍ବର ୨୫ରେ ଉଭୟ ପଡୋଶୀ ଜମ୍ମେଶ୍ୱର ଖଟୁଆଙ୍କୁ ପୂଜା ପାଇଁ ଖଣ୍ଡା ମାଗିଥିଲେ। ହେଲେ ଜମ୍ମେଶ୍ୱର ମନା କରିବାରୁ ଏହାକୁ ନେଇ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ କୃଷ୍ଣଚନ୍ଦ୍ରଙ୍କ ଘର ଉପରେ ସୁଧାକର କିରୋସିନ ଢାଳିଥିବାବେଳେ କୃଷ୍ଣଚନ୍ଦ୍ର ନିଆଁ ଲଗାଇ ଦେଇଥିଲେ। ଫଳରେ ଜମ୍ମେଶ୍ୱରଙ୍କ ସମେତ ଅମୀୟ ଖଟୁଆଙ୍କ ୪ ବଖରା ଘର ସମେତ ୨ ଗୁହାଳ ପୋଡ଼ିଯାଇଥିଲା। ଅମୀୟଙ୍କ ଅଭିଯୋଗ ପରେ ବାଲିପାଟଣା ପୋଲିସ କେସ୍ ନଂ.୨୪୬/୧୬ରେ ଏକ ମାମଲା ରୁଜୁ କରି କୃଷ୍ଣଚନ୍ଦ୍ରଙ୍କୁ ଗିରଫ କରିଥିଲା। ଏଥିସହ ସୁଧାକର ଫେରାର ଥିବାରୁ ଗିରଫ କରି ପାରି ନ ଥିବା ପୋଲିସ କୋର୍ଟକୁ ଜଣାଇଥିଲା। ପିପି ପ୍ରଦୀପ୍ତ କୁମାର ମିଶ୍ର ମାମଲା ପରିଚାଳନ କରୁଥିଲେ।

### ୨୨ ଗ୍ରାମ୍ ବ୍ରାଉନସୁଗାର ଜବତ, ୨ ଗିରଫ

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)- ଶହୀଦନଗର ଥାନା ଅଞ୍ଚଳରେ ବ୍ରାଉନସୁଗାର କାରବାରେ ସଂପୃକ୍ତ ୨ ଅଭିଯୁକ୍ତଙ୍କୁ ପୋଲିସ ସୋମବାର ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ କଟକ ଜିଲା କାନପୁର ଥାନା ଅଞ୍ଚଳର କାହ୍ନୁ ଦାସ ଓ ଜଗତ୍‌ସିଂପୁର ଜିଲା ବିରିଡି ଥାନା ଅଞ୍ଚଳର ଚରଣ ବାହାଲିଆ। ଏମାନଙ୍କ ନିକଟରୁ ୨୨ ଗ୍ରାମ ବ୍ରାଉନସୁଗାର ଜବତ ହୋଇଛି। ଏ ନେଇ ଥାନାରେ ଏକ ମାମଲା ନଂ୬୮୯/୧୯ ରୁଜୁ ହୋଇଛି।

### ଧାନମଣ୍ଡି ଉଦ୍‌ଘାଟିତ

ବେଗୁନିଆ,୨୩।୧୨(ଡି.ଏନ୍.ଏ.): ବେଗୁନିଆ ବ୍ଲକ ଅଞ୍ଚଳରେ ସୋମବାର ଚାଷୀଙ୍କ ପାଇଁ ପ୍ରଥମ ଧାନମଣ୍ଡିର ଶୁଭାରମ୍ଭ ହୋଇଛି। ଡିଙ୍ଗର ସେବା ସମବାୟ ସମିତି ଲିଃ. ପରିସରରେ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଧାନମଣ୍ଡିର ଉଦ୍‌ଘାଟନ କରିଥିଲେ। ସମିତି ସଭାପତି ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ସହକାରୀ କୃଷି ଅଧିକାରୀ ରତିକାନ୍ତ ପଟ୍ଟନାୟକ, କେନ୍ଦ୍ର ସମବାୟ ବ୍ୟାଙ୍କ ଶାଖା ପରିଚାଳକ ତପସ୍ୱିନୀ ରାଉତରାୟ, ଯୋଗାଣ ଅଧିକାରୀ ମନୋଜ କୁମାର ଶର୍ମାଙ୍କ ସମେତ ଜନପ୍ରତିନିଧି ଓ ବିଭାଗୀୟ କର୍ମଚାରୀ ଉପସ୍ଥିତ ଥିଲେ। ଏହି ବ୍ଲକ ଅଞ୍ଚଳରେ ଚଳିତବର୍ଷ ୧୩ଟି ଧାନମଣ୍ଡି ଖୋଲିବା ପାଇଁ ସ୍ଥିରୀକୃତ ହୋଇଛି। ଆସନ୍ତା ଫେବୃୟାରୀ ସୁଦ୍ଧା ମଣ୍ଡି ବନ୍ଦ ପାଇଁ ଆଦେଶନାମା ପ୍ରକାଶ ପାଇଛି।

### ପୂର୍ବତନ ସରପଞ୍ଚଙ୍କ ବିୟୋଗରେ ଶୋକ

ବୋଲଗଡ଼,୨୩।୧୨(ଡି.ଏନ.ଏ.): ବୋଲଗଡ ବ୍ଲକ ଅସରଳା ଦଳ ପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଫୁଲ୍ଲ କୁମାର ସୁନ୍ଦରାୟଙ୍କ (୭୨)ଙ୍କ ସୋମବାର ପରଲୋକ ହୋଇଯାଇଛି। ଏହି ଖବର ପ୍ରଚାରିତ ହେବା ପରେ ତାଙ୍କ ଜନ୍ମସ୍ଥାନ ଅସରଳା ସମେତ ସମଗ୍ର ବ୍ଲକ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ସେ ଅବିଭକ୍ତ ବାଙ୍କୋଇଦେଶ ପଞ୍ଚାୟତରୁ ଥରେ ଓ ଅସରଳାଦଳ ପଞ୍ଚାୟତରୁ ୨ଥର ସରପଞ୍ଚ ଭାବେ ନିର୍ବାଚିତ ହୋଇଥିଲେ। ସେହିପରି ୩ଥର ଅସରଳା ସେବା ସମବାୟ ସମିତି ପରିଚାଳନା ପରିଷଦର ସଭାପତି ରହିଥିଲେ। ଦୀର୍ଘଦିନ ଧରି ଅସୁସ୍ଥତା କାରଣରୁ ସେ ଶଯ୍ୟାଶାୟୀ ରହିଥିଲେ। ସୋମବାର ଭୁବନେଶ୍ୱରସ୍ଥିତ ବାସଭବନରେ ତାଙ୍କର ପରଲୋକ ହୋଇଛି।

# ରାସ୍ତାରେ ପାର୍କିଂ ହେଉଛି ଘରୋଇ ଆମ୍ବୁଲାନ୍ସ


ରାସ୍ତାରେ ରହିଥିବା ଘରୋଇ ଆମ୍ବୁଲାନ୍ସ।

- ବାଇକ୍ ରଖିଲେ ଘଉଡାଉଛନ୍ତି ସୁରକ୍ଷାକର୍ମୀ
- ଡିଏଚ୍‌ଏଚ୍‌ର ପ୍ରବେଶ ପଥ ଅବରୋଧ ପରେ ନାହିଁ ପଦକ୍ଷେପ

ଖୋର୍ଦ୍ଧା ଅଫିସ, ୨୩।୧୨

ଖୋର୍ଦ୍ଧା ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍‌ଏଚ୍)ର ପ୍ରବେଶପଥରେ ବାଇକ୍ ରଖିଲେ ଘଉଡାଉଛନ୍ତି ସୁରକ୍ଷାକର୍ମୀ। ରାସ୍ତା ଉପରେ ବାଇକ୍ ରଖାଇ ଦେଉନାହାନ୍ତି। ତେବେ ପ୍ରବେଶ ପଥ ଉପରେ ଘରୋଇ ଆମ୍ବୁଲାନ୍ସ ରଖାଯାଉଥିଲେ ମଧ୍ୟ ଅନୁକମ୍ପା ପ୍ରଦର୍ଶନ କରାଯାଉଛି। ସ୍ୱାସ୍ଥ୍ୟ ବିଭାଗର ଏପରି ଦୋମୁହାଁ ନୀତି ବିରୋଧରେ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି।

ପ୍ରାପ୍ତ ସୂଚନା ଅନୁସାରେ, ଡିଏଚ୍‌ଏଚ୍‌ର ମୁଖ୍ୟଦ୍ୱାର ପ୍ରବେଶ ପଥରେ ବାଇକ୍, ଘରୋଇ ଆମ୍ବୁଲାନ୍ସ ଆଦି ଯାନବାହନ ରଖିବା ଦ୍ୱାରା ରୋଗୀ ଆଣୁଥିବା ଆମ୍ବୁଲାନ୍ସ ଆସିବାକୁ ଅସୁବିଧା ହେଉଥିଲା। ଡେରିରେ ହେଲେ ବି ସ୍ୱାସ୍ଥ୍ୟ ବିଭାଗର ପଦକ୍ଷେପ ସ୍ୱାଗତ ଯୋଗ୍ୟ। କାରଣ ବାଇକ୍ ଆଦି ଯାନ ବାହନ ନ ରଖିବା ପାଇଁ ଜଣେ ସୁରକ୍ଷାକର୍ମୀ ନିୟୋଜିତ ହୋଇଛନ୍ତି। ଯିଏକି ପ୍ରବେଶ ପଥରେ ଯାନବାହାନ ରଖିବାକୁ ବାରଣ କରୁଛନ୍ତି। ଫଳରେ ବାଇକ୍ ଆଉ ପ୍ରବେଶ ପଥରେ ରହୁନି। ତେବେ ଘରୋଇ ଆମ୍ବୁଲାନ୍ସଗୁଡିକ ପ୍ରବେଶ ପଥ ଉପରେ ରଖାଯାଉଛି। ସେମାନଙ୍କୁ ସୁରକ୍ଷା କର୍ମୀଙ୍କ ଆକଟ କାମ କରୁନି। ଆମ୍ବୁଲାନ୍ସକୁ କାହିଁକି ପ୍ରବେଶ ପଥରୁ ହଟାଯାଉନି ବୋଲି ପଚାରିବାରୁ କହିଥିଲେ, ଆମେ ଆମ କର୍ତ୍ତବ୍ୟରେ ଅବହେଳା କରୁନାହୁଁ। ଆମ କଥା ଆମ୍ବୁଲାନ୍ସ ଡ୍ରାଇଭର ଶୁଣୁନାହାନ୍ତି। ଏଣୁ ଆମେ ଚୁପ ରହିବାକୁ ବାଧ ହେଉଛୁ। ଜଣେ ବାଇକ୍ ଚାଳକ କହିଛନ୍ତି, ଆଇନ ସମସ୍ତଙ୍କ ପାଇଁ ସମାନ। ବାଇକ୍ ଚାଳକ ଓ ଅନ୍ୟ ଯାନବାହାନ ଚାଳକ ସ୍ୱାସ୍ଥ୍ୟ ବିଭାଗର ପଦକ୍ଷେପକୁ ସ୍ୱାଗତ ଜଣାଇ ସହଯୋଗ କଲେ। ଆମ୍ବୁଲାନ୍ସ ଡ୍ରାଇଭର କେଉଁଥିପାଇଁ ସହଯୋଗ କରୁନାହାନ୍ତି। ସେମାନଙ୍କୁ ପ୍ରବେଶ ପଥରୁ ହଟାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗ ତୁରନ୍ତ ପଦକ୍ଷେପ ନେଉ।

### ନିର୍ମାଣ ହୋଇ ପାରୁନି ପାଚେରି

ଜିଲା ମୁଖ୍ୟ ଚିକିତ୍ସାଳୟର କିଛି ଅଂଶ ପାଚେରି କରାଯାଇ ନ ଥିବାରୁ ଅସାମାଜିକ କାର୍ଯ୍ୟକଳାପ ବଢି ଚାଲିଛି। ପାଚେରି କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ବିଭିନ୍ନ ସମୟରେ ଜିଲାପାଳଙ୍କ ନିର୍ଦ୍ଦେଶ ରହିଥିଲେ ମଧ୍ୟ ଅଣଦେଖା କରାଯାଉଛି। ପାଚେରି କରାଯିବାକୁ ବିଭିନ୍ନ ସମୟରେ ମାପଚୁପ ହେଉଛି। ଅଥଚ ପରବର୍ତ୍ତୀ ସମୟରେ ପାଚେରି ନିର୍ମାଣ ପ୍ରସ୍ତାବ ଶୀତଳଭଣ୍ଡାରକୁ ଚାଲି ଯାଉଛି। ଜିଲାପାଳ ଓ ସିଡିଏମ୍‌ଓଙ୍କ ବଦଳି ପରେ ଆଉ କେହି ପାଚେରି କଥା ଉଠାଉ ନାହାନ୍ତି। ଏ ନେଇ ସିଡିଏମ୍‌ଓ ବିଶ୍ୱ ରଞ୍ଜନ ପତିଙ୍କୁ ପଚାରିବାରୁ ନୂଆକରି କାର୍ଯ୍ୟରେ ଯୋଗ ଦେଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ପାଚେରି ନିର୍ମାଣକୁ ଗୁରୁତ୍ୱ ଦେଇ ପଦକ୍ଷେପ ଆରମ୍ଭ କରିଛି। ଘରୋଇ ଆମ୍ବୁଲାନ୍ସକୁ ହଟାଇବାକୁ ପଦକ୍ଷେପ ନିଆଯାଉଥିବା ସେ କହିଥିଲେ।

## ଯୁବତୀଙ୍କୁ ପାଣିରେ ବୁଡ଼ାଇ ହତ୍ୟା ଉଦ୍ୟମ ମାମଲା
# ଅଭିଯୁକ୍ତଙ୍କୁ ୩ ବର୍ଷ ଜେଲ

ଖୋର୍ଦ୍ଧା ଅଫିସ,୨୩।୧୨:

ଯୁବତୀଙ୍କୁ ହତ୍ୟା ଉଦ୍ୟମ କରିଥିବା ଏକ ମାମଲାର ରାୟ ଶୁଣାଇ ବାଣପୁର ସହକାରୀ ସେସନ୍ ଜଜ୍ ଦିଲୀପ କୁମାର ଶତପଥୀ ସୋମବାର ଅଭିଯୁକ୍ତ ଶିବ ନାୟକଙ୍କୁ ୩ ବର୍ଷ କାରାଦଣ୍ଡ ସହ ୩ ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ସ୍ଥଳେ ୯ମାସ ଜେଲ ଦଣ୍ଡ ଭୋଗିବାକୁ ପଡ଼ିବ। ସୂଚନା ଅନୁଯାୟୀ, ବାଣପୁର ବ୍ଲକ ସାହାସପୁର ଗ୍ରାମର ଶିବ ନିକଟସ୍ଥ କୁମାରାଙ୍ଗ ପଞ୍ଚାୟତର ଦାଦାଙ୍କ ଘରେ ରହୁଥିଲେ। ଶିବ ପଞ୍ଚାୟତର ଜଣେ ଯୁବତୀଙ୍କୁ ଏକ ତରଫା ଭାବେ ଭଲ ପାଉଥିଲେ। ସମ୍ପୃକ୍ତ ଯୁବତୀଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେଇଥିଲେ ମଧ୍ୟ ଯୁବତୀ ଜଣକ ରାଜି ହୋଇ ନ ଥିଲେ। ଗତ ଜୁଲାଇ ୩ ତାରିଖରେ କେନାଲରେ ଯୁବତୀ ଜଣକ ଗାଧୋଉଥିବା ବେଳେ ଶିବ ସେଠାରେ ପହଞ୍ଚି ତାଙ୍କୁ ବିବାହ କରିବା ପାଇଁ କହିଥିଲେ। ଏଥିରେ ସେ ଅରାଜି ହେବାରୁ ଶିବ ତାଙ୍କୁ ଗାଳିଗୁଲଜ କରିବା ସହ ପାଣିରେ ବୁଡ଼ାଇ ମାରିଦେବାକୁ ଉଦ୍ୟମ କରିଥିଲେ। ଯୁବତୀଙ୍କ ଚିତ୍କାର ଶୁଣି ଗ୍ରାମବାସୀ ସେଠାରେ ପହଞ୍ଚିବାରୁ ସେଠାରୁ ଶିବ ପଳାଇଥିଲା। ଏ ନେଇ ଯୁବତୀଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୧୯୪/୧୯)ରୁଜୁକରି ଶିବଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ସୋମବାର ସାକ୍ଷ୍ୟ ପ୍ରମାଣକୁ ଆଧାର କରି ବାଣପୁର ସହକାରୀ ସେସନ୍ ଜଜ୍ ଦିଲୀପ କୁମାର ଶତପଥୀ ଅଭିଯୁକ୍ତ ଶିବଙ୍କୁ ୩ବର୍ଷ କାରାଦଣ୍ଡ ସହ ୩ ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି। ସରକାରୀ ଓକିଲ ସଚ୍ଚିତ ମିଶ୍ର ଓ ରମେଶ ଚନ୍ଦ୍ର ବିଶୋୟୀ ମାମଲା ପରିଚାଳନା କରିଥିଲେ।

# ଜାତୀୟ ଭୋଟର ଦିବସ ପାଳନ ପାଇଁ ବୈଠକ

ଖୋର୍ଦ୍ଧା ଅଫିସ,୨୩।୧୨

ଜାତୀୟ ଭୋଟର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଜିଲାପାଳ ସିତାଂଶୁ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଭାରତୀୟ ନିର୍ବାଚନ ଆୟୋଗ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ଜାନୁୟାରୀ ୨୫ରେ ପାଳନ ହେବାକୁ ଥିବା ଜାତୀୟ ଭୋଟର ଦିବସ କିପରି ପାଳନ କରାଯିବ ସେ ନେଇ ଜିଲାପାଳ ଆଲୋଚନା କରିଥିଲେ। ଏଥିରେ ରାଜ୍ୟପାଳ ମୁଖ୍ୟ ଅତିଥିଭାବେ ଓ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ଅତିଥିଭାବେ ଯୋଗଦେବାର କାର୍ଯ୍ୟକମ ରହଛି। ଭୁବନେଶ୍ୱର ମାଷ୍ଟର କ୍ୟାଣ୍ଟିନଠାରୁ ରବୀନ୍ଦ୍ର ମଣ୍ଡପ ପର୍ଯ୍ୟନ୍ତ ଶୋଭାଯାତ୍ରା କରାଯିବାକୁ ନିଷ୍ପତ୍ତି ହୋଇଛ। ଜିଲାପାଳ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଭୁବନେଶ୍ୱର ଅତିରିକ୍ତ ଜିଲାପାଳ, ଅତିରିକ୍ତ ପୋଲିସ କମିଶନର (ଟ୍ରାଫିକ), ଅତିରିକ୍ତ ଜିଲା ନିର୍ବାଚନ ଅଧିକାରୀ, ଉତ୍କଳ ସଂସ୍କୃତି ବିଶ୍ୱ ବିଦ୍ୟାଳୟର ରେଜିଷ୍ଟ୍ରାର, ଉତ୍କଳ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ସଂସ୍ଥା ଅଧିକାରୀ, ଜିଲା କ୍ରୀଡା ଅଧିକାରୀଙ୍କ ସମେତ ଜିଲାସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ।



ସିସିଏ ଓ ଏନଆରସି ପ୍ରତ୍ୟାହାର ଦାବିରେ ସୋମବାର ଅଞ୍ଜୁମାନ ଇ ଇସଲାମିୟା ଖୋର୍ଦ୍ଧା ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

# ସିଏଏ, ଏନ୍‌ଆର୍‌ସି ପ୍ରତ୍ୟାହାର ଦାବିରେ ବିକ୍ଷୋଭ

ଖୋର୍ଦ୍ଧା ଅଫିସ,୨୩।୧୨

ନାଗରିକତ୍ୱ ସଂଶୋଧନ ଆଇନ(ସିଏଏ) ଓ ଜାତୀୟ ନାଗରିକ ପଞ୍ଜିକା(ଏନ୍‌ଆର୍‌ସି)ର ପ୍ରତ୍ୟାହାର ଦାବିରେ ସୋମବାର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଏହି ଅବସରରେ ଏକ ଶୋଭାଯାତ୍ରା ନୂଆବସଷ୍ଟାଣ୍ଡଠାରୁ ବାହାରି ଖୋର୍ଦ୍ଧା ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚିବା ପରେ ଅନୁଷ୍ଠିତ ପ୍ରତିବାଦ ସଭାରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିରୋଧରେ ନାରା ଦେଇଥିଲେ। ଅଞ୍ଜୁମାନ ଇ ଇସଲାମିୟା ଖୋର୍ଦ୍ଧା ପକ୍ଷରୁ ଆୟୋଜିତ ଏହି ଶୋଭାଯାତ୍ରାରେ ୫୦୦ରୁ ଉର୍ଦ୍ଧ୍ୱ ମୁସଲମାନ, ଆଇନଜୀବୀ, ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ପ୍ରତିବାଦ ସଭାରେ ପୂର୍ବତନ କଂଗ୍ରେସ ଏମ୍‌ପି ଭଜମନ ବେହେରା, ରାଜ୍ୟ ପ୍ରଦେଶ କଂଗ୍ରେସ ମୁଖପାତ୍ର ଅମିତ ମହାନ୍ତି, ଅଞ୍ଜୁମାନ ଇ ଇସଲାମିୟାର ସମ୍ପାଦକ ନସିମୁଦ୍ଦିନ ଖାନ ଓ ସଭାପତି ରମଜାନ ଖାନ, ସାମାଜିକ କର୍ମୀ ବିଶ୍ୱଭୂଷଣ ଛୋଟରାୟ, ପୂର୍ବତନ ଖୋର୍ଦ୍ଧା ବାର୍ ଆସୋସିଏଶନ ସଭାପତି ଶିଶିର ପରିଡ଼ା ପ୍ରମୁଖ ଯୋଗଦେଇଥିଲେ। ପ୍ରତିବାଦ ସଭା ପରେ ନାଗରିକତା ସଂଶୋଧନ ଆଇନ ଓ ଜାତୀୟ ନାଗରିକ ପଞ୍ଜିକା ଆଇନର ପ୍ରତ୍ୟାହାର ନେଇ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସେହିପରି ରାଷ୍ଟ୍ରପତି, ରାଜ୍ୟପାଳ, ମୁଖ୍ୟମନ୍ତ୍ରୀଙ୍କୁ ଅନୁରୂପଭାବେ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ତାରିଣୀ ମନ୍ଦିର ହୁଣ୍ଡିରୁ ଚୋରି

ଖୋର୍ଦ୍ଧା ଅଫିସ,୨୩।୧୨:

ଖୋର୍ଦ୍ଧା ପୋଲିସ ଜିଲାର ଜଙ୍କିଆ ଥାନା ଛଣଗିରି ତାରିଣୀ ମନ୍ଦିରର ହୁଣ୍ଡିରୁ ପ୍ରାୟ ୫୦ ହଜାର ଟଙ୍କା ଚୋରି ହୋଇଥିବା ସୋମବାର ଅଭିଯୋଗ ହୋଇଛି। ପୋଲିସ ଏ ସମ୍ପର୍କରେ ଏକ ମାମଲା(ନଂ. ୨୦୩/୧୯)ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ରବିବାର ବିଳମ୍ବିତ ରାତିରେ କେହି ଦୁର୍ବୃତ୍ତ ମନ୍ଦିର ହୁଣ୍ଡି ଭାଙ୍ଗି ଟଙ୍କା ଚୋରି କରି ନେଇଥିଲେ।

## ଫୁଟବଲ: ସତ୍ୟ ନାରାୟଣ କ୍ଲବ ବିଜୟୀ

ଖୋର୍ଦ୍ଧା ଅଫିସ,୨୩।୧୨:

ଚିଲିକା ବ୍ଲକ ଅନ୍ତର୍ଗତ ନଇରୀଠାରେ ୩୬ତମ କାଳିଜାଇ ଫୁଟବଲ ଟୁର୍ନାମେଣ୍ଟରେ ସୋମବାର ସତ୍ୟ ନାରାୟଣ କ୍ଲବ, ଚନ୍ଦ୍ରାପୁଟ ୩-୧ ଗୋଲରେ ପତିତପାବନ ସଂଘ, ବ୍ରହ୍ମପୁରକୁ ପରାସ୍ତ କରି ବିଜୟୀ ହୋଇଛି। ଧ୍ରୁବ ଚରଣ ଘଡ଼ାଇ ଖେଳ ପରିଚାଳନା କରିଥିବାବେଳେ କାଳନ୍ଦୀ ଦାସ ଓ ବାବୁ ବେହେରା ଲାଇନ୍‌ସରେ ସହଯୋଗ କରଥିଲେ।

# ନାଗରିକତ୍ୱ ସୁରକ୍ଷା ଆଇନ ସମର୍ଥନରେ ପଦଯାତ୍ରା



ଭାରତମାତା ସୁରକ୍ଷା ସମିତି ପକ୍ଷରୁ ବାହାରିଥିବା ପଦଯାତ୍ରା।

ଜଟଣୀ,୨୩।୧୨(ଡି.ଏନ୍.ଏ.)

ନାଗରିକତ୍ୱ ସୁରକ୍ଷା ଆଇନ ସମର୍ଥନରେ ଜଟଣୀରେ ସୋମବାର ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଭାରତମାତା ସୁରକ୍ଷା ସମିତି ପକ୍ଷରୁ ସ୍ଥାନୀୟ ଉତ୍ତରାୟଣୀ ମନ୍ଦିର ନିକଟରୁ ଏହି ପଦଯାତ୍ରା ବାହାରି ସହରର ବିଭିନ୍ନ ଅଞ୍ଚଳ ପରିକ୍ରମା କରିଥିଲା। ସଙ୍ଗଠନର ଆବାହକ ବିଭୁଧେନ୍ଦ୍ର ବିଦ୍ୟାଧରଙ୍କ ନେତୃତ୍ୱରେ ଏହା ଆୟୋଜିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ନରେନ୍ଦ୍ର କୁମାର ସାହୁ, ପ୍ରଦୀପ ସ୍ୱାଇଁ, ଯୋଗେଶ ମହାରଣା, ଅନିନ୍ଦ ଚୌଧୁରୀ, ଚିତ୍ତରଞ୍ଜନ ପ୍ରଧାନ, ଚିତ୍ତରଞ୍ଜନ ସ୍ୱାଇଁ, ସଂଗ୍ରାମକେଶରୀ ଜୟସିଂ ପ୍ରମୁଖ ଏହି ପଦଯାତ୍ରାରେ ସାମିଲ ହୋଇଥିଲେ।

## ସର୍ବଭାରତୀୟ ମହାବୀର କପ ଫୁଟ୍‌ବଲ୍ ଟୁର୍ନାମେଣ୍ଟ
# ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ ବିଜୟୀ

ଖୋର୍ଦ୍ଧା ଅଫିସ/ଟାଙ୍ଗୀ,୨୩।୧୨(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ କୁହୁଡି ଜନତା ଷ୍ଟାଡିୟମରେ ଅନୁଷ୍ଠିତ ୬୦ତମ ସର୍ବ ଭାରତୀୟ 'ମହାବୀର କପ୍' ଫୁଟ୍‌ବଲ୍ ଟୁର୍ନାମେଣ୍ଟରେ ସୋମବାର ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ, ବରଗଡ ୧-୦ ଗୋଲରେ ସ୍ପୋର୍ଟ୍ସ ଅଥରିଟି ଅଫ୍ ଆନ୍ଧ୍ରପ୍ରଦେଶକୁ ପରାସ୍ତ କରି ବିଜୟୀ ହୋଇଛି। ଦିଲୀପ କୁମାର ରାଉତ ଖେଳ ପରିଚାଳନା କରିଥିବାବେଳେ ଲାଇନସ୍‌ରେ ଦୁର୍ଗା ଆଚାର୍ଯ୍ୟ ଓ ରମଣୀ ମାଝି ସହଯୋଗ କରିଥିଲେ। ଏହି ମ୍ୟାଚରେ ବେଷ୍ଟ ପ୍ଲେୟାର ଭାବେ ସ୍ପୋର୍ଟସ୍ ଅଥରିଟି ଅଫ୍ ଆନ୍ଧ୍ରପ୍ରଦେଶର ଗୋଲ୍‌କିପର୍ ଆର. ନରେନ୍ଦ୍ରଙ୍କୁ ଓ ୟୁନାଇଟେଡ୍ ସ୍ପୋର୍ଟ୍ସ କ୍ଲବ୍ ବରଗଡ ଅମର ଓରାମଙ୍କୁ ଟ୍ରଫି ପ୍ରଦାନ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦକ ମନୋଜ ମାନସିଂହଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଅତିଥି ଭାବେ ଟାଙ୍ଗୀ ଦୁର୍ଗାଚରଣ ଚିଲିକା ଜୁନିୟର କଲେଜ ଅଧକ୍ଷ ଭୂଷଣ ନନ୍ଦ, ଜନତା ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରଘୁନାଥ ସ୍ୱାଇଁ ଓ ଅବସରପ୍ରାପ୍ତ ପୋଲିସ ଅଧିକାରୀ ନବ କିଶୋର ନାୟକ ଯୋଗଦେଇଥିଲେ।

# ୧୪୭ ଅଭିଯୋଗର ଶୁଣାଣି କଲେ ଜିଲାପାଳ


ଜିଲାପାଳ ଜଣେ ମହିଳାଙ୍କୁ ସହାୟତା ରାଶିର ଚେକ୍ ପ୍ରଦାନ କରୁଛନ୍ତି।

ବୋଲଗଡ଼,୨୩।୧୨(ଡି.ଏନ.ଏ.): ଖୋର୍ଦ୍ଧା ଜିଲାପାଳଙ୍କ ବୋଲଗଡ଼ ବ୍ଲକସ୍ତରୀୟ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ କାର୍ଯ୍ୟାଳୟସ୍ଥିତ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଶିବିରରେ ଜିଲାପାଳ ସୀତାଂଶୁ ରାଉତ ଅଧ୍ୟକ୍ଷତା କରିଥିଲେ। ଏଥିରେ ଏସ୍‌ପି ଅଜେୟ ପ୍ରତାପ ସ୍ୱାଇଁ, ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଦିଗନ୍ତ ରାଉତରାୟ, ବୋଲଗଡ଼ ବିଡିଓ ଏଲିଜା ମିଶ୍ର, ତହସିଲଦାର ମୋନାଲିଶା ପଣ୍ଡା ପ୍ରମୁଖଙ୍କ ସମେତ ଜିଲା ଓ ବ୍ଲକସ୍ତରୀୟ ଅଧିକାରୀମାନେ ଯୋଗଦେଇଥିଲେ। ଶିବିରରେ ମୋଟ ୧୪୭ ଅଭିଯୋଗର ଶୁଣାଣି ହୋଇଥିଲା। ଏଥିମଧ୍ୟରେ ୮ଟି ଅଭିଯୋଗ ସାମୂହିକ ହୋଇଥିବା ବେଳେ ୧୩୯ଟି ବ୍ୟକ୍ତିଗତ ରହିଛି। ୩ଜଣଙ୍କୁ ଟ୍ରାଇ ସାଇକେଲ ବଣ୍ଟନ କରାଯାଇଥିବାବେଳେ ୧୧ଜଣଙ୍କୁ ୭୨ହଜାର ଟଙ୍କାର ରେଡକ୍ରସ ସହାୟତା ରାଶି ଓ ୯ଜଣଙ୍କୁ ମୋଟ ୭୦ ହଜାର ଟଙ୍କା ମୁଖ୍ୟମନ୍ତ୍ରୀ ରିଲିଫ ଫାଣ୍ଡିରୁ ସହାୟତା ରାଶିର ଚେକ୍ ଜିଲାପାଳ ପ୍ରଦାନ କରିଥିଲେ। ଜଣଙ୍କୁ ବାର୍ଦ୍ଧକ୍ୟଭତ୍ତା ହତାଧିକାରୀ ଭାବେ ସାମିଲ କରାଯାଇଛି।

## ଭଲ ରାସ୍ତା, ଷ୍ଟ୍ରିଟ ଲାଇଟ ନାହିଁ
# ବିକାଶଠୁ ଦୂରରେ ଭୁବନେଶ୍ୱର ଉପକଣ୍ଠ

ଝାଁଙ୍ଳା,୨୩।୧୨(ଡି.ଏନ୍.ଏ.)

ଭୁବନେଶ୍ୱର ସହରର ଉନ୍ନତୀକରଣ ଦିଗରେ ଯେତିକି ଧ୍ୟାନ ଦିଆଯାଉଛି, ଉପକଣ୍ଠ ଅଞ୍ଚଳଗୁଡ଼ିକୁ ସେତିକି ଗୁରୁତ୍ୱ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ସହର ଉପକଣ୍ଠ କେ-୪ କଳିଙ୍ଗନଗର, କଳିଙ୍ଗବିହାର ଓ ଶଙ୍କରପୁର ଆଲିଶାନ ଭିଲ୍ଲା ଅଞ୍ଚଳବାସୀ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଅଞ୍ଚଳବାସୀ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟିଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏଠାରେ ବିଡିଏ ପକ୍ଷରୁ ସ୍ୱରେଜ ବ୍ୟବସ୍ଥା ଆରମ୍ଭ କରାଯାଇଥିଲା। ଏହାର କାର୍ଯ୍ୟ ଶେଷ ହୋଇ ନ ଥିବାରୁ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଡିଏ ପକ୍ଷରୁ ଘର ସମ୍ମୁଖରେ କେବଳ ଛୋଟ ସ୍ୱରେଜ ଟାଙ୍କି ନିର୍ମାଣ ହୋଇଛି। ଘରଗୁଡ଼ିକରୁ ବାହାରୁଥିବା ଅପରିଷ୍କାର ପାଣି ଏହି ଟାଙ୍କିରେ ଭର୍ତ୍ତି ହେବା ପରେ ପାଣି ଓଭର ଫ୍ଲୋ ହେବା ସହ ରାସ୍ତା ଜଳମଗ୍ନ ହେଉଛି। ବର୍ଷାଦିନେ ଆଣ୍ଠୁଏ ଉଚ୍ଚର ପାଣି ରାସ୍ତାରେ ଚାଲିବା ଦ୍ୱାରା ଅସ୍ୱାସ୍ଥ୍ୟକର ପରିସ୍ଥିତି ସୃଷ୍ଟି ହେଉଛି। ଶଙ୍କରପୁର ମୌଜାର ଆଲିଶାନ ଭିଲ୍ଲାକୁ ଯାଇଥିବା ମୁଖ୍ୟରାସ୍ତାଟି ଖାଲଖମାରେ ପରିଣତ ହୋଇ ମରଣଯନ୍ତା ପାଲଟିଛି। ଏହି ରାସ୍ତାରେ ଷ୍ଟ୍ରିଟ୍‌ଲାଇଟ୍‌ର ସୁବିଧା ନ ଥିବାରୁ ଦୁର୍ଘଟଣା ଘଟୁଛି। ସେହିପରି ନିଷ୍କାସନ ବ୍ୟବସ୍ଥା ନ ଥିବାରୁ କଳିଙ୍ଗବିହାରର ଅନେକ ଅଞ୍ଚଳର ଅପରିଷ୍କାର ପାଣି ଆଲିଶାନ ଭିଲ୍ଲାରେ ଜମା ହେଉଛି। ଫଳରେ ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହେବା ସହ ମଶା ବଂଶ ବୃଦ୍ଧିର କାରଣ ସାଜୁଛି। ସ୍ଥାନୀୟ ବାସିନ୍ଦା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଏନେଇ ଅଭିଯୋଗ କଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ।


କଳିଙ୍ଗନଗର ଆଲିଶାନ ଭିଲା-୨ ରାସ୍ତାରେ ଜମି ରହିଥିବା ପାଣି।

### ଏମାନେ କ'ଣ କୁହନ୍ତି

"ଆଲିଶାନ ଭିଲ୍ଲା ଅଞ୍ଚଳରେ ଭଲ ରାସ୍ତା ନାହିଁ। ବିଏମ୍‌ସି ଅଧୀନରେ ଏହା ଆସୁଥିଲେ ମଧ୍ୟ ଏଯାବତ୍ ପିଚୁ କିମ୍ବା କଂକ୍ରିଟ ରାସ୍ତା ନିର୍ମାଣ କରାଯାଇ ନାହିଁ। ବର୍ଷାଦିନେ ମାଟି ରାସ୍ତାରେ ଯାତାୟାତ କରିବାରେ ଅସୁବିଧା ହେଉଛି। ଏଭଳି ସ୍ଥିତି ଯୋଗୁ ଛାତ୍ରୀଛାତ୍ରମାନେ ସ୍କୁଲ, କଲେଜ ଯାଇପାରୁନାହାନ୍ତି। ଅଞ୍ଚଳବାସୀ ସମସ୍ତ ଟିକସ ପୈଠ କରୁଥିଲେ ମଧ୍ୟ ମୌଳିକ ସୁବିଧାରୁ ବଞ୍ଚିତ ହେଉଛନ୍ତି।

**-ଜୟପ୍ରକାଶ ନନ୍ଦ, ବାସିନ୍ଦା, ଆଲିଶାନ ଭିଲ୍ଲା**

"ସମ୍ପୂର୍ଣ୍ଣ ସ୍ୱରେଜ ବ୍ୟବସ୍ଥା ହୋଇ ନ ଥିବାରୁ କଳିଙ୍ଗବିହାରର କେ-୪, ୫, ୬ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୁର୍ଗନ୍ଧପାଣି ଜମି ରହିବା ସହ ରାସ୍ତା ଉପରେ ପ୍ରବାହିତ ହେଉଛି। ଏ ନେଇ ସ୍ୱରେଜ ବୋର୍ଡ ଓ ବିଏମ୍‌ସି କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

**ମମତା ବିଶ୍ୱାଳ, ସମ୍ପାଦିକା, ଶତାକ୍ଷୀ ମହିଳା ସଙ୍ଗଠନ,କେ-୪**



ବିଧାତାଙ୍କର ଶୃଙ୍ଖଳା ଭାଙ୍ଗିଲେ ଜ୍ୱାଳା ବଢ଼ିବ ସିନା କମିବ ନାହିଁ। ଯେପରି କଏଦୀ ଜେଲ୍ ଭାଙ୍ଗି ବାହାରିଗଲେ ନିସ୍ତାର ପାଏନି ବରଂ ଦଣ୍ଡ ବୃଦ୍ଧି ହୋଇଥାଏ। -ସ୍ୱାମୀ ନିଗମାନନ୍ଦ



## ସଂକ୍ଷେପରେ

### ଓପନ୍ ଚେସ୍ ଟୁର୍ଣ୍ଣାମେଣ୍ଟ

ପୁରୀ ଅଫିସ, ୨୩।୧୨:ରୋଟାରୀ କ୍ଲବ ଶ୍ରୀଜଗନ୍ନାଥ ଧାମ ଶାଖା ଓ ସୁନ୍ଦରା ଯାଗାର ମିଳିତ ଆନୁକୂଲ୍ୟରେ ସୁନ୍ଦରା କଲ୍ୟାଣମଣ୍ଡପରେ ସୋମବାର ତ୍ରିଦିବସୀୟ ଓପନ ଚେସ୍ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ଏଥିରେ ୧୫ଟି ଜିଲାରୁ ୧୬୦ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି। ଉଦ୍‌ଘାଟନୀ ଦିବସରେ ମୁଖ୍ୟଅତିଥି ଭାବେ ପୁରୀ ଡାକମଣ୍ଡଳ ଅଧୀକ୍ଷକ ଆଦିତ୍ୟ କୁମାର ନାୟକ ଯୋଗଦେଇଥିଲେ। ରୋଟାରୀ କ୍ଲବ ଶ୍ରୀଜଗନ୍ନାଥ ଧାମର ସଭାପତି ପ୍ରଦୀପ ନାୟକ, ସମ୍ପାଦକ ସରୋଜକାନ୍ତି ଦେଓ, ସୁନ୍ଦରା ଜାଗା କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ମିଶ୍ର, ସମ୍ପାଦକ ଅର୍ଜୁନ ନାୟକ, ଇନରହ୍ୱିଲ କ୍ଲବ ଶ୍ରୀଜଗନ୍ନାଥ ଧାମର ସଭାପତି ଝରଣା ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ପଞ୍ଚାୟତ ବିକାଶ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କଣାସ, ୨୩।୧୨(ସ୍ୱ.ପ୍ର.):କଣାସ ବ୍ଲକ ଅନ୍ତର୍ଗତ ନୀଳାଚଳ ସେବା ପ୍ରତିଷ୍ଠାନ ପରିସରରେ ଲିଙ୍ଗଗତ ସମ୍ବେଦନଶୀଳତା ପଞ୍ଚାୟତ ବିକାଶ ଯୋଜନା ଦକ୍ଷତା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଜିତେନ୍ଦ୍ର ହରିଚନ୍ଦନ ଯୋଗଦେଇ ପଞ୍ଚାୟତର ବିକାଶ ପାଇଁ ସରପଞ୍ଚ, ୱାର୍ଡମେମ୍ବର ଓ ସମିତି ସଭ୍ୟ କୌଣସି ରାଜନୈତିକ ଉଦ୍ଦେଶ୍ୟ ନ ରଖି କାର୍ଯ୍ୟକଲେ ପଞ୍ଚାୟତର ବିକାଶ ହୋଇପାରିବ ବୋଲି କହିଥିଲେ।

### ସତ୍ୟବାଦୀରେ କୃଷକ ଦିବସ

ସାକ୍ଷୀଗୋପାଳ, ୨୩।୧୨(ଡି.ଏନ୍.ଏ.): ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅଧୀନ ଜଳ ପ୍ରବନ୍ଧନ ସଂସ୍ଥାନ ପକ୍ଷରୁ ସୋମବାର ସତ୍ୟବାଦୀ ବ୍ଲକ ଆଲିଶ ଗ୍ରାମରେ କୃଷକ ଦିବସ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସଂସ୍ଥାନର ନିର୍ଦ୍ଦେଶକ ଡ. ସୁନୀଲ କୁମାର ଅମ୍ବଷ୍ଟ ଯୋଗଦେଇ ପ୍ରତିକୂଳ ପରିସ୍ଥିତିରେ କିଭଳି ଚାଷ କରାଯାଇ ପାରିବ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଡ.ଗୌରାଙ୍ଗ କର, ଡ.ଆତ୍ମାରାମ ମିଶ୍ର, ଡ.ସଚିନ ରାଉତରାୟ, ଡ.ହେମନ୍ତ କୁମାର ଦାଶ, ଡ. ଦିଲୀପ କୁମାର ପଣ୍ଡା, ଡ. ଓମ୍ ପ୍ରକାଶ ବର୍ମା ପ୍ରମୁଖ ଯୋଗଦେଇ କୃଷିକ୍ଷେତ୍ରରେ ଜଳ ପରିଚାଳନା ସମ୍ପର୍କରେ ଉପସ୍ଥିତ ଚାଷୀମାନଙ୍କୁ ପରାମର୍ଶ ଦେଇଥିଲେ। ଡ. ଦେବବ୍ରତ ସେଠୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଆନ୍ତଃ କ୍ଲବ ଫୁଟବଲ

ପୁରୀ ଅଫିସ, ୨୩।୧୨ : ନିତା ଫୁଟବଲ ଏକାଡେମୀ ଆନୁକୂଲ୍ୟରେ ୪ର୍ଥ ରାଜ୍ୟସ୍ତରୀୟ ଆନ୍ତଃ କ୍ଲବ ଫୁଟବଲ ଟୁର୍ଣ୍ଣାମେଣ୍ଟ ରବିବାର ତାଳବଣିଆସ୍ଥିତ ଇନ୍‌ଡୋର ଷ୍ଟାଡିୟମରେ ଉଦ୍‌ଘାଟିତ ହୋଇଛି। ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ଏହା ଚାଲିବ। ଉଦ୍‌ଘାଟନୀ ଦିବସରେ ମୁଖ୍ୟ ଅତିଥି ଭାବେ ଏମ୍‌ପି ପିନାକୀ ମିଶ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ବିଜୟ ସାହୁ, ଆଇନଜୀବୀ ପ୍ରେମାନନ୍ଦ ମହାନ୍ତି, ଜିଲା କ୍ରୀଡ଼ାଧିକାରୀ ଚନ୍ଦନ ସାହୁ, ସାମାଜିକ କର୍ମୀ ଦୁର୍ଗାପ୍ରସାଦ ପଟ୍ଟନାୟକ ଉପସ୍ଥିତ ଥିଲେ। ନିତା ଫୁଟବଲ ଏକାଡେମୀ ଓ ଭୁବନେଶ୍ୱର ୟୁନିଟ୍-୬ ଆଥ୍‌ଲେଟିକ ଆସୋସିଏଶନ ମଧ୍ୟରେ ମ୍ୟାଚ ହୋଇଥିଲା। ଭୁବନେଶ୍ୱର ଟିମ୍ ୨-୧ ଗୋଲ୍‌ରେ ଜିତିଥିଲା। ଧର୍ମେନ୍ଦ୍ର ପ୍ରଧାନ ମ୍ୟାନ୍ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ସେହିପରି ସୋମବାର ୨ୟ ଦିବସରେ ଜଗା ୟୁନାଇଟେଡ ଭୁବନେଶ୍ୱର ଓ ଇଷ୍ଟକୋଷ୍ଟ ରେଲୱେ, ଖୋର୍ଦ୍ଧା ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଇଷ୍ଟକୋଷ୍ଟ ଟ୍ରାଇ ବ୍ରେକରରେ ୪-୨ ଗୋଲରେ ବିଜୟ ହାସଲ କରିଛି। ସୌମ୍ୟରଞ୍ଜନ ଦାସ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ। ରାମ ନାୟକ, ଜଗଲୁର ମହମ୍ମଦ, ଶୁଭେନ୍ଦୁ ସାହୁ ଓ ସସ୍ମିତା ଘଟୁଆରୀ ମ୍ୟାଚ ପରିଚାଳନା କରିଥିଲେ। ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ ମୁଖ୍ୟଅତିଥି, ନୀତା ଏକାଡେମୀ ଚେୟାରମ୍ୟାନ ସୁବ୍ରତ ଦାସ, ସଞ୍ଜୀବ କୁମାର ମୁଖାର୍ଜୀ, ଆଇନଜୀବୀ ସ୍ୱପ୍ନାନନ୍ଦ ପଟ୍ଟନାୟକ, ସାମାଜିକ କର୍ମୀ ସଂଗ୍ରାମ କେଶରୀ ରଥ, କ୍ରୀଡାବିତ୍ ନୀଳକଣ୍ଠ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।

### ନାଟକ ମଞ୍ଚସ୍ଥ

ପୁରୀ ଅଫିସ, ୨୩।୧୨: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ରବିବାର ପରିବେଷିତ ହୋଇଯାଇଛି ନାଟକ 'ଆମେ ଗୋଟିଏ ପକ୍ଷୀର ପର'। ଅନୀତା କଲଚରାଲ ଏକାଡେମୀ ଦ୍ୱାରା ପରିବେଷିତ ଏବଂ ବିଜୟଲକ୍ଷ୍ମୀ ପଟ୍ଟନାୟକଙ୍କ ରଚିତ ଏହି ନାଟକର ନିର୍ଦ୍ଦେଶନା ଦେଇଥିଲେ ପତିତ ପରିଡା। ବିଭିନ୍ନ ଭୂମିକାରେ ଅନୀତା, ବିଜୟ, ଗୁଡ୍ଡି, ଚିକୁ, ବାଦଲ, ଜଗନ୍ନାଥ, ଆକାଶ, ପିଣ୍ଟୁ, ସୋନାଲି, ଲୋରି ପ୍ରମୁଖ ଅଭିନୟ କରିଥିଲେ।

# ସିଂହଦ୍ୱାରର ନୂଆରୂପ ଦେଖିବେ ଭକ୍ତ

■ ଆରମ୍ଭ ହେଲା ପେଣ୍ଟିଂ, ଚାଲିଛି ବ୍ୟାରିକେଡ ନିର୍ମାଣ

ପୁରୀ ଅଫିସ, ୨୩।୧୨:

ବଦଳୁଛି ଶ୍ରୀକ୍ଷେତ୍ର। ବଡ଼ଦାଣ୍ଡ ହେଉ ଅବା ସିଂହଦ୍ୱାର କିମ୍ବା ବେଳାଭୂମି ସବୁକୁ ଧୀରେ ଧୀରେ ସଜାଇ ଦିଆଯାଉଛି। ଆଗକୁ ନୂଆବର୍ଷ। ଶ୍ରଦ୍ଧାଳୁ, ପର୍ଯ୍ୟଟକ ଏବଂ ତୀର୍ଥଯାତ୍ରୀଙ୍କୁ ଏକ ନିଆରା ଅନୁଭବ ଦେବା ପାଇଁ କାମ ଚାଲିଛି। ସିଂହଦ୍ୱାରକୁ ଅଧିକ ଆକର୍ଷଣୀୟ କରାଯାଉଛି। ଶ୍ରୀମନ୍ଦିର ଚତୁଃପାର୍ଶ୍ୱକୁ ଅବରୋଧମୁକ୍ତ କରାଯାଇଛି। ପରିକ୍ରମା ମାର୍ଗରେ ବୁଲିବା ବେଳେ ଶ୍ରଦ୍ଧାଳୁ ଯେପରି ବାହାରୁ ବି ଶ୍ରୀମନ୍ଦିର ସୌନ୍ଦର୍ଯ୍ୟ ଦର୍ଶନ କରିପାରିବେ ସେଥିଲାଗି ବ୍ୟବସ୍ଥା କରାଯାଇଛି। ସ୍ନାନମଣ୍ଡପରେ ଥିବା ଲୁହାପାଇପ ଖୋଲାଯାଇଥିବା ବେଳେ ସିଂହଦ୍ୱାର ଦୁଇପାର୍ଶ୍ୱରେ ଥିବା ହାଇମାଷ୍ଟ ଲାଇଟ୍ ମଧ୍ୟ ଖୋଲି ଦିଆଯାଇଛି। ଉଜ୍ଜ୍ୱଳ ଆଲୋକମାଳାରେ ଝଟକୁଛି ବଡ଼ଦେଉଳ। ବିଶେଷକରି ଶ୍ରୀମନ୍ଦିର ଚତୁଃପାର୍ଶ୍ୱରୁ ୭୫ ମିଟର ଉଚ୍ଛେଦ ଅଭିଯାନ ଆରମ୍ଭ ହେବା ପରେ ଧୀରେ ଧୀରେ ଶ୍ରୀମନ୍ଦିରର ସୌନ୍ଦର୍ଯ୍ୟ ଦ୍ୱିଗୁଣିତ ହୋଇଛି। ନୂଆବର୍ଷ ପୂର୍ବରୁ ସିଂହଦ୍ୱାର ଅଞ୍ଚଳକୁ ନୂଆ ରୂପ ଦେବା ପାଇଁ ଜୋର୍‌ଦାର କାମ ଚାଲିଥିବାବେଳେ ସୋମବାର ପେଣ୍ଟିଂ କାମ ବି ଆରମ୍ଭ ହୋଇଛି।

ପ୍ରାୟ ୪ ମାସ ପୂର୍ବରୁ ସିଂହଦ୍ୱାର ସମ୍ମୁଖ ଚିତ୍ର ବେଶ୍ ଭିନ୍ନ ଥିଲା। ସମ୍ମୁଖରେ ଉଠାଦୋକାନୀ, ବ୍ୟବସାୟ ପ୍ରତିଷ୍ଠାନ, ଭିକାରୀଙ୍କ ଗହଳି ଲାଗୁଥିଲା। ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡ ଦେଇ ଯା' ଆସ କରିବାରେ ମଧ୍ୟ ସମସ୍ୟା ଉପୁଜୁଥିଲା। ହେଲେ ଆଜି ବଦଳି ଯାଇଛି ଚିତ୍ର। ତେବେ ସିଂହଦ୍ୱାର ହେଉ ଅବା ମନ୍ଦିର ଚତୁଃପାର୍ଶ୍ୱ ଆଉ ପୂର୍ବଭଳି ଗହଳି ନାହିଁ। ସ୍ୱାଭାବିକ ଭାବେ ଚଳପ୍ରଚଳ କରୁଛନ୍ତି ଶ୍ରଦ୍ଧାଳୁ। ସିଂହଦ୍ୱାର ସମ୍ମୁଖ ବଡ଼ଦାଣ୍ଡରେ ବସି ପ୍ରତ୍ୟହ ନୀଳଚକ୍ରରେ ପତିତପାବନ ବାନା ବନ୍ଧାର ଦୃଶ୍ୟ ଉପଭୋଗ କରୁଛନ୍ତି। ସନ୍ଧ୍ୟାରେ ଠାଏ ଠାଏ ବସି ମହାପ୍ରଭୁଙ୍କୁ ସ୍ମରଣ କରୁଛନ୍ତି। ଲଙ୍ଗୁଳି ମଠ, ଏମାର ମଠ ଚକଡା, ବଡ଼ଆଖଡା ମଠ, ମଙ୍ଗୁ ମଠ ଏବଂ ସାନଛତା ମଠ ଭଙ୍ଗାଯିବା ପରେ ପ୍ରଶସ୍ତ ଜାଗା ବାହାରିଛି। ଏହି ଜାଗାକୁ ସମତଳ କରାଯାଇ ଟାଇଲ ପକାଯାଇଛି। ବ୍ୟାରିକେଡିଂ କରାଯାଇଥିବା ଅଞ୍ଚଳକୁ ଆକର୍ଷଣୀୟ ଭାବେ ସଜା ଯାଉଛି। ସିଂହଦ୍ୱାରରେ ଥିବା ଶେଡ୍‌କୁ ପୂର୍ବ ପାର୍ଶ୍ୱକୁ ଘୁଞ୍ଚାଇ ନୂତନ ଶେଡ୍ ତିଆରି ଚାଲିଛି। ବିଭିନ୍ନ ପ୍ରକାର ବୃକ୍ଷରାଜିରେ ସବୁଜିମା ସୃଷ୍ଟି କରାଯାଇଛି। ନୂତନ ବ୍ୟାରିକେଡ କଡ଼ରେ ଗଛର କୁଣ୍ଡ ସଜାଇ ରଖାଯାଇଥିବାବେଳେ ଲଙ୍ଗୁଳି ମଠ ଜାଗାରେ ବି ଫୁଲକୁଣ୍ଡ ଶୋଭାପାଉଛି। ନୂତନ ବ୍ୟାରିକେଡ କଡ଼ରୁ ମନ୍ଦିର ପଟକୁ ୪୨ ଫୁଟ ଚଉଡ଼ା ଏବଂ ପ୍ରାୟ ୨୭୦ ଫୁଟ ଲମ୍ବରେ ବଡ଼ଦାଣ୍ଡ ଉପରେ ପେଣ୍ଟିଂ କରାଯିବ। ଶ୍ରଦ୍ଧାଳୁମାନେ ବ୍ୟାରିକେଡ ଦେଇ ଯିବାବେଳେ ଏହି ପେଣ୍ଟିଂକୁ ଦେଖିପାରିବେ। ଏଥିଲାଗି ସୋମବାର ସନ୍ଧ୍ୟାରେ ବକୁଳ ଫାଉଣ୍ଡେଶନ ପକ୍ଷରୁ କାମ ଆରମ୍ଭ ହୋଇଛି। ପ୍ରଥମେ ଧଳା ରଙ୍ଗ ମରାଯାଉଛି। ଏହା ଶୁଖିଗଲା ପରେ ଏଥିରେ ଟେରାକୋଟା ରଙ୍ଗ ଦିଆଯିବ। ପରେ ଧଳା ରଙ୍ଗର ଫୁଲ ଚିତ୍ର କରାଯିବ। ଏହି ୪୨ ଫୁଟ ଚଉଡ଼ା ମଝିରେ ୮ଫୁଟ ଗୋଲେଇର ୪ଟି ଫୁଲ ରହିବ ଏବଂ ଦୁଇପାର୍ଶ୍ୱରେ ବର୍ଡ଼ର ରଖାଯିବ। ସ୍ମୃତିକାନ୍ତ ରାଉତ ଓ ଟିମ୍ ଏହି ପେଣ୍ଟିଂ କରୁଛନ୍ତି। ଏଥିରେ ୧୫ ଜଣ ଆର୍ଟିଷ୍ଟ ଏବଂ ୫ ଜଣ ଶ୍ରମିକ ନିୟୋଜିତ ଥିବାବେଳେ ୨୮ ତାରିଖ ସୁଦ୍ଧା କାମ ସାରିବାକୁ ଲକ୍ଷ୍ୟ ରଖାଯାଇଛି।



ସିଂହଦ୍ୱାରା ସମ୍ମୁଖ ବଡ଼ଦାଣ୍ଡକୁ ରଙ୍ଗ କରାଯାଉଛି।



ପ୍ରସ୍ତାବିତ ପ୍ରକଳ୍ପର ନକ୍ସା।

**ଆସୁଛି ନୂଆବର୍ଷ**

■ ଜାତୀୟ ପ୍ରତିଯୋଗିତା 'ହୌସ୍‌ଲା'

# ଶିଶୁ ଯତ୍ନ ଅନୁଷ୍ଠାନର ବିରାମଙ୍କୁ ସ୍ୱର୍ଣ୍ଣ

ପୁରୀ ଅଫିସ, ୨୩।୧୨:

ନୂଆଦିଲ୍ଲୀରେ ଅନୁଷ୍ଠିତ ହୌସ୍‌ଲା-୨୦୧୯ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ପୁରୀ ଜିଲା ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀ ବିରାମ ହେମ୍ବ୍ରମ (୧୦୦X୪ମିଟର) ରିଲେ ଦୌଡ଼ (୧୪ ବର୍ଷରୁ କମ୍)ରେ ପ୍ରଥମ ସ୍ଥାନ ହାସଲ କରି ସ୍ୱର୍ଣ୍ଣପଦକ ବିଜୟୀ ହୋଇଛନ୍ତି। ଡିସେମ୍ବର ୧୯ରୁ ୨୨ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଦେଶର ଶତାଧିକ ପ୍ରତିଯୋଗୀଙ୍କୁ ପଛରେ ପକାଇ ବିରାମ ଜିଲା ଓ ରାଜ୍ୟ ପାଇଁ ଏହି ଗୌରବ ଆଣିଛନ୍ତି। ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ଅନ୍ତେବାସୀ କୌଣସି ଗୁଣରେ କମ୍ ନୁହଁନ୍ତି, ଏହା ପ୍ରମାଣିତ କରିଛନ୍ତି ବିରାମ। ସୋମବାର ସେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ତାଙ୍କୁ ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଏବଂ ପୁରୀ ଜିଲା ପ୍ରଶାସନ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ସମସ୍ତଙ୍କ ଶ୍ରଦ୍ଧା ଓ ପ୍ରେରଣା ଏବଂ ନିଜର ଦୃଢ଼ ମନୋବଳ ତାଙ୍କୁ ଏତେ ବାଟ ଆଣିଛି ବୋଲି ବିରାମ କହିଛନ୍ତି।



ବିରାମ ହେମ୍ବ୍ରମଙ୍କୁ ପୁଷ୍ପଗୁଚ୍ଛ ଦିଆଯାଇ ସ୍ୱାଗତ କରାଯାଉଛି।

ରାଜ୍ୟ ମହିଳା ଓ ଶିଶୁ ବିକାଶ ଏବଂ ମିଶନ୍ ଶକ୍ତି ଦ୍ୱାରା ପରିଚାଳିତ ପୁରୀ ଜିଲା ଶିଶୁ ଯତ୍ନ ଅନୁଷ୍ଠାନ 'ଦୌପଦୀ ମହିଳା ସମିତି'ର ଅନ୍ତେବାସୀ ହେଉଛନ୍ତି ବିରାମ। ପୂର୍ବରୁ ସେ ଜିଲା ଓ ରାଜ୍ୟସ୍ତରୀୟ ୨ଶହ ମିଟର ରିଲେ ଦୌଡ଼ରେ ପ୍ରଥମ ହୋଇ ଜାତୀୟ ସ୍ତରକୁ ମନୋନୀତ ହୋଇଥିଲେ। ଜାତୀୟ ସ୍ତରରେ ପ୍ରଥମ ହେବା ପରେ ଆଗାମୀ ଦିନରେ କ୍ରୀଡ଼ା କ୍ଷେତ୍ରରେ ଆହୁରି ସଫଳତା ପାଇବାକୁ ଲକ୍ଷ୍ୟ ରଖିଛନ୍ତି ବୋଲି ବିରାମ କହିଛନ୍ତି। ତାଙ୍କର ଏହି ସଫଳତା ବିଭିନ୍ନ ଶିଶୁ ଯତ୍ନ ଅନୁଷ୍ଠାନର ଅନ୍ତେବାସୀଙ୍କୁ ଉତ୍ସାହ ଓ ପ୍ରେରଣା ଯୋଗାଇବ ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ କହିଛନ୍ତି।



ଓଡ଼ିଶା ଲୋକାୟୁକ୍ତ ଅଧ୍ୟକ୍ଷ ଜଷ୍ଟିସ୍ ଅଜିତ୍ ସିଂ ସସ୍ତ୍ରୀକ ସୋମବାର ଶ୍ରୀମନ୍ଦିରରୁ ଶ୍ରୀଜୀଉଙ୍କ ଦର୍ଶନ ସାରି ଫେରୁଛନ୍ତି।

## ପୁରୀ ବାଳାଶ୍ରମରୁ ଖସି ପଳାଇଥିବା ନାବାଳକ ଭୁବନେଶ୍ୱରରୁ ଉଦ୍ଧାର

ଭୁବନେଶ୍ୱର, ୨୩।୧୨(ବ୍ୟୁରୋ)

ପୁରୀ ବାଳାଶ୍ରମରୁ ଖସିଆସିଥିବା ଜଣେ ନାବାଳକଙ୍କୁ ଭୁବନେଶ୍ୱର ଚାଇଲ୍ଡଲାଇନ ଗତ ୧୯ତାରିଖରେ ରେଲୱେ ଷ୍ଟେଶନରେ ବୁଲୁଥିବାବେଳେ ଉଦ୍ଧାର କରିଛି। ଭୁବନେଶ୍ୱର ଚାଇଲ୍ଡ ଲାଇନ ଅଧିକାରୀ ବେଣୁଧର ସେନାପତିଙ୍କ ସୂଚନା ମୁତାବକ ଉକ୍ତ ନାବଳକ ପୁରୀ ଶିଶୁ ଯତ୍ନ ଗୃହରେ ରହୁଥିବାରୁ ତାଙ୍କୁ ନେପାଳ ପଠାଇବା ନେଇ ସମସ୍ତ ପ୍ରକ୍ରିୟା ପୁରୀର ଆରମ୍ଭ ହେବ। ତେଣୁ ତାଙ୍କୁ ପୁରୀ ବାଳାଶ୍ରମକୁ ପଠାଇଦିଆଯିବ। ନେପାଳରୁ ୨ ଜଣ ନାବଳକ ଆସି ପୁରୀରେ ପହଞ୍ଚିଥିଲେ। ସେମାନଙ୍କୁ ଚାଇଲ୍ଡଲାଇନ ଏବଂ ଶିଶୁ ସୁରକ୍ଷା ୟୁନିଟ ଉଦ୍ଧାର କରି ସିଡବ୍ଲ୍ୟୁସିରେ ହାଜର କରିବା ପରେ ଶିଶୁ ଯତ୍ନ ଅନୁଷ୍ଠାନରେ ରଖାଯାଇଥିଲା। ଅନେକ ଦିନ ଧରି ସେଠାରେ ରହିବା ପରେ କୌଣସି କାରଣରୁ ଜଣେ ନାବାଳକ ଖସି ଆସିଥିଲେ। ମାତ୍ର ବିଶେଷ ସୂତ୍ରରୁ ମିଳିଥିବା ସୂଚନା ମୁତାବକ, ଫେରାର ହୋଇଥିବା ନେପାଳର ନାବାଳକ ସେଠାରେ ମାସ ମାସ ଧରି ରହିବା ମଧ୍ୟରେ ଅନେକ ଥର ଖସିଯିବାକୁ ଉଦ୍ୟମ କରି ବିଫଳ ହୋଇଥିଲେ। ପୂର୍ବରୁ ଉକ୍ତ ବାଳାଶ୍ରମରୁ ଅନେକ ଅନ୍ତେବାସୀ ଫେରାର ହୋଇଥିବା ନଜରକୁ ଆସିଛି। ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରି ନିରୀହ ଶିଶୁଙ୍କୁ ତୁରନ୍ତ ନ୍ୟାୟ ପ୍ରଦାନ କରାଯାଉ ବୋଲି ବୁଦ୍ଧିଜୀବୀମାନେ ଦାବି କରିଛନ୍ତି। ଏ ନେଇ ପୁରୀ ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ କୁହନ୍ତି, ଉଦ୍ଧାର ୨ ନାବାଳକଙ୍କ ସମ୍ପର୍କରେ ଜଣାପଡିବା ପରେ ଜିଲା ପ୍ରଶାସନ ଜରିଆରେ ନେପାଳ ସରକାରଙ୍କୁ ଚିଠି ଲେଖାଯାଇଛି। କିନ୍ତୁ ସେଠାରୁ ବର୍ତ୍ତମାନ ସୁଦ୍ଧା କୌଣସି ଉତ୍ତର ଆସି ନ ଥିବାରୁ ଦୂତାବାସ ସହ ଯୋଗାଯୋଗ କରାଯିବ ବୋଲି କହିଥିଲେ।

■ବିଜୁ ସଂଗ୍ରହାଳୟ, ଡାକୋଟା ବିମାନ ଆଣିବା ପ୍ରସଙ୍ଗ

# ବିଭିନ୍ନ ସଙ୍ଗଠନର ସମର୍ଥନ

ପୁରୀ ଅଫିସ, ୨୩।୧୨:

ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ମୃତି ସହ ଜଡ଼ିତ ଡାକୋଟା ବିମାନ ଏବେ କୋଲକାତାର ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଅନ୍ତର୍ଜାତୀୟ ବିମାନ ବନ୍ଦରରେ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଏହି ବିମାନ ପାଇଁ ଓଡ଼ିଆ ପୁଅ ବିଜୁବାବୁ ଦିନେ ବିଶ୍ୱବାସୀଙ୍କୁ ଚମକାଇ ନିଜ ଦୁଃସାହସିକତାର ପ୍ରମାଣ ଦେଇଥିଲେ। ଡାକୋଟା ବିମାନ ମାଧ୍ୟମରେ ସେ ଅତ୍ୟନ୍ତ ଚତୁରତାର ଅଭିଯାନ ଚଳାଇ ୧୯୪୭ ଜୁଲାଇ ୨୨ରେ ଇଣ୍ଡୋନେସିଆର ତତ୍କାଳୀନ ପ୍ରଧାନମନ୍ତ୍ରୀ ସୁଲତାନ ସାହରିରଙ୍କୁ ଜାଭା ଦ୍ୱୀପରୁ ଡଚ୍ ସେନା କବଳରୁ ମୁକ୍ତ କରି ନେଇଆସିଥିଲେ। ହେଲେ ବିଜୁବାବୁଙ୍କ ପ୍ରିୟ ଡାକୋଟା ବିମାନକୁ ଏବେ ସ୍କ୍ରାପ୍ ଦରରେ ବିକ୍ରି କରିବାକୁ ଯୋଜନା କରାଯାଉଛି। ଏ ନେଇ ଶ୍ରୀଜଗନ୍ନାଥ ସେନା କେନ୍ଦ୍ର ବିମାନ ଚଳାଚଳ ମନ୍ତ୍ରୀଙ୍କୁ ଭେଟିବା ପରେ ଏହାକୁ ଓଡ଼ିଶା ଅଣାଯିବା ସମ୍ଭାବନା ସୃଷ୍ଟି ହୋଇଛି। ତେବେ ଏହି ବିମାନ ଏବଂ ସ୍ୱର୍ଗଦ୍ୱାରରୁ ଉଚ୍ଛେଦ ହୋଇଥିବା ବିଜୁବାବୁଙ୍କ ସମାଧି ଏକାଠି ଗୋଟିଏ ସ୍ଥାନରେ ରଖାଯିବା ଦରକାର ବୋଲି କହିଛି ଶ୍ରୀଜଗନ୍ନାଥ ସେନା। ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ସ୍ୱର୍ଗଦ୍ୱାରରେ ଥିବା ବିଜୁବାବୁଙ୍କ ସମାଧି ସ୍ଥଳରୁ ବାଲି, ମାଟି ସଂଗ୍ରହ କରାଯାଇ ଅର୍ବାନ ହାଟରେ ସାଇତି ରଖାଯାଇଛି। ଏହି ଅର୍ବାନ ହାଟକୁ ବିଜୁ ପଟ୍ଟନାୟକ ସଂଗ୍ରହାଳୟ ନାମରେ ନାମିତ କରିବା ପାଇଁ ସେନା ଦାବି କରୁଛି। ଏଠାରେ ଡାକୋଟା ବିମାନ, ସମାଧି ଏବଂ ବିଜୁବାବୁଙ୍କ ସମ୍ପର୍କିତ ବିଭିନ୍ନ ସାମଗ୍ରୀ ରଖିଲେ ଏହା ପର୍ଯ୍ୟଟକଙ୍କ ଆକର୍ଷଣ ହେବ। ସେନାର ଏହି ପ୍ରୟାସକୁ କେତେକ ଦଳ ଓ ଗଣ ସଙ୍ଗଠନ ସମର୍ଥନ କରିଥିବା ପଟ୍ଟନାୟକ କହିଛନ୍ତି। ଏହି ଉଦ୍ୟମକୁ ସଫଳ କରିବା ଲାଗି ପ୍ରଧାନମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ହସ୍ତକ୍ଷେପ ଲୋଡ଼ାଯାଇଛି ବୋଲି ସେ ପ୍ରକାଶ କରିଛନ୍ତି।

## କୋଣାର୍କ ହୋଟେଲ ମାଲିକ ସଂଘର ସଂକଳ୍ପ ସଭା



ସଂକଳ୍ପ ସଭାରେ ହୋଟେଲ ମାଲିକ ସଂଘର କର୍ମକର୍ତ୍ତାମାନେ।

କୋଣାର୍କ, ୨୩।୧୨(ଡି.ଏନ୍.ଏ.)

କୋଣାର୍କସ୍ଥିତ ପ୍ରେମ କନଭେନଶନରେ କୋଣାର୍କ ହୋଟେଲ ମାଲିକ ସଂଘ ପକ୍ଷରୁ ଏକ ସଂକଳ୍ପ ସଭା ଅନୁଷ୍ଠିତ ହୋଇଯାଇଛି। ସଂଘ ସଭାପତି ବାଦଲ ଦାଶଙ୍କ ସଭାପତିତ୍ୱରେ ଆହୂତ ସଭାରେ ମୁଖ୍ୟଅତିଥି ଭାବେ କୋଣାର୍କ ଥାନାଧିକାରୀ ସଞ୍ଜୀବ ପ୍ରଧାନ ଯୋଗଦେଇ କୋଣାର୍କକୁ ଶ୍ରେଷ୍ଠ ସହରରେ ପରିଣତ କରିବା ପାଇଁ ସମସ୍ତ ମାଲିକଙ୍କୁ ସହଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ସ୍ୱେଚ୍ଛାସେବୀ ହରିଶ୍ଚନ୍ଦ୍ର ଦାଶ, ଫିଡ୍‌ବ୍ୟାକ ଅଧିକାରୀ ପ୍ରମୋଦ ପାଣି, ଭରତକାନ୍ତ ଦ୍ୱିବେଦୀ, ପ୍ରମୋଦ ପାଠକ, ସାମାଜିକ କର୍ମୀ ରାମକୃଷ୍ଣ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅତିଥିମାନେ ମୋ କୋଣାର୍କ ସ୍ୱଚ୍ଛ କୋଣାର୍କ, ମୋ କୋଣାର୍କ ଶ୍ରେଷ୍ଠ କୋଣାର୍କ ସମ୍ପର୍କରେ ଆଲୋଚନା କରି ସମସ୍ତ ଅତିଥି ଭିନ୍ନ ଭିନ୍ନ ମତ ପ୍ରକାଶ କରିଥିଲେ। ସେଭାରେ ସଂଘର ସାଧାରଣ ସମ୍ପାଦକ ଜମ୍ବେଶ୍ୱର ସାହୁ, କୋଷାଧ୍ୟକ୍ଷ ରବୀନ୍ଦ୍ର ସାହୁ, ସୁଶାନ୍ତ ମହାନ୍ତି, ସୁଧୀର ସେନାପତି ମିଥୁନ ବେହେରା, ସନ୍ତୋଷ କୁମାର ପାତ୍ର, ପ୍ରମୋଦ କୁମାର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ କାର୍ଯ୍ୟକାରୀ ସଭାପତି ସୁବାସ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

■ରାମଚଣ୍ଡୀ ପୀଠରେ ଆର୍ଥିକ ଅନିୟମିତତା ଅଭିଯୋଗ

# ପ୍ରଶାସନ ପାଖରେ ଫେରାଦ ହେଲେ ସେବାୟତ

ପୁରୀ ଅଫିସ, ୨୩।୧୨:

ପୁରୀ-କୋଣାର୍କ ମେରାଇନ ଡ୍ରାଇଭ୍ ରୋଡ୍‌ରେ ରହିଛି ମା' ରାମଚଣ୍ଡୀଙ୍କ ପୀଠ। ଏଠାରେ କାର୍ଯ୍ୟରତ କେତେଜଣ ସେବାୟତ ଏହି ପୀଠରେ ଆର୍ଥିକ ଅନିୟମିତତା ନେଇ ସୋମବାର ଅତିରିକ୍ତ ଜିଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଅଭିଯୋଗରେ ଦର୍ଶାଯାଇଛି, ଏଠାରେ ଥିବା ୩୬୫ଟି ନଡ଼ିଆଗଛରୁ ଆଦାୟ ଟଙ୍କା ମା'ଙ୍କ ପୂଜାର୍ଚ୍ଚନାରେ ବିନିଯୋଗ ହେଉଥିଲା। ଏହାର ଆୟବ୍ୟୟର ହିସାବ ମନ୍ଦିର ପରିଚାଳନା କମିଟିକୁ ଦିଆଯାଉଥିଲା। ବର୍ତ୍ତମାନ ଏଥିରେ ବ୍ୟତିକ୍ରମ ଦେଖାଦେଇଛି। ଆୟବ୍ୟୟ ହିସାବ ଦିଆଯାଉ ନାହିଁ। ପୀଠର ଶୌଚାଳୟ, ଜୋତାଷ୍ଟାଣ୍ଡ, ବଙ୍ଗଳାରୁ ଆଦାୟ ଟଙ୍କା କେଉଁ ବାବଦରେ ଖର୍ଚ୍ଚ କରାଯାଉଛି ତାହା ମନ୍ଦିର କମିଟି ଜାଣିପାରୁ ନାହିଁ। ମନ୍ଦିର ନିକଟରେ ଦୋକାନ ଲିଜ୍ ଏବଂ ଯାନବାହନ ପାର୍କିଂରୁ ଆଦାୟ ଅର୍ଥ ସମ୍ପର୍କରେ ମନ୍ଦିର କମିଟି ଅନ୍ଧାରରେ ରହିଛି। ପୀଠ ଚାରିପଟ ଜବରଦଖଲରେ ରହିଛି। ତୁରନ୍ତ ଏସବୁ ଦିଗରେ ପଦକ୍ଷେପ ନିଆଯିବାକୁ ସେବାୟତମାନେ ଦାବି କରିଛନ୍ତି।

ଏ ନେଇ କୋଣାର୍କ ପର୍ଯ୍ୟଟନ ଅଧିକାରୀ ସରୋଜକାନ୍ତ ପ୍ରଧାନ କହିଛନ୍ତି, ମନ୍ଦିର ବିକାଶ କାର୍ଯ୍ୟରେ ସମସ୍ତଙ୍କର ସହଯୋଗ ରହିଛି। ମନ୍ଦିର ପରିଚାଳନା ନେଇ ଦୁଇଟି କମିଟି ଗଠନ କରାଯାଇଛି। ରାମଚଣ୍ଡୀ ଉନ୍ନୟନ କମିଟି ଏବଂ ବଜାର କମିଟି। ଉନ୍ନୟନ କମିଟିରେ ପୂର୍ବରୁ ରହିଥିବା ସଦସ୍ୟମାନେ ଏବେ ବଜାର କମିଟି ଦାୟିତ୍ୱରେ ରହିଛନ୍ତି। ରାମଚଣ୍ଡୀ ପୀଠର ସର୍ବାଙ୍ଗୀନ ବିକାଶ ଲାଗି ବିଭିନ୍ନ ଯୋଜନା ପ୍ରସ୍ତୁତ ଚାଲିଛି। ସମସ୍ତଙ୍କ ସହଯୋଗରେ ଏହି ବିକାଶ କାର୍ଯ୍ୟ କରାଯିବ। ସେବାୟତମାନେ ଆଣିଥିବା ଅଭିଯୋଗ ଉପରେ ସେମାନଙ୍କ ସହ ଆଲୋଚନା କରାଯିବ ବୋଲି ପ୍ରଧାନ କହିଛନ୍ତି।

## ମଦ ବନ୍ଦ ପାଇଁ ଜିଲାପାଳଙ୍କୁ ଗୁହାରି

ପୁରୀ ଅଫିସ, ୨୩।୧୨:

ମଦ ଯୋଗୁ ଅନେକ ପରିବାର ଉଜୁଡି ଯାଉଛି। ଘରେ ଓ ଗ୍ରାମରେ ଅଶାନ୍ତି ସୃଷ୍ଟି ହେଉଛି। ତେଣୁ ମଦ ବନ୍ଦ ପାଇଁ ଜିଲାପାଳଙ୍କୁ ଗୁହାରି କରିଛନ୍ତି ବ୍ରହ୍ମଗିରି ବ୍ଲକ କପିଳେଶ୍ୱରପୁର ପଞ୍ଚାୟତର ପ୍ରଗତିଶୀଳ ମହିଳା ମଞ୍ଚ। ସୋମବାର ମଞ୍ଚର ସଦସ୍ୟମାନେ ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିରେ ଦର୍ଶାଯାଇଛି, କପିଳେଶ୍ୱରପୁର ଅଞ୍ଚଳରେ ବ୍ୟାପକ ମଦ ବିକ୍ରି ଚାଲିଛି। ଏକ ସାହିରେ ମଦ ପ୍ରସ୍ତୁତ କରାଯାଇ ବିଭିନ୍ନ ଅଞ୍ଚଳକୁ ପଠାଯାଉଛି। ପାନ ଓ ଷ୍ଟେଶନାରୀ ଦୋକାନରେ ମଧ୍ୟ ମଦ ବିକ୍ରି ହେଉଛି। ମଦ୍ୟପ ଓ ଅସାମାଜିକ ଲୋକଙ୍କ ଦୌରାତ୍ମ୍ୟରେ ଝିଅ ବୋହୂମାନେ ଦିନରେ ପଦାକୁ ବାହାରିବାକୁ ଭୟ କରୁଛନ୍ତି। ତୁରନ୍ତ ମଦ ବିକ୍ରି ବନ୍ଦ ପାଇଁ ମଞ୍ଚର ସଦସ୍ୟାମାନେ ଜିଲାପାଳଙ୍କୁ ଗୁହାରି କରିଥିଲେ।



ଜିଲାପାଳଙ୍କୁ ଦାବିପତ୍ର ଦେବାକୁ ଆସିଥିବା ପ୍ରଗତିଶୀଳ ମହିଳା ମଞ୍ଚର ସଦସ୍ୟାମାନେ।

# ନକଲି ରସିଦରେ ଚାଲିଛି ହରିଲୁଟ୍

**ଟୁରାଳି ଟୋଲ୍‌ଗେଟ୍**
■ହେଉନାହିଁ କାର୍ଯ୍ୟାନୁଷ୍ଠାନ
■ଜିଲାପାଳଙ୍କ ନିକଟରେ ଅଭିଯୋଗ

ପୁରୀ ଅଫିସ, ୨୩।୧୨:

ପୁରୀ ନୂଆ ଜଗନ୍ନାଥ ସଡ଼କରୁ ରତ୍ନଚିରା ଟୋଲ୍‌ଗେଟ ଉଠିଯିବା ପରେ ବର୍ତ୍ତମାନ ଟୁରାଳି ଠାରେ ଟୋଲଗେଟ୍ ରହିଛି। ଏହି ଟୋଲଗେଟ୍ କର୍ତ୍ତୃପକ୍ଷ ନକଲି ରସିଦ ଦେଇ ସରକାରୀ ଧାର୍ଯ୍ୟ ଫି'ଠାରୁ ଅଧିକ ଟଙ୍କା ଆଦାୟ କରୁଥିବା ସଦର ଅଞ୍ଚଳର ସନ୍ତୋଷ କୁମାର ମହାନ୍ତି ସୋମବାର ଜିଲାପାଳଙ୍କ ନିକଟରେ ଅଭିଯୋଗ ଆଣିଛନ୍ତି। ଏ ନେଇ ସେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି, ଓଡ଼ିଶା ସେତୁ ଓ ନିର୍ମାଣ ନିଗମ ଲିଃ. ଭୁବନେଶ୍ୱର ପକ୍ଷରୁ (ଆର୍‌ଟିଆଇ ଦ୍ୱାରା) ମିଳିଥିବା ତଥ୍ୟ ଅନୁଯାୟୀ, ୨୦୧୯ ଅଗଷ୍ଟ ୧୦ରୁ ୨୦୨୦ ଅଗଷ୍ଟ ୧୦ ତାରିଖ ପର୍ଯ୍ୟନ୍ତ ଜଣେ ଠିକାଦାର ୩୨ଲକ୍ଷ ୨ଶହ ଟଙ୍କାରେ ଟୁରାଳି ଟୋଲଗେଟ୍‌କୁ ନିଲାମ ନେଇଛନ୍ତି। ଏହି ଫାଟକ ସ୍ଥାପନ ପାଇଁ ରାଜ୍ୟ ପୂର୍ତ୍ତ ବିଭାଗର (ପତ୍ର ସଂଖ୍ୟା ୨୩୪୫/୧୩.୨.୧୯) ନିର୍ଦ୍ଦେଶନାମା ଅନୁଯାୟୀ ଏହି ଟୋଲ୍‌ଗେଟ ସ୍ଥାପନ କରାଯାଇଛି। ଦୁଇଚକିଆ ଓ ଚାରିଚକିଆ ଯାନବାହନ ଯାତାୟାତ ଲାଗି ଦର ଧାର୍ଯ୍ୟ ହୋଇଛି। ଟୋଲ୍‌ଗେଟ୍ ପକ୍ଷରୁ ଦୁଇ ପ୍ରକାର ରସିଦ୍ ଦିଆଯାଉଛି। ତେବେ ଏଥିରେ ରସିଦ୍ ବୁକ୍ ନମ୍ବର, ଫାଟକ ଅତିକ୍ରମ ତାରିଖ, ଯାନ ନମ୍ବର ଉଲ୍ଲେଖ କରାଯାଉ ନାହିଁ। ଅନ୍ୟପଟେ ତିନି ଚକିଆ ଯାନ ଲାଗି ୫ରୁ ୭ଟଙ୍କା, କାର, ଜିପ୍ ଓ ଭ୍ୟାନ୍ ଲାଗି ୧୦ରୁ ୧୫ଟଙ୍କା, ବସ୍, ଟ୍ରକ, ମିନି ବସ, ମିନି ଟ୍ରକ, ଟ୍ରାକ୍ଟର ପିକ୍‌ଅପ ଭ୍ୟାନ୍ ଲାଗି ୨୦ରୁ ୩୦ଟଙ୍କା, ଭାରି ଯାନ ଲାଗି ୨ଶହରୁ ୩ଶହ ଟଙ୍କା ଧାର୍ଯ୍ୟ କରାଯାଇଛି। ମାତ୍ର ଟୋଲ୍‌ଗେଟ୍ କର୍ମଚାରୀ ଧାର୍ଯ୍ୟ ଦରଠାରୁ ତିନିରୁ ଚାରିଗୁଣା ଟଙ୍କା ନେଇ ନକଲି ରସିଦ ଦେଉଛନ୍ତି ବୋଲି ସନ୍ତୋଷ ଅଭିଯୋଗ କରିଛନ୍ତି। ପୂର୍ବରୁ ରତ୍ନଚିରା ଟୋଲ୍‌ଗେଟ କର୍ତ୍ତୃପକ୍ଷ ନକଲି ରସିଦ ଦେଇ ଧାର୍ଯ୍ୟ ଦରଠାରୁ ଅଧିକ ଟଙ୍କା ଆଦାୟ କରିବାରୁ ଉତ୍ତ୍ୟକ୍ତ ଲୋକେ ଟୋଲ୍‌ଗେଟକୁ ଜାଳି ଦେଇଥିଲେ। ଏହାପରେ ସରକାର ରତ୍ନଚିରା ଟୋଲ୍‌ଗେଟକୁ ବନ୍ଦ କରିଦେଇଥିଲେ। ଟୁରାଳି ଟୋଲ୍‌ଗେଟ୍‌ରେ ମଧ୍ୟ ଗ୍ରାହକଙ୍କୁ ନକଲି ରସିଦ ଦେଇ ଟଙ୍କା ହରିଲୁଟ୍ ହେଉଛି ବୋଲି ସନ୍ତୋଷ ଅଭିଯୋଗ ଆଣି ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।